ବର୍ଷ-୨୫, ସଂଖ୍ୟା-୩୦୭
ଭୁବନେଶ୍ୱର
୧୯, ନଭେମ୍ବର, ୨୦୨୫ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 307
Bhubaneswar
19, November, 2025 Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ସୋସିଆଲ୍ ମିଡିଆକୁ
ବାଏ ବାଏ କଲେ
ତନିଷ୍କ ବାଗ୍‌ଚୀ

# ହିଡ଼ମା ସହ ୬ ନକ୍ସଲ ନିପାତ୍

ରାଜମୁନ୍ଦ୍ରି, ୧୮।୧୧(ମହାଭାରତ): ଆନ୍ଧ୍ର ପ୍ରଦେଶର ରାଜମୁନ୍ଦ୍ରୀ ନିକଟବର୍ତ୍ତୀ ଅଲ୍ଲୁରୀ ସୀତାରାମ ରାଜୁ ଜିଲ୍ଲାର ମାରେଡୁମିଲ୍ଲି ଜଙ୍ଗଲ ଅଞ୍ଚଳରେ ସୁରକ୍ଷା ବଳର ଗୁଳି ବିନିମୟରେ ୬ଜଣ ମାଓବାଦୀ ନିହତ ହୋଇଛନ୍ତି । ଏଥିରେ ମୋଷ୍ଟ ୱାଂଟେଡ ମାଓବାଦୀ ନେତା ଏବଂ କେନ୍ଦ୍ରୀୟ କମିଟି ସଦସ୍ୟ ମାଡଭି ହିଡମା ଏବଂ ତାର ପତ୍ନୀ ରାଜକ୍କା ମଧ୍ୟ ରହିଛନ୍ତି। ହିଡମାଙ୍କ ଉପରେ ଏକ କୋଟି ଟଙ୍କା ଏବଂ ତାର ପତ୍ନୀ ଉପରେ ପଚାଶ ଲକ୍ଷ ଟଙ୍କାର ଇନାମ ଘୋଷଣା ହୋଇଥିଲା।

ଆନ୍ଧ୍ର ପ୍ରଦେଶର ପୁଲିସ ମହାନିର୍ଦ୍ଦେଶକ ହରିଶ କୁମାର ଗୁପ୍ତା କହିଛନ୍ତି ଯେ ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ଏବଂ ଓଡିଶା ସୀମାନ୍ତ ଅଞ୍ଚଳରେ ମାଓବାଦୀ କାର୍ଯ୍ୟକଳା ସମ୍ବନ୍ଧୀୟ ସୂଚନା ମିଳିବା ପରେ ମଙ୍ଗଳବାର ସକାଳ ୬ଟାରୁ ସୁରକ୍ଷା ବଳର ତଲାସୀ ଅଭିଯାନ ଚାଲିଥିଲା। ଏହା ପରେ ଉତ୍ତର ଆନ୍ଧ୍ରରେ ହାଇ ଆଲର୍ଟ ଘୋଷଣା କରାଯାଇଥିଲା।ସେ କହିଛନ୍ତି ଯେ ମାରେଡୁମିଲ୍ଲି ଜଙ୍ଗଲ ଅଞ୍ଚଳରେ ମାଓବାଦୀମାନେ ସୁରକ୍ଷା ବଳକୁ ଦେଖି ଗୁଳିଚାଳନା କରିଥିଲେ। ତାହାର ପ୍ରତିକ୍ରିୟାରେ ସୁରକ୍ଷା ବଳ ମଧ୍ୟ ଜବାବୀ ଗୁଳିଚାଳନା କରିଥିଲେ। ଏହି ଗୁଳି ବିନିମୟରେ ସୁରକ୍ଷା ବଳ ଛଅ ମାଓବାଦୀଙ୍କୁ ମାରି ଦେଇଛନ୍ତି। ନିହତ ଲୋକମାନଙ୍କ ପରିଚୟ ମାଡଭି ହିଡମା, ତାର ପତ୍ନୀ ରାଜକ୍କା, ତାଙ୍କ ସହଯୋଗୀ ମଲ୍ଲା, ଦେଭେ, ଚେଲ୍ଲୁରୀ ନାରାୟଣ ଓରଫ ସୁରେଶ ଏବଂ ଟେକ୍ ଶଙ୍କର ଭାବରେ ହୋଇଛି। ସେ ଆହୁରି କହିଛନ୍ତି ଯେ ହିଡମା ଉପରେ ଏକ କୋଟି ଟଙ୍କା ଓ ତାର ପତ୍ନୀ ରାଜକ୍କାଙ୍କ ଉପରେ ପଚାଶ ଲକ୍ଷ ଟଙ୍କାର ଇନାମ ଘୋଷିତ ଥିଲା। ରାଜକ୍କା ୨୦୧୦ ମସିହାରେ ସୁକମାରେ ୨୫ ଜଣ ସିଆରପିଏଫ ଜବାନ ଶହୀଦ ହୋଇଥିବା ଗୁଳିକାଣ୍ଡରେ ମଧ୍ୟ ଜଡିତ ଥିଲେ। ସୁରକ୍ଷାକର୍ମୀଙ୍କ ସଫଳତାରେ କେନ୍ଦ୍ର ଗୃହ ମନ୍ତ୍ରୀଅମିତ ଶାହା ପ୍ରଶଂସା କରିଛନ୍ତି।

ସେହିପରି ଆନ୍ଧ୍ରପ୍ରଦେଶରେ ମାଓବାଦୀମାନଙ୍କ ଉପରେ ଲକ୍ଷ୍ୟ ସାଧିବା ସମୟରେ ସୁରକ୍ଷାବଳକୁ ମଙ୍ଗଳବାର ଦିନ ଏକ ଅନ୍ୟ ବଡ଼ ସଫଳତା ମିଳିଚି। ସୁରକ୍ଷା ବଳ ସକାଳେ ଏକ ସଂଘର୍ଷରେ ଛଅ ମାଓବାଦୀଙ୍କୁ ମାରିଥିଲା। ଏହାର କିଛି ସମୟ ପରେ ସୁରକ୍ଷାବଳ ରାଜ୍ୟରେ କେତେକ ସ୍ଥାନରେ ଛାପା ମାରି ୩୧ ମାଓବାଦୀଙ୍କୁ ଗିରଫ କରିଛି। ଏ ସମସ୍ତଙ୍କୁ ପଚରାଉଚୁରା କରାଯାଉଛି।ଆନ୍ଧ୍ରପ୍ରଦେଶର ଏଡିଜି ଗୁଇନ୍ଦା ମହେଶ ଚନ୍ଦ୍ର ଲଡ୍ଡା ଅଲ୍ଲୁରୀ ସୀତାରାମାରାଜୁ ଜିଲ୍ଲାର ଏସ୍‌ପି ଅମିତ ବରଦାର ସହିତ ପତ୍ରକାରଙ୍କୁ ସଂଘର୍ଷ ଏବଂ ଗିରଫଦାରିର ପୁରା ବୋରା ଦେଇଛି। ଲଡ୍ଡା କହିଛନ୍ତି ଯେ ମଙ୍ଗଳବାର ସକାଳ ୬.୩୦ରୁ ୭.୦୦ ମଧ୍ୟରେ ଅଲ୍ଲୁରୀ ସୀତାରାମାରାଜୁ ଜିଲ୍ଲାର ମାରେଦୁମିଲ୍ଲି ବନ ଅଂଚଳରେ ସୁରକ୍ଷା ବଳ ଏବଂ ମାଓବାଦୀଙ୍କ ମଧ୍ୟରେ ଗୋଳାବାରି ହୋଇଛି। ଏହି ସଂଘର୍ଷରେ ଛଅ ମାଓବାଦୀ ମୃତ୍ୟୁବରଣ କରିଛନ୍ତି। ଲଡ୍ଡା କହିଛନ୍ତି ଯେ ଗତ ଦୁଇଦିନ ହେଲା ଗୁଇନ୍ଦା ସୂଚନା ଆଧାରରେ ବ୍ୟାପକ ତଲାଶୀ ଅଭିଯାନ ଚଳାଯାଉଛି। ତଲାଶୀ ଅଭିଯାନ ଏବେ ମଧ୍ୟ ଜାରି ରହିଛି। ସେ କହିଛନ୍ତି ଯେ ମାଓବାଦୀଙ୍କ ପାଖରୁ ବିଭିନ୍ନ ପ୍ରକାର ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି।



## କିଏ ହିଡମା

୧୯୮୧ ମସିହାରେ ମଧ୍ୟପ୍ରଦେଶର ସୁକମାରେ ଜନ୍ମଗ୍ରହଣ କରିଥିବା ହିଡମା ପିପୁଲ୍ସ ଲିବରେସନ ଗରିଲା ଆର୍ମିର ଏକ ବାଟାଲିୟନର ନେତୃତ୍ୱ ନେଇଥିଲେ ଏବଂ ସିପିଆଇ ମାଓବାଦୀଙ୍କ ସର୍ବୋଚ୍ଚ ନିଷ୍ପତ୍ତି ଗ୍ରହଣକାରୀ ସଂସ୍ଥା କେନ୍ଦ୍ରୀୟ କମିଟିର ସବୁଠାରୁ ଯୁବ ସଦସ୍ୟ ଥିଲା। ସେ କେନ୍ଦ୍ରୀୟ କମିଟିରେ ବସ୍ତର ଅଞ୍ଚଳର ଏକମାତ୍ର ଆଦିବାସୀ ସଦସ୍ୟ ଥିଲେ। ହିଡମାଙ୍କ ଉପରେ ୫୦ ଲକ୍ଷ ଟଙ୍କାର ପୁରସ୍କାର ଥିଲା ତାର ପତ୍ନୀ ରାଜେ ଓରଫ ରାଜାକ୍କା ମଧ୍ୟ ଏନକାଉଣ୍ଟରରେ ନିହତ ହୋଇଥିବା ଜଣାପଡିଛି। ହିଡମା ଅନେକ ବଡ଼ ମାଓ ଆକ୍ରମଣରେ ତାଙ୍କର ଭୂମିକା ପାଇଁ ଜଣାଶୁଣା। ଏଥିରେ ୨୦୧୦ ମସିହାରେ ଦାନ୍ତେୱାଡାରେ ହୋଇଥିବା ଆକ୍ରମଣ, ଯେଉଁଥିରେ ୭୬ ଜଣ ସିଆରପିଏଫ ଯବାନଙ୍କ ଜୀବନ ଯାଇଥିଲା ଏବଂ ୨୦୧୩ ମସିହାରେ ଝିରମ ଘାଟିରେ ହୋଇଥିବା ଆକ୍ରମଣ, ଯେଉଁଥିରେ ପ୍ରମୁଖ କଂଗ୍ରେସ ନେତାଙ୍କ ସମେତ ୨୭ ଜଣ ଲୋକ ପ୍ରାଣ ହରାଇଥିଲେ। ସେ ୨୦୨୧ ମସିହାରେ ସୁକମା-ବିଜାପୁର ଆକ୍ରମଣରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ, ଯେଉଁଥିରେ ୨୨ ଜଣ ସୁରକ୍ଷା କର୍ମୀ ପ୍ରାଣ ହରାଇଥିଲେ। କୁଖ୍ୟାତ ନକ୍ସଲବାଦୀ ନେତା ମାଡଭି ହିଡମା ଫିଲିପାଇନ୍ସରେ ଗରିଲା ଯୁଦ୍ଧ ଶିଖିଥିଲେ। ମାଓବାଦୀ କେନ୍ଦ୍ରୀୟ କମିଟିର ସଦସ୍ୟ ଏବଂ ପିପୁଲ୍ସ ଲିବରେସନ୍ ଗରିଲା ଆର୍ମିର ବାଟାଲିଅନ୍ ୧ ର ଜଣେ ପ୍ରମୁଖ ବ୍ୟକ୍ତି, କୁଖ୍ୟାତ ନକ୍ସଲବାଦୀ ମାଡଭି ହିଡମା ଆତଙ୍କର ପ୍ରତିଶବ୍ଦ ଥିଲେ। ତାଙ୍କର ରଣନୈତିକ ଦକ୍ଷତା ଏବଂ ନେତୃତ୍ୱ ଯୋଗୁଁ, ସେ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ମାଓବାଦୀ ଚିନ୍ତାଧାରା ପ୍ରସାର କରିବା ପାଇଁ ସ୍କୁଲ ମଧ୍ୟ ପ୍ରତିଷ୍ଠା କରିଥିଲେ। ମଙ୍ଗଳବାର ସକାଳେ ଆନ୍ଧ୍ରପ୍ରଦେଶର ଅଲୁରି ସୀତାରାମରାଜୁ ଜିଲ୍ଲାର ମାରେଡୁମିଲ୍ଲୀ ନିକଟରେ ଏକ ଏନକାଉଂଟରରେ ସୁରକ୍ଷା ବାହିନୀ କୁଖ୍ୟାତ ନକ୍ସଲ ନେତା ମାଡଭି ହିଡମା, ତାଙ୍କ ପତ୍ନୀ ରାଜେ ଓରଫ ରାଜାକ୍କା ଏବଂ ଅନ୍ୟ ପାଂଚ ଜଣ ନକ୍ସଲଙ୍କୁ ହତ୍ୟା କରିଥିଲେ। ଏନକାଉଂଟର ସ୍ଥଳଟି ଛତିଶଗଡ଼-ଆନ୍ଧ୍ର ପ୍ରଦେଶ ସୀମା ନିକଟରେ ଅବସ୍ଥିତ। ଏହି ଏନକାଉଂଟରରେ ନିହତ ନକ୍ସଲ କମାଣ୍ଡର ହିଡମା ଗରିଲା ଯୁଦ୍ଧ ଶିଖିବା ପାଇଁ ଫିଲିପାଇନ୍ସ ଯାତ୍ରା କରିଥିଲେ। ହିଡମାର ନିପାତ ସହିତ, ନକ୍ସଲ ଆନ୍ଦୋଳନ ପ୍ରାୟତଃ ଭୁଶୁଡ଼ି ପଡ଼ିଛି। ଏହି କୁଖ୍ୟାତ ନକ୍ସଲ ନେତାଙ୍କ ନିହତ ହେବା ପରେ ସୁରକ୍ଷା ବାହିନୀ ଖୁସି ଥିବା ବେଳେ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏହି ସଫଳତା ପାଇଁ ସୁରକ୍ଷା ବାହିନୀକୁ ଅଭିନନ୍ଦନ ଜଣାଇଛନ୍ତି।

# ଅଲିଭ ରିଡଲେଙ୍କ ଅଣ୍ଡାଦାନ ଆରମ୍ଭ

କାକଟପୁର/ଅସ୍ତରଙ୍ଗ, ୧୮।୧୧ (ମହାଭାରତ): ଅଲିଭ ରିଡ୍ଲେ କଇଁଛଙ୍କ ଅନ୍ୟତମ ଏନ୍ତୁଡ଼ିଶାଳ କୁହାଯାଉଥିବା ଅସ୍ତରଙ୍ଗ ଦେବୀ ନାସିରେ ଚାଲିଛି ପ୍ରଜନନ ଋତୁ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଦେବୀ ନଦୀ ମୁହାଁଣରେ ଆରମ୍ଭ ହୋଇଛି ବିରଳ ଅଲିଭ ରିଡଲେ କଇଁଛଙ୍କ ଅଣ୍ଡାଦାନ। ଏ ବର୍ଷ ରେକର୍ଡ ସଂଖ୍ୟକ କଇଁଛ ଆସିଥିବା ଅନୁମାନ କରାଯାଉଛି। ଦେବୀ ନଦୀ ନିକଟ କେଲୁଣୀ ମୁହାଁଣ ସ୍ଥିତ କଅଁରପୁର ଅଂଚଳରେ ଅଲିଭ ରିଡ଼ଲେ କଇଁଛ ଚଳିତ ବର୍ଷର ପ୍ରଥମ ଅଣ୍ଡାଦାନ କରିଛନ୍ତି। ସମୁଦ୍ର କୂଳରେ ପାଟ୍ରୋଲିଂ କରୁଥିବା ବନକର୍ମଚାରୀମାନେ ଏହାକୁ ଠାବ କରିଥିଲେ। ଗୋଟିଏ କଇଁଛ କେଲୁଣୀ ମୁହାଁଣ ନିକଟସ୍ଥ କଅଁରପୁର ଠାରେ କୂଳକୁ ଆସି ୧୨୪ଟି ଅଣ୍ଡା ଦେଇ ଥିବାବେଳେ ସଂଗ୍ରହ ଅଣ୍ଡାକୁ ଅସ୍ଥାୟୀ ହାଚେରୀରେ ସାଇତି ରଖାଯାଇଛି। ତେବେ ଅଣ୍ଡା ଦେବାର ୪୫ଦିନ ପରେ ଏଥିରୁ ଶାବକ ଜନ୍ମ ନେଇ ସମୁଦ୍ର ମୁହାଁ ହେବେ। ସବୁ ବର୍ଷ ଭଳି ଚଳିତ ବର୍ଷ ବନ ବିଭାଗ, ସ୍ୱେଚ୍ଛାସେବୀ ସଂଗଠନ ସୁରକ୍ଷା ପାଇଁ ପଦକ୍ଷେପ ନିଆଯାଇଛି। କିନ୍ତୁ ଅଲିଭ ରିଡଲେ ଜାନୁଆରୀ ଏବଂ ଫେବୃଆରୀ ମାସରେ ଅଣ୍ଡା ଦାନ କରିଥାନ୍ତି।

# ଜିହାଦୀ ଭିଡିଓ କରିଥିଲେ ଡାକ୍ତର ଉମର



ନୂଆଦିଲ୍ଲୀ, ୧୮।୧୧(ମହାଭାରତ): ଦିଲ୍ଲୀ ବିସ୍ଫୋରଣ ଘଟାଇଥିବା ଆତଙ୍କବାଦୀ ମହମ୍ମଦ ଉମର ନବିଙ୍କର ଏକ ନୂତନ ଭିଡିଓ ସାମ୍ନାକୁ ଆସିଛି। ଦିଲ୍ଲୀ ବିସ୍ଫୋରଣ ପୂର୍ବରୁ ଡାକ୍ତର ଉମର ନବି ଏହି ଜିହାଦୀ ଭିଡିଓ ତିଆରି କରିଥିଲେ ଯେଉଁଥିରେ ଆତଙ୍କବାଦୀ ଆତ୍ମଘାତୀ ବିସ୍ଫୋରଣକୁ ସମର୍ଥନ କରୁଥିବାର ଦେଖାଯାଉଛି। ଭିଡିଓରେ, ଆତଙ୍କବାଦୀ ଓମାର ନବି ବୁଝାଇବାକୁ ଚେଷ୍ଟା କରୁଛନ୍ତି, ଆତ୍ମଘାତୀ ବିସ୍ଫୋରଣର ଧାରଣା ଠିକ୍ ଭାବରେ ବୁଝାଯାଇ ନାହିଁ।

ଏହି ଭିଡିଓରେ ଉମର ନବି ଇଂରାଜୀରେ କଥା ହେଉଛନ୍ତି ଭିଡିଓରେ, ଆତଙ୍କବାଦୀ ଡାକ୍ତର ଉମର କ୍ୟାମେରା ସାମ୍ନାରେ ଏକା ବସି ଶାନ୍ତ ଭାବେର ମୁଣ୍ଡ ହଲାଇ ନିଜର ମତାମତ ପ୍ରକାଶ କରୁଛନ୍ତି। ଭିଡିଓରେ, ଆତଙ୍କବାଦୀ ଓମାର ନବି ବୁଝାଇବାକୁ ଚେଷ୍ଟା କରୁଛନ୍ତି ଆତ୍ମଘାତୀ ବିସ୍ଫୋରଣର ଧାରଣାକୁ ଠିକ୍ ଭାବରେ ବୁଝାଯାଇ ନାହିଁ, ଏହାର ବିରୋଧରେ ଅନେକ ବିରୋଧାଭାସ ଏବଂ ବହୁ ଯୁକ୍ତି ରହିଛି। ଲୋକମାନେ କରୁଥିବା ସବୁଠାରୁ ବଡ଼ ଭୁଲ ହେଉଛି ବୋମା ବିସ୍ଫୋରଣ କିମ୍ବା ଆତ୍ମଘାତୀ ବିସ୍ଫୋରଣର ଧାରଣା ପ୍ରକୃତରେ କ'ଣ ତାହା ବୁଝିବାରେ ବିଫଳ ହେବା ବୋଲି ଓମାର କହିଛନ୍ତି।

ସେ କହିଛନ୍ତି, ଆତ୍ମଘାତୀ ଆକ୍ରମଣର ମୁଖ୍ୟ ସମସ୍ୟା ହେଉଛି ଯେତେବେଳେ ଜଣେ ବ୍ୟକ୍ତି ନିଶ୍ଚିତ ହୋଇଯାଏ ଯେ, ସେ ଏକ ନିର୍ଦ୍ଦିଷ୍ଟ ସମୟରେ ଏବଂ ସ୍ଥାନରେ ମରିବେ ସେ ଏକ ବିପଦପୂର୍ଣ୍ଣ ମାନସିକ ସ୍ଥିତିରେ ପ୍ରବେଶ କରନ୍ତି ସେ ବିଶ୍ୱାସ କରିବାକୁ ଆରମ୍ଭ କରନ୍ତି ଯେ, ମୃତ୍ୟୁ ହିଁ ତାଙ୍କର ଏକମାତ୍ର ଲକ୍ଷ୍ୟସ୍ଥଳ।

ଏକ ମିନିଟ ୨୧ ସେକେଣ୍ଡର ଭିଡିଓରେ ଆତ୍ମଘାତୀ ବିସ୍ଫୋରଣ ବିଷୟରେ ତାଙ୍କର ଅଧିକ ଚିନ୍ତାଧାରା ପ୍ରକାଶିତ ହୋଇନାହିଁ ତଥାପି, ଭିଡିଓର ଶେଷରେ, ସେ ଏକ ବିରୋଧାଭାସୀ ବକ୍ତବ୍ୟ ଦେଇଛନ୍ତି ସେ କହିଛନ୍ତି, ସ୍ୱୟ ହେଉଛି ଯେ, ଏପରି ଚିନ୍ତାଧାରା କିମ୍ବା ଏପରି ପରିସ୍ଥିତି କୌଣସି ଗଣତାନ୍ତ୍ରିକ କିମ୍ବା ମାନବିକ ବ୍ୟବସ୍ଥାରେ ଗ୍ରହଣୀୟ ହୋଇପାରିବ ନାହିଁ, କାରଣ ଏହା ଜୀବନ, ସମାଜ ଏବଂ ଆଇନର ମୌଳିକ ନୀତିକୁ ଉଲ୍ଲଂଘନ କରେ ।

ଏହି ଭିଡିଓ ଆତଙ୍କବାଦୀ ଉମରଙ୍କର ମାନସିକ ପ୍ରବୃତ୍ତି ଏବଂ ବିଚାରଧାରା ବୁଝିବାରେ ତଦନ୍ତ ଏଜେନ୍ସିଗୁଡ଼ିକ ପାଇଁ ସହାୟକ ହେବ କେଉଁ କାରଣ ଉମରଙ୍କୁ ଏତେ ବଡ଼ ଆକ୍ରମଣ କରିବାକୁ ପ୍ରେରଣା ଦେଇଥିଲା। ତାହା ଏଜେନ୍ସିଗୁଡ଼ିକ ଜାଣିପାରିବେ ବୋଲି କୁହାଯାଉଛି।

# ୨୦ରେ ବିହାରରେ ଶପଥ ଗ୍ରହଣ

ପାଟନା, ୧୮।୧୧(ମହାଭାରତ): ବିହାରରେ ଏନଡିଏ ସରକାର ଗଠନ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ବୁଧବାର ଏନଡିଏ ବିଧାୟକ ଦଳ ବୈଠକ ପରେ ନୀତୀଶ କୁମାର ରାଜ୍ୟପାଳ ଆରିଫ ମହମ୍ମଦ ଖାଁଙ୍କୁ ସାକ୍ଷାତ କରି ବିଧାୟକଙ୍କ ତାଲିକା ପ୍ରଦାନ କରିବା ସହ ସରକାର ଗଠନ ପାଇଁ ଦାବି କରିବେ। ଶପଥ ଗ୍ରହଣ ସମାରୋହ ୨୦ ନଭେମ୍ବର, ୨୦୨୫ ରେ ସ୍ଥିର ହୋଇଛି। ବୁଧବାର ସକାଳେ ପ୍ରଥମେ ବିହାର ବିଜେପି ବିଧାୟକ ଦଳ ବୈଠକ ବସିବ। ବିଜେପି ରାଜ୍ୟ ମୁଖ୍ୟାଳୟର ଅଟଳ ଅଡିଟୋରିୟମରେ ସକାଳ ୧୦ଟାରେ ବୈଠକ ହେବ। ଏହାପରେ ଜେଡିୟୁ ବିଧାୟକ ଦଳ ବୈଠକ ପୂର୍ବାହ୍ନ ୧୧ଟାରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ବସିବ ଏହା ପରେ, ଏନଡିଏ ବିଧାୟକ ଦଳ ଅପରାହ୍ନ ୩:୩୦ଟାରେ ବିହାର ବିଧାନସଭାର କେନ୍ଦ୍ରୀୟ ହଲରେ ବୈଠକ କରିବେ । ଏହି ବୈଠକରେ , ନୀତୀଶ କୁମାରଙ୍କୁ ଏନଡିଏ ବିଧାୟକ ଦଳର ନେତା ଭାବରେ ନିର୍ବାଚିତ କରାଯିବ।

# ଓଡ଼ିଶାର ୫ ଜିଲ୍ଲାକୁ ଜାତୀୟ ଜଳ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି

ଭୁବନେଶ୍ୱର, ୧୮।୧୧(ମହାଭାରତ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ମଙ୍ଗଳବାର ଷଷ୍ଠ ଜାତୀୟ ଜଳ ପୁରସ୍କାର-୨୦୨୪ ଏବଂ ଜଳ ସଂଚୟ ଜନ ଭାଗୀଦାରୀ ପୁରସ୍କାର ପ୍ରଦାନ କରିଛନ୍ତି। ଜଳ ସଂରକ୍ଷଣ ଏବଂ ପରିଚାଳନା କ୍ଷେତ୍ରରେ ଅନୁକରଣୀୟ କାର୍ଯ୍ୟ ପାଇଁ ୧୦ଟି ବର୍ଗର ମିଳିତ ବିଜେତାଙ୍କ ସମେତ ୪୬ ଜଣ ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତ୍ୟେକ ପୁରସ୍କାର ବିଜେତାଙ୍କୁ ଏକ ପ୍ରଶସ୍ତିପତ୍ର, ଏକ ଟ୍ରଫି ଏବଂ କିଛି ବର୍ଗରେ ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା ।

ଚଳିତ ବର୍ଷ ମୋଟ ୧୦୦ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଏଥିରେ ତିନୋଟି ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ, ୬୭ ଜିଲ୍ଲା, ଛଅଟି ନଗର ନିଗମ, ଗୋଟିଏ ପୌର ସଂସ୍ଥା, ଦୁଇଟି ସହଭାଗୀ ମନ୍ତ୍ରଣାଳୟ/ ବିଭାଗ, ଦୁଇଟି ଶିଳ୍ପ, ତିନୋଟି ଏନଜିଓ, ଦୁଇ ସ୍ୱେଚ୍ଛାସେବୀ ବ୍ୟକ୍ତି ବିଶେଷ ଏବଂ ୧୪ ଜଣ ନୋଡାଲ ଅଧିକାରୀ ଅନ୍ତର୍ଭୁକ୍ତ ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲାଗୁଡ଼ିକୁ ବର୍ଗ ୧ରେ ପ୍ରତ୍ୟେକଙ୍କୁ ୨ କୋଟି ଟଙ୍କା, ବର୍ଗ ୨ ଏବଂ ୩ରେ ଥିବା ଜିଲ୍ଲାଗୁଡ଼ିକୁ ଯଥାକ୍ରମେ ୧ କୋଟି ଟଙ୍କା ଏବଂ ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା ମଧ୍ୟରେ ଓଡିଶାର ଗଞ୍ଜାମ, ମୟୂରଭଞ୍ଜ, କଳାହାଣ୍ଡି, ରାୟଗଡା, କଟକ ତୃତୀୟ ବର୍ଗରେ ପୁରସ୍କୃତ ହୋଇଛନ୍ତି। ଏସବୁ ଜିଲ୍ଲାରେ ବିଭିନ୍ନ ଜଳପ୍ରକଳ୍ପକୁ ସଫଳତାର ପୂର୍ବକ କାର୍ଯ୍ୟକାରୀ କରିବା ଲାଗି ପ୍ରତ୍ୟେକ ଜିଲ୍ଲାକୁ ୨୫ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଗଞ୍ଜାମ ଜିଲ୍ଲାରେ ୯,୪୦୨ଟି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ମୟୂରଭଞ୍ଜ, କଳାହାଣ୍ଡି, ରାୟଗଡା, କଟକ ଜିଲ୍ଲାରେ ଯଥାକ୍ରମେ ୧୫,୧୪୧, ୬,୬୭୮, ୮,୨୩୭, ୫,୫୭୨ ଟି ଲେଖାଏଁ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଏହା ସହିତ, ଜଳ ସଞ୍ଚୟ ଜନ ଭାଗୀଦାରୀ (ଜେଏସଜେବି) ପ୍ରୟାସରେ ଭୂତଳ ଜଳ ପୁନଃଚର୍ଜ ଢାଞ୍ଚା ବିକାଶରେ ଅନୁକରଣୀୟ ଅବଦାନ ପାଇଁ ୧୦୦ ଜଣ ପ୍ରତିଷ୍ଠିତ ପୁରସ୍କାର ପ୍ରାପ୍ତ ବ୍ୟକ୍ତିଙ୍କୁ ପୁରସ୍କୃତ କରାଯାଇଥିଲା କାର୍ଯ୍ୟକ୍ରମଟି ପାରମ୍ପରିକ 'ଜଳ କଳସ' ସମାରୋହ ସହିତ ଆରମ୍ଭ ହୋଇଥିଲା। ସମାବେଶକୁ ସମ୍ବୋଧିତ କରି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ପୁରସ୍କାର ବିଜେତାମାନଙ୍କୁ ପ୍ରଶଂସା କରି କହିଥିଲେ ଯେ, ସେମାନେ ନିଜ ନିଜ କ୍ଷେତ୍ରରେ ଜଳ ସମ୍ବନ୍ଧୀୟ ସମସ୍ୟାର ସମାଧାନ ପାଇଁ ଦୃଢ଼ ପଦକ୍ଷେପ ନେଇଛନ୍ତି ଏବଂ ସେମାନଙ୍କ ପ୍ରୟାସ ମାଧ୍ୟମରେ ସମାଜରେ ଜଳ ବିଷୟରେ ଏକ ନୂତନ ପ୍ରକାରର ସଚେତନତା ସୃଷ୍ଟି କରିଛନ୍ତି ରାଷ୍ଟ୍ରପତି ସମସ୍ତ ପରିବାର ପାଇଁ ନିରାପଦ ପାନୀୟ ଜଳ ସୁନିଶ୍ଚିତ କରିବା, ଗ୍ରାମାଞ୍ଚଳରେ ଖୋଲା ମଳତ୍ୟାଗ ଦୂର କରିବା ଏବଂ ଜଳ ସଂରକ୍ଷଣ ଭଳି ମହତ୍ୱାକାଂକ୍ଷୀ କାର୍ଯ୍ୟକ୍ରମଗୁଡ଼ିକୁ ଅନ୍ତର୍ଭୁକ୍ତ କରି ମନ୍ତ୍ରଣାଳୟ ଦ୍ୱାରା ନିଆଯାଇଥିବା ପଦକ୍ଷେପଗୁଡ଼ିକୁ ମଧ୍ୟ ପ୍ରଶଂସା କରିଥିଲେ।



# ସାଲିଆ ସାହିରେ ଜବରଦଖଲ ଉଚ୍ଛେଦ

ଭୁବନେଶ୍ୱର, ୧୮।୧୧(ମହାଭାରତ): ରାଜଧାନୀ ଭୁବନେଶ୍ୱରସ୍ଥିତ ସାଲିଆ ସାହିରେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଭୁବନେଶ୍ୱର ମହାନଗର ନିଗମ ଏବଂ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ମିଳିତଭାବେ ଉଚ୍ଛେଦ ଆରମ୍ଭ ହୋଇଛି। ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କାରେ ୫ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଆଜି ସକାଳୁ ସାଲିଆ ସାହିରେ ଉଚ୍ଛେଦ ଆରମ୍ଭ ହୋଇଛି। ଏକାମ୍ର କାନନରୁ ଅନ୍ଧାରୁଆ ପର୍ଯ୍ୟନ୍ତ ୧୩ କିଲୋମିଟର ବ୍ୟାପୀ ଘରଗୁଡ଼ିକୁ ଉଚ୍ଛେଦ କରାଯାଉଛି। ରାସ୍ତା ସଂପ୍ରସାରଣ ପାଇଁ ଏହି ଉଚ୍ଛେଦ କରାଯାଉଛି।ବୁଲଡୋଜର୍ ସାହାଯ୍ୟରେ ପ୍ରାୟ ୫୧୭ଟି ଘର ଭଙ୍ଗାଯିବ। ସେପଟେ ବସ୍ତି ବାସିନ୍ଦା ଉଚ୍ଛେଦ ପ୍ରକ୍ରିୟାକୁ ତୀବ୍ର ବିରୋଧ କରିଛନ୍ତି। କୋର୍ଟରେ ମାମଲା ବିଚାରଧୀନ ଥିବାରୁ କାହିଁକି ଉଚ୍ଛେଦ କରାଯାଉଛି ବୋଲି ଅଭିଯୋଗ କରିଛନ୍ତି। ବସ୍ତି ବାସିନ୍ଦା ବୁଲଡୋଜର୍ ସାମ୍ନାରେ ବସିଛନ୍ତି। କିଛି ଲୋକଙ୍କୁ ପୋଲିସ ଉଠାଇ ନେଇଛି। ଆସନ୍ତା ୨୪ ତାରିଖ ଯାଏଁ ଘର ଭଙ୍ଗାଯିବ। ପୂର୍ବରୁ ମାସକ ତଳେ ପ୍ରାୟ ୫୦ଟି ଘର ଭଙ୍ଗା ଯାଇଥିଲା ସେମାନଙ୍କୁ ବିଡ଼ିଓ ଏବଂ ବିଏମସି ପକ୍ଷରୁ ଥଇଥାନ କରାଯାଇଥିଲା। ସମୟ ସକାଳ ପ୍ରାୟ ୯ଟା ସ୍ଥାନ ଭୁବନେଶ୍ୱର ସାଲିଆ ସାହି। ଜେସିବି ଏବଂ ପୁଲିସ ଫୋର୍ସ ସହ ଆସି ପହଞ୍ଚିଥିଲେ। ବିଏମ୍‌ସି, ବିଡିଏ ଅଧିକାରୀ ତୁରନ୍ତ ଘର ଖାଲି କରିବାକୁ ଡାକବାଜି ଯନ୍ତ୍ର ଯୋଗେ ଘୋଷଣା ହେଲା। ଆଉ ତା ପରେ ଆରମ୍ଭ ହୋଇଗଲା। ଉଚ୍ଛେଦ ନିମିଷକେ ମାଟିରେ ମିଶିଲା ବେଆଇନ ନିର୍ମାଣ ସବୁଠୁ ବଡ଼ କଥା ହେଉଛି ଘର ବଞ୍ଚାଇବା ଲାଗି ନିଜ ଜୀବନକୁ ଖାତିର ନକରି ଜେସିବି ଆଗରେ ଶୋଇ ପଡ଼ିଥିଲେ।



# ଦୁର୍ନୀତିମୁକ୍ତ ଓ ସ୍ୱଚ୍ଛ ଶାସନ ଆଣିବାକୁ ମୋହନଙ୍କ ପରାମର୍ଶ

ଭୁବନେଶ୍ୱର, ୧୮।୧୧(ମହାଭାରତ): ଆମ୍ଭେମାନେ ଯିଏ ଯେଉଁ ପଦବୀରେ ଥାଉ ନା କାହିଁକି, ଆମେ ସମସ୍ତେ ଜନସେବା ପାଇଁ ଉତ୍ସର୍ଗୀକୃତ ଏବଂ ଆମର କାର୍ଯ୍ୟକଳାପ ପାଇଁ ଆମେ ଜନସାଧାରଣଙ୍କ ପାଖରେ ଉତରଦାୟୀ। ସେଥିପାଇଁ ଆପଣମାନେ ଲୋକଙ୍କ ସହିତ ମିଶନ୍ତୁ, ସାଧାରଣ ଲୋକଟିର କଥା ଧୈର୍ଯ୍ୟର ସହ ଶୁଣନ୍ତୁ ଓ ତାଙ୍କ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରନ୍ତୁ, ଏହା ହିଁ ହେଉଛି ସୁଶାସନର ମୂଳଦୁଆ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ସମ୍ମିଳନୀ ଉଦ୍‌ଘାଟନ ଅବସରରେ କହିଛନ୍ତି।

ଲୋକସଭା ଭବନ କନ୍‌ଭେନ୍‌ସନ୍ ସେଂଟର ଠାରେ ଆୟୋଜିତ ଦୁଇ ଦିନିଆ ସମ୍ମିଳନୀର ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଜିଲ୍ଲାପାଳମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଆମ ସରକାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ 'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ, ସବ୍‌କା ପ୍ରୟାସ' ମନ୍ତ୍ରରେ ରାଜ୍ୟର କଲ୍ୟାଣ ପାଇଁ ଅନେକ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରଣୟନ କରିଛନ୍ତି ଏବଂ କରୁଛନ୍ତି। ଯୋଜନା ଯେତେ ଅଭିନବ ହେଲେ ମଧ୍ୟ, ଏହାର ପ୍ରକୃତ ସଫଳତା ଏହାର ସଠିକ୍ ରୂପାୟନ ଉପରେ ନିର୍ଭର କରେ। ତେଣୁ, ଲୋକଙ୍କ ସୁବିଧା ପାଇଁ ସମସ୍ତେ ସଚ୍ଚୋଟ ଓ କର୍ତ୍ତବ୍ୟନିଷ୍ଠ ହୁଅନ୍ତୁ ଏବଂ ଦିନରାତି ଅକ୍ଲାନ୍ତ ପରିଶ୍ରମ କରି ସମନ୍ୱୟ ରକ୍ଷା ମାଧ୍ୟମରେ ଯୋଜନାର ସଫଳ ରୂପାୟନ କରନ୍ତୁ।



ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ, ଆମ ସରକାର ବର୍ତ୍ତମାନ ରାଜ୍ୟର ୩୦ଟି ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଯାଉଛନ୍ତି। ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ନୀତି, ନିୟମ ପରିସରରେ ରହି ଉଦ୍ୟୋଗୀମାନଙ୍କୁ ସମସ୍ତ ସହାୟତା ପ୍ରଦାନ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ସରକାରଙ୍କ ନୂତନ କାର୍ଯ୍ୟକ୍ରମ 'ମିଶନ ପାୱାର' ଅଧିନରେ ୨୦୨୭ ସୁଦ୍ଧା ରାଜ୍ୟର ପ୍ରତିଟି ଗ୍ରାମକୁ ସବୁ ଦିନିଆ ରାସ୍ତା, ବିଦ୍ୟୁତ ଓ ପାନୀୟ ଜଳ ଯୋଗାଣର ଲକ୍ଷ୍ୟ ରହିଛି। ଏହି ଲକ୍ଷ୍ୟକୁ ଧାର୍ଯ୍ୟ ସମୟ ମଧ୍ୟରେ ସାରିବା ପାଇଁ ଜିଲ୍ଲାପାଳମାନଙ୍କୁ ମିଶନ ମୋଡ୍ ରେ କାମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ସରକାରୀ ସ୍ତରରେ ନିଆଯାଇଥିବା ନିଷ୍ପତ୍ତି ଓ ଘୋଷଣା ସହିତ ଯୋଜନା ଗୁଡିକର କାର୍ଯ୍ୟକାରୀତାର ଅଗ୍ରଗତି ସମ୍ପର୍କରେ ନିୟମିତ ତଦାରଖ କରିବା ପାଇଁ ସେ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଥିଲେ। ଏଥି ସହିତ କାର୍ଯ୍ୟକ୍ରମ ଓ ଯୋଜନା ବାବଦ ଖର୍ଚ୍ଚ ଓ ଏହାର ଅଗ୍ରଗତି ସମ୍ପର୍କରେ ପ୍ରତି ତିନି ଚାରି ମାସରେ ଥରେ ସମୀକ୍ଷା କରିବା, ଲଘୁ ଖଣିଜ ଦ୍ରବ୍ୟର ଚୋରା କାରବାରକୁ କଡାକଡି ଭାବେ ରୋକିବା, ଚୋରା ମଦ କାରବାର ବିରୁଦ୍ଧରେ ଏନଫୋର୍ସମେଂଟକୁ ଅଧିକ କଡାକଡି କରିବା, ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ଗୁଡିକରେ ଜନଜାତି ସମ୍ପ୍ରଦାୟଙ୍କୁ ଜଙ୍ଗଲଜାତ ଲଘୁ ଦ୍ରବ୍ୟ ସଂଗ୍ରହ ଓ ବିକ୍ରୀବଟା କ୍ଷେତ୍ରରେ ଆଇନ ଅନୁଯାୟୀ ସହାୟତା ପ୍ରଦାନ କରିବା, ଧାନ ସଂଗ୍ରହ ଋତୁରେ ଧାନ ଚୋରାଚାଲଣ ପ୍ରତି ତିକ୍ଷ୍ଣ ନଜର ରଖିବା ଇତ୍ୟାଦି ବିଷୟରେ ଜିଲ୍ଲାପାଳମାନଙ୍କୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେବା ପାଇଁ କହିଥିଲେ।

ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳମାନଙ୍କୁ କ୍ଷମତାର ଉଚିତ୍ ବ୍ୟବହାର କରି ସବୁ ସ୍ତରରେ ଦୁର୍ନୀତିମୁକ୍ତ ଓ ସ୍ୱଚ୍ଛ ଶାସନ ଆଣିବା ପାଇଁ ପ୍ରୟାସ କରିବା ପାଇଁ ଆହ୍ୱାନ ଦେଇଥିଲେ। ଜିଲ୍ଲା ଓ ବ୍ଲକ ସ୍ତରରେ ସମସ୍ତ ସରକାରୀ ନଥିପତ୍ର, ନୋଟିସ୍, ବିବରଣୀ ଓ ବିଜ୍ଞାପନ ଓଡିଆ ଭାଷାରେ କରିବା ସହିତ କାର୍ଯ୍ୟାଳୟକୁ ଆସୁଥିବା ଜନପ୍ରତିନିଧିମାନଙ୍କୁ ସମ୍ମାନର ସହିତ ସୌଜନ୍ୟମୂଳକ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଥିଲେ।

ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା ଜିଲ୍ଲାପାଳମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ସରକାର ଓ ପ୍ରଶାସନର ଗତି ସମାନ୍ତରାଳ ଭାବେ ନ ରହିଲେ ସମାଜର ଶେଷଧାଡି ପର୍ଯ୍ୟନ୍ତ ଯୋଜନାର ସୁଫଳ ପହଞ୍ଚିବ ନାହିଁ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ, ବିଗତ ଦେଢ ବର୍ଷ ମଧ୍ୟରେ ରାଜ୍ୟବାସୀଙ୍କ ପାଇଁ ସଫଳତା ପୂର୍ବକ ଅନେକ କଲ୍ୟାଣକାରୀ ଯୋଜନାମାନ ପ୍ରଣୟନ କରାଯାଇଛି। ଲୋକଙ୍କୁ ମୌଳିକ ସୁବିଧା ତଥା ସେମାନଙ୍କୁ ସାଧାରଣ ସେବା ଯୋଗାଇଦେବା ପାଇଁ ଲୋକଙ୍କ ପାଖକୁ ଯାଇ ସ୍ଥିତି ଅନୁଧ୍ୟାନ କରି ଉପଯୁକ୍ତ ପଦକ୍ଷେପ ନେବା ପାଇଁ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ।

# ରାଜ୍ୟରେ ଆଉ ୪ ନୂଆ ତହସିଲ

ଭୁବନେଶ୍ୱର, ୧୮।୧୧(ମହାଭାରତ): ରାଜ୍ୟରେ ଆଉ ୪ଟି ନୂଆ ତହସିଲ ଅଫିସ୍ ଖୋଲିବ। ଭୁବନେଶ୍ୱର, କଟକ ଓ ସମ୍ବଲପୁର ସହରରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ୩ଟି ଜିଲ୍ଲାରେ ଅଧିକ ୪ଟି ତହସିଲ ଅଫିସ୍ ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏନେଇ ସପ୍ତାହକ ମଧ୍ୟରେ ବିସ୍ତୃତ ପ୍ରସ୍ତାବ ଦାଖଲ କରିବାକୁ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ୪ଟି ତହସିଲକୁ ମିଶାଇଲେ ରାଜ୍ୟରେ ତହସିଲ ସଂଖ୍ୟା ୩୨୧କୁ ବୃଦ୍ଧି ପାଇବ।

ରାଜସ୍ୱ ବିଭାଗର ଅତିରିକ୍ତ ସଚିବ ଆଇଏଏସ୍ ମଧୁସ୍ମିତା ସାହୁ ଆଜି ଖୋର୍ଦ୍ଧା, କଟକ ଓ ସମ୍ବଲପୁର ଜିଲ୍ଲାର ଜିଲ୍ଲାପାଳଙ୍କୁ ଚିଠି ଲେଖି ନୂଆ। ତହସିଲ ଅଫିସ୍ ସ୍ଥାପନ ନିମନ୍ତେ ନିର୍ଦ୍ଧାରିତ ଫର୍ମାଟରେ ପ୍ରସ୍ତାବ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି ।ଏହି ପ୍ରସ୍ତାବକୁ ଅତ୍ୟନ୍ତ ଜରୁରୀ ଭାବେ ବିବେଚନା କରିବାକୁ ମଧ୍ୟ କହିଛନ୍ତି। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ମୁଖ୍ୟତଃ ଭୁବନେଶ୍ୱର, କଟକ ଓ ସମ୍ବଲପୁର ଭଳି ସହରରେ ଥିବା ତହସିଲ ଅଫିସ୍ ଉପରେ ଅତ୍ୟଧିକ କାର୍ଯ୍ୟଚାପ ଓ ଜମିଜମା ଓ ଅନ୍ୟାନ୍ୟ ସେବାକୁ ଅଧିକ ସୁଗମ କରିବା ଉଦ୍ଦେଶ୍ୟରେ ଏବେ ସୃଷ୍ଟି ହୋଇଥିବା ବିରାଟ ଆହ୍ୱାନକୁ ଦୃଷ୍ଟିରେ ରଖି ନିଆଯାଇଛି। ଏହି ତହସିଲଗୁଡ଼ିକରେ ସମ୍ପୃକ୍ତ ମହାନଗର ନିଗମ ଅଂଚଳରେ ହୋଇଥିବାବେଳେ ଏହାର ବିଶାଳ ଭୌଗୋଳିକ କ୍ଷେତ୍ର, କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଘନତ୍ୱ ଓ ବହୁଳ ସେବା ଯୋଗାଣ କାର୍ଯ୍ୟ ଯୋଗୁଁ ଲୋକଙ୍କୁ ଅସୁବିଧା ହେଉଛି।ବିଶେଷକରି ଭୁବନେଶ୍ୱର, କଟକ ଓ ସମ୍ବଲପୁର ମହାନଗର ନିଗମ ତଥା ପାର୍ଶ୍ୱବର୍ତ୍ତୀ ଅଂଚଳରେ ଜମିଜମା କିଣାବିକା ଅଧିକ ଭାବେ ବଢ଼ିଚାଲିଛି।



## ଆଳୁ ପୁରି’

**ଆବଶ୍ୟକ ସାମଗ୍ରୀ :** ଅଟା, ଆଳୁ, କଟାକଂଚାଲଙ୍କା, ଅଳ୍ପ ହଳଦୀ, ଲାଲ୍ ଲଙ୍କାଗୁଣ୍ଡ, ତେଲ, ଲୁଣ, ଜୁଆଣୀ ଓ କସ୍ତୁରୀ ମେଥି ।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ ଅଟା ସହ ଲୁଣ ମିଶାଇ ଚଲୁଣୀରେ ଚଲାଇ ନିଅନ୍ତୁ। ଏଥିରେ ଜୁଆ ।ଣୀ ଓ କସ୍ତୁରୀ ମେଥି ମିଶାଇ ଅଳ୍ପ ଅଳ୍ପ ପାଣି ଦେଇ ଭଲଭାବେ ଦଳିଦିଅନ୍ତୁ। ଏହାକୁ ଏକ ଦୋକନାରେ ଅଧଘଂଟା ଘୋଡ଼ାଇ ରଖନ୍ତୁ। ଏବେ ଆଳୁକୁ ସିଝାଇ, ଚୋପା ଛଡ଼ାଇ କଟା ଲଙ୍କା, ତେଲ, ଲୁଣ, ହଳଦୀ ଓ ଲାଲ୍ ଲଙ୍କାଗୁଣ୍ଡ ମିଶାଇ ଭଲକରି ଚକଟି ଦିଅନ୍ତୁ। ଏବେ ଦଳା ହୋଇଥିବା ଅଟାରୁ ଛୋଟ ଛୋଟ ଗୁଳା ପ୍ରସ୍ତୁତ କରନ୍ତୁ ଓ ଏଗୁଡ଼ିକୁ ପୁରି ପରି ବେଲନ୍ତୁ। ଏବେ ପୁରି ମଝିରେ ଆଳୁପୁର ରଖି ଚାରିପଟୁ ବନ୍ଦ କରି ଏହାକୁ ପୁଣି ଗୁଳା କରି ଆଉଥରେ ବେଲି ଦିଅନ୍ତୁ। ବର୍ତମାନ କଡ଼େଇରେ ତେଲ ଗରମ କରି ଏଗୁଡ଼ିକୁ ଛାଣିନ୍ତୁ। ବର୍ତମାନ ପ୍ରସ୍ତୁତ ହୋଇଗଲା ଗରମା ଗରମ ନ୍ତଆଳୁ ପୁରି।



### ଖବର

## ‘ପତି ପତ୍ନୀ ଔର ପଙ୍ଗା’’ ଶୋର ଟାଇଟଲ ଜିତିଲେ ରୁବିନା ଦିଲାଇକ୍-ଅଭିନବ ଶୁକ୍ଳା,




‘‘ପତି ପତ୍ନୀ ଔର ପଙ୍ଗା’’ର କପଲ୍ସ ରିଆଲିଟି ଶୋକୁ ଧମକାଦାର ଭାବେ ଫାଇନାଲ ରାଉଣ୍ଡ ଶେଷ ହୋଇଛି । ଲୋକପ୍ରିୟ ଟିଭି ଦମ୍ପତି ରୁବିନା ଦିଲାଇକ୍ ଏବଂ ଅଭିନବ ଶୁକ୍ଲା ଏହି କପଲ୍ସ ରିଆଲିଟି ଶୋ’ ରେ ବିଜୟୀ ହୋଇଛନ୍ତି । ଏହି ଶୋ’ରେ ସେମାନଙ୍କୁ ‘‘ପରଫେକ୍ଟ ଯୋଡ଼ି’’ ଟାଇଟେଲ୍ ମିଳିଛି । ଏଥିପାଇଁ ଦମ୍ପତିଙ୍କୁ ଖୁସି ଥିବାର ଦେଖିବାକୁ ମିଳିଛନ୍ତି ।ସେମାନେ ଏହି ଶୋ’ରେ ଭଲ ପ୍ରଦର୍ଶନ କରିଥିଲେ । ଯାହା ଶୋ’କୁ ଅଧିକରୁ ଅଧିକ ମଜାଦାର କରିଥିଲା । ସମସ୍ତ ଦମ୍ପତି ଭଲ ପ୍ରଦର୍ଶନ କରିଥିବା ସତ୍ତ୍ୱେ ରୁବିନା ଏବଂ ଅଭିନବଙ୍କ ଯୋଡ଼ିକୁ ଖୁବ୍ ପ୍ରଶଂସା ମିଳିଥିଲା । ଏଥିସହ ଏହି ଶୋ ମାଧ୍ୟମରେ ପ୍ରଶଂସକ ସେମାନଙ୍କୁ ଏକାଠି ଦେଖିବାକୁ ପାଇଥିଲେ ।ବିଗ୍ ବସ୍ ୧୪ ରିଆଲିଟି ଶୋ’ ପରେ, ରୁବିନା ଏବଂ ଅଭିନବ ବହୁ ବର୍ଷ ପରେ ଆଉ ଏକ ଶୋ’ ପାଇଁ ଏକାଠି ହୋଇଥିଲେ । ସଲମାନଙ୍କ ଶୋ’ ରେ ସେମାନଙ୍କ ବିବାହ ଅନେକ ଉତଥାନ-ପତନ ଦେଇ ଗତି କରିବା ପରେ ମଧ୍ୟ ଅଲଗା ନହେବାକୁ ନିଷ୍ପତ୍ତି ନେଇଥିଲେ ।ଏହି ଶୋ ଟ୍ରଫି ଜିତିବା ସହିତ ସେମାନେ ସେମାନଙ୍କର ଲଭ୍ ଷ୍ଟୋରୀ ଏବଂ ଆର୍ଥିକ ସମସ୍ୟାକୁ ମଧ୍ୟ ସମସ୍ତଙ୍କ ସହ ସେୟାର କରିଥିଲେ । ସେମାନଙ୍କ କଥାବାର୍ତ୍ତା ସମସ୍ତଙ୍କ ହୃଦୟକୁ ସ୍ପର୍ଶ କରିଥିଲା । ଆହୁରି ମଧ୍ୟ ସେମାନେ କହିଛନ୍ତି ଯେ, ଆମେ ଶୋ’ ମାଧ୍ୟମରେ ପରସ୍ପର ସହିତ ସମୟ ବିତାଇଛୁ। ଆମେ ପରଫେକ୍ଟ ନୁହଁ ସତ କିନ୍ତୁ ଦମ୍ପତି ଭାବେ ଏକାଠି ଅଛୁ ।ଅନ୍ୟପଟେ ଏହି ଶୋର ଫାଇନାଲ ରାଉଣ୍ଡରେ ବର-କନ୍ୟା ଗେଟଅପରେ ଉଭୟଙ୍କୁ ଦେଖିବାକୁ ମିଳିଥିଲା । ଏହି ଶୋ’ କୁ ସୋନାଲି ବେନ୍ଦ୍ରେ ଏବଂ ଷ୍ଟାଣ୍ଡ-ଅପ୍ କମେଡିଆନ୍ ମୁନାୱର ଫାରୁକି ହୋଷ୍ଟ କରିଥିଲେ ।

## ବୟସ ଅନୁଯାୟୀ ରକ୍ତଚାପ କେତେ ରହିବା ଜରୁରୀ ?

ର୍ବତମାନ ସମୟରେ ଉଚ୍ଚ ରକ୍ତଚାପ ସଭିଁଙ୍କ ପାଇଁ ସମସ୍ୟା ପାଲଟିଛି । ଉଚ୍ଚ ରକ୍ତଚାପ ସିଧାସଳଖ କୋଲେଷ୍ଟେରୋଲ୍ ଓ ହୃଦୟ ସହ ଜଡିତ । କୋଲେଷ୍ଟେରୋଲ୍ ବୃଦ୍ଧି ଓ ହୃଦୟ ସଠିକ୍ ଭାବେ କାମ ନକରିବା ଦ୍ୱାରା ପ୍ରଥମ ଲକ୍ଷଣ ଉଚ୍ଚ ରକ୍ତଚାପ ଭାବେ ଦେଖାଯାଏ । ତେଣୁ ବୟସ ଅନୁଯାୟୀ ରକ୍ତଚାପ କେତେ ରହିବା ଜରୁରୀ ତାହା ଜାଣିବା ନିତାନ୍ତ ଆବଶ୍ୟକ । କାରଣ ବୟସ ଅନୁଯାୟୀ ସଭିଁଙ୍କ ରକ୍ତଚାପ ଭିନ୍ନ ଭିନ୍ନ ହୋଇଥାଏ । ଜାଣନ୍ତୁ ୧୮ ବର୍ଷରୁ ଆରମ୍ଭ କରି ୬୦ ବର୍ଷ ପର୍ଯ୍ୟନ୍ତ ବୟସ ଅନୁଯାୟୀ କେତେ ରକ୍ତଚାପ ରହିବା ଦ୍ୱାରା ଶରୀର ସୁସ୍ଥ ରହିଥାଏ ।



୧୮-୩୯ ବର୍ଷ ଯୁବକଙ୍କ ୧୧୯/୭୦ ଓ ମହିଳାଙ୍କର ୧୧୦/୬୮ଏମଏମ ରକ୍ତଚାପ ରହିବା ସ୍ୱାସ୍ଥ୍ୟକର ବୋଲି କୁହାଯାଏ ।

୪୦-୫୬ ବର୍ଷ ବ୍ୟକ୍ତିଙ୍କର ୧୨୪/୭୭ ଓ ମହିଳାଙ୍କର ୧୨୨/୭୪ ରକ୍ତଚାପ ସ୍ୱାସ୍ଥ୍ୟକର ଅଟେ ।

ସେହିପରି ୬୦ ବର୍ଷ ଉର୍ଦ୍ଧ ବ୍ୟକ୍ତିଙ୍କର ୧୩୩/୬୯ ଓ ମହିଳାଙ୍କର ରକ୍ତଚାପ ୧୩୯/୬୮ ସଠିକ୍ ଅଟେ ।

ବୟସ ଅନୁଯାୟୀ ରକ୍ତଚାପ ଏତିକି ରହିବା ଦ୍ୱାରା ହୃଦୟ ସଠିକ୍ ଭାବେ କାର୍ଯ୍ୟ କରିଥାଏ।

ଦୀର୍ଘାୟୁ ଓ ସୁସ୍ଥ ଜୀବନ ପାଇଁ ୧୦୦/୭୦ ରକ୍ତଚାପ ରହିବା ଜରୁରୀ।

## ଐତିହାସିକ କୁମୁଡା ପାହାଡ଼ରେ ବିରାଜିତ ବାବା ଧବଳେଶ୍ୱର

ଟିଟିଲାଗଡ଼ ସହରର ଦକ୍ଷିଣ ଦିଗରେ ରହିଛି ଐତିହାସିକ କୁମୁଡା ପାହାଡ଼ । ଜନଶ୍ରୁତି ଅନୁସାରେ ଏହି କୁମୁଡା ପାହାଡ଼ ବଲାଙ୍ଗୀର ବା ପାଟଣା ରାଜ୍ୟର ଦୁର୍ଗ ଭଳି କାମ କରୁଥିଲା । ପ୍ରାୟ ଦୁଇଶହ ବର୍ଷ ପୂର୍ବେ ବଲାଙ୍ଗୀର ଓ କଳାହାଣ୍ଡି ସୀମାରେ ଥିବା ଏହି ପାହାଡ଼ ଅଞ୍ଚଳରେ କନ୍ଧ ଆଦିବାସୀମାନେ ଦେବୀପୂଜା କରି ବଳି ଦେଉଥିଲେ । ଏହି ବଳି ଯାତ୍ରା ଦେଖିବାକୁ ଆସିଥିବା ଅନ୍ତରାମ ପାଢ଼ୀ ନାମରେ ଜଣେ ବ୍ରାହ୍ମଣ ପାହାଡ଼ର ଗୁମ୍ଫାରେ ଶିବଲିଙ୍ଗକୁ ଆବିଷ୍କାର କରିଥିଲେ । ସେହି ଦିନ ଠାରୁ ତାଙ୍କ ବଂଶଧରମାନେ ଏହି ଶିବଲିଙ୍ଗକୁ ପୂଜା କରି ଆସୁଛନ୍ତି ।ଯିଏ ବାବା ଧବଳେଶ୍ୱର ଭାବେ ବିରାଜିତ। ଧବଳେଶ୍ୱର ମନ୍ଦିରକୁ ଯାଇ ପୂଜା କରିବା ଶ୍ରଦ୍ଧାଳୁଙ୍କ ପାଇଁ ସେତେ ସହଜ ନ ଥିଲା । ଗୁମ୍ଫା ଭିତରକୁ ଗୁରୁଣ୍ଡି ଗୁରୁଣ୍ଡି ଯିବାକୁ ପଡୁଥିଲା । ପରେ ଜଣେ ଶିଳ୍ପପତି ପାହାଡ଼କୁ ଖୋଦେଇ କରି ଛିଡା ହୋଇ ଯିବା ଆସିବା ପାଇଁ ସୁବିଧା କରିଥିଲେ ।ଆଜି ବି ମନ୍ଦିର ଭିତରେ ଅନେକ ଅନାବିସ୍କୃତ ଗୁମ୍ଫା ଦେଖିବାକୁ ମିଳେ । ବର୍ତ୍ତମାନ କିନ୍ତୁ ମନ୍ଦିରର ଅନେକ ପରିବର୍ତ୍ତନ ଆସିଲାଣି । ପ୍ରତ୍ନ□ ବିଭାଗ ମଧ୍ୟ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ହାତକୁ ନେଇଛି । ବାବାଙ୍କ ପୀଠରେ ମହା ଶିବରାତ୍ରି ମେଳା ବେଶ ପ୍ରସିଦ୍ଧ ।୮ ଦିନ ଧରି ଚାଲୁଥିବା ଏହି ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଲୋକଙ୍କ ଭିଡ଼ ଜମେ ।ଶ୍ରାବଣ ସୋମବାରରେ ମଧ୍ୟ କାଉଡିଆ ଓ ଶ୍ରଦ୍ଧାଳୁମାନଙ୍କ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳେ ଯ ବାବାଙ୍କୁ ଭସ୍ମ ଆରତୀ ମଧ୍ୟ କରାଯାଉଛି । ଯାହା ଦେଖିଲେ ଆଖି ଲାଖିଯାଏ ।ବାବା ଧବଳେଶ୍ୱର ଶ୍ରଦ୍ଧାଳୁଙ୍କ ମନସ୍କାମନା ପୂର୍ଣ୍ଣ କରୁଥିବା ବିଶ୍ୱାସ ରହିଆସିଛି। ପ୍ରତିଦିନ ଏଠାରେ କେହି ନା କେହି ଜଳାଭିଷେକ, ରୁଦ୍ରାଭିଷେକ କରି ନିଜ ମନସ୍କାମନା ପୂର୍ଣ୍ଣ କରିଥାନ୍ତି ।



## ସୁସ୍ଥତା ପାଇଁ ସୂର୍ଯ୍ୟ ଉପାସନା

ସୁସ୍ଥ ଜୀବନ ସଫଳତାର ରାସ୍ତାକୁ ସହଜ କରିଥାଏ। ପୁଣି ଆଜିକାଲିର ପ୍ରତିଯୋଗୀତାତ୍ମକ ଜୀବନରେ ତ ଶକ୍ତିଶାଳୀ ଏବଂ ସୁସ୍ଥ ଶରୀର ସବୁଠାରୁ ଅଧିକ ମହତ୍ୱ ରଖେ। ଏହି ସମୟରେ ମିଳୁଥିବା ସୁଯୋଗ ବା ଅବସର ଯଦି ଆପଣଙ୍କ ଦୁର୍ବଳ ଶରୀର ପାଇଁ ନଷ୍ଟ ହୋଇଯାଏ ତେବେ ବିଫଳତା ମିଳିଥାଏ । ଏହା ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ଅସଫଳ କରିଦେଇଥାଏ। ଆପଣ ଲକ୍ଷ୍ୟ ରଖିଥିବେ ଯେ ଜଣେ ସୁସ୍ଥ ଏବଂ ସବଳ ବ୍ୟକ୍ତି କିପରି ସଫଳତା ଆଡ଼କୁ ଆଗେଇ ଚାଲିଥାଏ। ଏଣୁ ସୁସ୍ଥ ଶରୀରକୁ ମଧ୍ୟ ଧନ ବା ସମ୍ପତ୍ତି ବୋଲି ବିଚାର କରାଯାଏ। ସୁସ୍ଥ ଶରୀର ଯେ କେବଳ ମଣିଷକୁ ଶାରୀରିକ ଦୃଷ୍ଟିରେ ଶକ୍ତିଶାଳୀ କରାଏ ତାହାନୁହେଁ, ଏହା ମଧ୍ୟ ମାନସିକ ସ୍ତରରେ ବ୍ୟକ୍ତିକୁ ଶକ୍ତିଶାଳୀ କରିଥାଏ। ତେଣୁ ଆମକୁ ନିଜର ଜୀବନଶୈଳୀକୁ ପରିବର୍ତ୍ତନ କରିବାକୁ ପଡ଼ିବ। ନିୟମିତ ଅନୁଶାସନ ମଧ୍ୟରେ ରଖିବାକୁ ପଡ଼ିବ। ଜୀବନରେ ସଂଯମତା ଏବଂ ଅନୁଶାସନ ଆଣିବାକୁ ହେଲେ କେତେକ ଧାର୍ମିକ ଉପାୟଗୁଡ଼ିକୁ ଶ୍ରେଷ୍ଠ ଭାବେ ବିଚାର କରାଯାଇଛି। ଯାହା ବିଷୟରେ ଆଜି ଆମେ



ଆଲୋଚନା କରିବା। ଶରୀର ସୁସ୍ଥ ତଥା ସବଳ ରହିବା ପାଇଁ ଧାର୍ମିକ ନିୟମ ଅନୁସାରେ ଦୈନନ୍ଦିନ ସୂର୍ଯ୍ୟଙ୍କୁ ପୂଜା କରିବା ଉଚିତ୍। ଧାର୍ମିକ ଦୃଷ୍ଟିକୋଣରୁ ସୂର୍ଯ୍ୟ ଉପାସନା ସ୍ୱାସ୍ଥ୍ୟ, ସୁଖ-ସମୃଦ୍ଧି, ପ୍ରତିଷ୍ଠା ଆଦି ପ୍ରଦାନ କରିଥାଏ ବୋଲି ବିଶ୍ୱାସ। ବ୍ୟବହାରିକ ଦୃଷ୍ଟିକୋଣରୁ ମଧ୍ୟ ପ୍ରତିଦିନ ସକାଳେ ସ୍ନାନାଦି କର୍ମ କରିବା ସହ ସ୍ୱଚ୍ଛ ପବନ ଏବଂ ସୂର୍ଯ୍ୟଙ୍କ କୋମଳ କିରଣ ଶରୀରରେ ବାଜିଲେ ମନ ପ୍ରଫୁଲ୍ଲ ରହିବା ସହ ସ୍ୱାସ୍ଥ୍ୟ ଉତ୍ତମ ରହିଁଥାଏ। ଅନେକ ଲାଭ ମିଳିଥାଏ। ଏଥିପାଇଁ ମଧ୍ୟ ଶାସ୍ତ୍ରରେ ବିଶେଷ ଭାବେ ବର୍ଣ୍ଣନା କରାଯାଇଛି। ବିଶେଷ ମନ୍ତ୍ର ଦ୍ୱାରା ସୂର୍ଯ୍ୟଙ୍କୁ ପୂଜା କରିବା ବିଧେୟ। ପ୍ରାତଃ ସମୟରେ ସୂର୍ଯୋଦୟ ପୂର୍ବରୁ ଉଠି ସ୍ନାନ କରନ୍ତୁ। ଏହାକୁ ତୀର୍ଥ ସ୍ନାନ କୁହାଯାଏ। ଏହାପରେ ସ୍ୱଚ୍ଛ ବସ୍ତ୍ର ପରିଧାନ କରି ଆଚମନ କରନ୍ତୁ। ତମ୍ବା ପାତ୍ରରେ ଗନ୍ଧ, ସୁଗନ୍ଧିତ ପୁଷ୍ପ ପକାଇ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦିଅନ୍ତୁ। ସୂର୍ଯ୍ୟ ବା ନବଗ୍ରହ ମନ୍ଦିରରେ ସୂର୍ଯ୍ୟଙ୍କ ପ୍ରତିମାରେ ନାଲି ଚନ୍ଦନ, ନାଲି ଫୁଲ, ନାଲି ବସ୍ତ୍ର ଅର୍ପଣ ପୂର୍ବକ ପୂଜା କରନ୍ତୁ। ଗୁଡ଼ ଏବଂ ଘିଅରେ ପ୍ରସ୍ତୁତ ବ୍ୟଞ୍ଜନ ଅଥବା ଆଖୁ ରସରେ ନୈବେଦ୍ୟ ଲଗାନ୍ତୁ। ଗୁଗ୍‌ଗୁଳ ଧୂପ ବା ଘିଅ ଦୀପ ଜାଳନ୍ତୁ। ଏହାପରେ “ଓଁ ଆଦିତ୍ୟାୟ ବିଦ୍ମହେ, ବିଶ୍ୱଭାବାୟ ଧୀମହି, ତନ୍ନୋ ସୂର୍ଯ୍ୟଃ ପ୍ରଚୋଦୟାତ୍।” ସୂର୍ଯ୍ୟଗାୟତ୍ରୀ ମନ୍ତ୍ରକୁ ସ୍ମରଣ କରି ପୂର୍ବ ଦିଗକୁ ମୁହଁ କରି ବସନ୍ତୁ ଏବଂ ନାଲି ଚନ୍ଦନ ଦାନାରେ ନିର୍ମିତ ମାଳାକୁ ୧୦୮ ଥର ଜପ କରନ୍ତୁ। ଏହାଦ୍ୱାରା ଆପଣ ନିରୋଗୀ ରହିବେ। ଏହା ଏକ ପ୍ରକାର ଅନୁଶାସନରେ ପରିଣତ ହୋଇଯିବ। ବ୍ୟାୟମ ପରି କାମ ଦେବ। ସୁସ୍ଥ ତଥା ସବଳ ହୋଇପାରିବେ। ସଫଳତା ଆପଣଙ୍କୁ ନିରାଶ କରିପାରିବ ନାହିଁ।

## ବାରମ୍ୱାର ପରିସ୍ରା ଲାଗୁଛି କି !

ବୟସ୍କ ପୁରୁଷମାନଙ୍କ ଠାରେ ଗୁରୁତର ରୋଗ ହେତୁ ପ୍ରୋଷ୍ଟାଟିକ୍ ରୋଗ ସାଧାରଣ ହୁଏ। ସାମ୍ପ୍ରତିକ ଅବସ୍ଥା ଯେପରିକି ବାର୍ଦ୍ଧକ୍ୟ, ପାଣିପାଗରେ ପରିବର୍ତ୍ତନ, ଯାତ୍ରା କିମ୍ୱା ବୃତ୍ତି ସହିତ ଜଡିତ ଚାପ, ବିଭିନ୍ନ ସ୍ଥାନରୁ ଜଳ ଇତ୍ୟାଦି ପ୍ରୋଷ୍ଟେଟ ସମସ୍ୟା ସୃଷ୍ଟି କରିପାରେ। ଯଦିଓ ଜୀବନଶୈଳୀ ଏବଂ ବୟସ ବଢ଼ିବା କାରଣରୁ ପୁରୁଷମାନଙ୍କ ଜୀବନର ଗୁଣ ବ୍ୟାହତ ହୁଏ କାରଣ ପ୍ରୋଷ୍ଟେଟ ଗ୍ରନ୍ଥିରେ ବୃଦ୍ଧି ନିମ୍ନ ମୂତ୍ରାଶୟ ଲକ୍ଷଣ ଦ୍ୱାରା ହୋଇପାରେ।

ତଥ୍ୟ ଅନୁଯାୟୀ ୪୦ ରୁ ଅଧିକ ବୟସ୍କ ପୁରୁଷଙ୍କ ମଧ୍ୟରୁ ପ୍ରାୟ ୬୫% ଏହି ବିରକ୍ତିକର ଲକ୍ଷଣରେ ପୀଡିତ। ତେବେ ଏହି ରୋଗୀଙ୍କ ମଧ୍ୟରୁ ଅଧିକାଂଶ କାହିଁକି ପୀଡିତ ? ଅନ୍ୟ ଏକ କାରଣ ସୁଗାର ମଧ୍ୟ ହୋଇଥାଇ ପାରେ ।

ପ୍ରୋଷ୍ଟେଟର ଲକ୍ଷଣ: ଅଧିକାଂଶ ରୋଗୀ ଚିକିତ୍ସା ପାଇଁ ବିଳମ୍ବରେ ପହଞ୍ଚନ୍ତି। ସାଧାରଣତଃ ରୋଗୀ ରୋଗ ବିଷୟରେ କହିବାକୁ ବାରଣ କରେ କିମ୍ବା ବାର୍ଦ୍ଧକ୍ୟର ଏକ ଅପରିହାର୍ଯ୍ୟ ପରିଣାମ ଭାବରେ ଛାଡିଦିଏ, କିମ୍ବା ଶୀତଳ ପାଗ ଏବଂ ବାହ୍ୟ ପାନୀୟ ଜଳ ପରି ବାହ୍ୟ କାରଣରୁ ସେମାନେ ଯନ୍ତ୍ରଣା ଭୋଗିବାକୁ ଲାଗନ୍ତି। ନିରବରେ ସେମାନେ ଲକ୍ଷଣରୁ ଦୂରେଇ ରୁହନ୍ତି ଏବଂ ସେମାନଙ୍କର ଯନ୍ତ୍ରଣାକୁ ମୁକାବିଲା କରିବା ପାଇଁ ଆତ୍ମ-ବ୍ୟାଖ୍ୟାକାରୀ କୌଶଳ ବିକାଶ କରନ୍ତି, ଯେପର୍ଯ୍ୟନ୍ତ ସେମାନେ ସ୍ପଷ୍ଟ ଭାବରେ ଖରାପ ନ ହୁଅନ୍ତି ଏବଂ ଜଟିଳତା ସୃଷ୍ଟି ହୁଏ ।

ମୋହାଲି, ଫୋର୍ଟିସ୍ ହସ୍ପିଟାଲ୍, କନସଲଟା ୟୁରୋଲୋଜିଷ୍ଟ ମନୀଷ ଅହୁଜାଙ୍କ କହିବାନୁସାରେ, ନିମ୍ନ ଲକ୍ଷଣ ଦ୍ୱାରା ଜୀବନର ଗୁଣବତ୍ତା ବାଧାପ୍ରାପ୍ତ ହୁଏ । ଲକ୍ଷଣଗୁଡିକର ଅଜ୍ଞତା ହେତୁ, ଏହିପରି ରୋଗୀ ଜଳ ଏବଂ ଅନ୍ୟ ଏକ ତରଳ ପଦାର୍ଥକୁ ସୀମିତ ରଖିବା ଆରମ୍ଭ କରନ୍ତି। ସେମାନେ ମଧ୍ୟ ସେମାନଙ୍କର ପରିସ୍ରା ବିଷୟରେ ସଚେତନ ହୁଅନ୍ତି, ଯଥା ବାହାରେ ଦୀର୍ଘ ଯାତ୍ରା କରିବା ପୂର୍ବରୁ ପରିସ୍ରା କରିବା, ଶୌଚାଳୟ ସ୍ଥାନ ଉପରେ ନଜର ରଖିବା, ଦୂର ଦୂରାନ୍ତର ଯାତ୍ରା ଠାରୁ ଦୂରେଇ ରହିବା।

ସାମାନ୍ୟ ବର୍ଦ୍ଧିତ ପ୍ରୋଷ୍ଟେଟ ଥିବା କେତେକ ପୁରୁଷଙ୍କ ଉଲ୍ଲେଖନୀୟ ଲକ୍ଷଣ ଥାଇପାରେ, ଯେତେବେଳେ ପ୍ରୋଷ୍ଟେଟ ବୃଦ୍ଧି ପାଇଥିବା ଅନ୍ୟ ପୁରୁଷମାନଙ୍କର ସାମାନ୍ୟ ମୂତ୍ରାଶୟ ଲକ୍ଷଣ ଥାଇପାରେ। ଏହା ଧ୍ୟାନ ଦେବା ଜରୁରୀ ଯେ ପ୍ରୋଷ୍ଟେଟର ଆକାର ଆପଣଙ୍କ ଲକ୍ଷଣର ଗମ୍ଭୀରତା ନିର୍ଣ୍ଣୟ କରେ ନାହିଁ। ଯଦି ଏହାର ଚିକିତ୍ସା କରା ନ ଯାଏ, ତାହା ମୂତ୍ର ନଳୀରେ ବାଧା ସୃଷ୍ଟି କରିପାରେ ଏବଂ ଏହା ପ୍ରୋଷ୍ଟେଟ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇପାରେ। ତେଣୁ ଆପଣ ଡାକ୍ତରଙ୍କ ସହ ଯୋଗାଯୋଗ କରିବା ଉଚିତ ଏବଂ ଏହି ସମସ୍ୟା ଦ୍ୱାରା ଲଜ୍ଜିତ ନହେବା ପାଇଁ ପରାମର୍ଶ ଦିଆଯାଇଛି। ତୁମର ବୟସ, ସ୍ୱାସ୍ଥ୍ୟ ଏବଂ ଅବସ୍ଥା ଉପରେ ଆଧାର କରି ଡାକ୍ତର ଆପଣଙ୍କ ଯତ୍ନ ନେବାରେ ସାହାଯ୍ୟ କରିପାରିବେ।

ଅଧିକ ପରିସ୍ରା ଲାଗୁଥିଲେ ହୋଇପାରେ ଏହି ରୋଗ :

ଏହାର ଲକ୍ଷଣ (ବେନିନ୍ ପ୍ରୋଷ୍ଟାଟିକ୍ ହାଇପରପ୍ଲାସିଆ) ଉତ୍ତମ ପ୍ରୋଷ୍ଟାଟିକ୍ ହାଇପରପ୍ଲାସିଆ। ଏକ ମିଶ୍ରଣ ଶାରୀରିକ, ରେଡିଓଗ୍ରାଫିକ୍ ପରୀକ୍ଷଣ ଏବଂ କିଛି ଲାବୋରେଟୋରୀ ପରୀକ୍ଷଣର ପରିସ୍ରା ନିର୍ଣ୍ଣୟ କରେ। ଶାରୀରିକ ପରୀକ୍ଷଣରେ ଏକ ଡିଜିଟାଲ୍ ରେକ୍ଟାଲ୍ ପରୀକ୍ଷଣ ଥାଏ, ଯେଉଁଥିରେ ବିଶେଷଜ୍ଞ ୟୁରୋଲୋଜିଷ୍ଟଙ୍କ ଦ୍ୱାରା ପ୍ରୋଷ୍ଟେଟର ଶାରୀରିକ ଯାଞ୍ଚ ଅନ୍ତର୍ଭୁକ୍ତ। ପ୍ରୋଷ୍ଟେଟ ଗ୍ରନ୍ଥିର ଆକାର ମାପିବା ପାଇଁ ପେଟ ଏବଂ ପେଲଭିକ ଅଲଟ୍ରାସାଉଣ୍ଡ ବ୍ୟବହୃତ ହୁଏ। ଲ୍ୟାବ ପରୀକ୍ଷଣରେ ପ୍ରୋଷ୍ଟେଟ-ନିର୍ଦ୍ଦିଷ୍ଟ ଆଣ୍ଟିଜେନ୍ସ ଅନ୍ତର୍ଭୁକ୍ତ। ଯେତେବେଳେ ପ୍ରୋଷ୍ଟେଟ୍ ସୁସ୍ଥ ଥାଏ, ରକ୍ତରେ ଏକ ଛୋଟ ପ୍ରୋଷ୍ଟେଟ୍ ନିର୍ଦ୍ଦିଷ୍ଟ ଆଣ୍ଟିଜେନ ମିଳିଥାଏ।

ନଗରନକ୍ସା
ମହାନଗରର ନିଜ ଭାଷା



# ପିଲାମାନଙ୍କ ଅନ୍ତର୍ନିହିତ ଗୁଣର ପରିସ୍ଫୁଟନର ମାଧ୍ୟମ ସୁରଭି

**ଭୁବନେଶ୍ୱର,୧୮।୧୧ (ମହାଭାରତ):** ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦଯାପିତ ହୋଇଯାଇଛି। ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ବିତରଣ କରିଛନ୍ତି। ଅନ୍ୟତମ ବିଶିଷ୍ଟ ଅତିଥି ଭାବେ, ଭୁବନେଶ୍ୱର ମେୟର ଶ୍ରୀମତୀ ସୁଲୋଚନା ଦାସ, ବିଭାଗୀୟ ଆୟୁକ୍ତ ତଥା ଶାସନ ସଚିବ ଡ଼କ୍ଟର ଏନ୍. ତିରୁମାଲା ନାଏକ, ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀମତୀ ଅନନ୍ୟା ଦାସ, ରାଜ୍ୟ ଶିକ୍ଷା ଗବେଷଣ ଓ ପ୍ରଶିକ୍ଷଣ ପରିଷଦର ନିର୍ଦ୍ଦେଶକ ମନୋଜ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

ୟୁନିଟ୍-୩ ସ୍ଥିତ କ୍ୟାପିଟାଲ୍ ହାଇସ୍କୁଲରେ ତିନିଦିନିବ୍ୟାପୀ ଚାଲିଥିବା ଏହି କାର୍ଯ୍ୟକ୍ରମ ସଫଳତାର ସହ ଶେଷ ହୋଇଛି। ଉତ୍ସବର ସଫଳତାକୁ ନେଇ ବିଭାଗୀୟ ମନ୍ତ୍ରୀ ଖୁସିବ୍ୟକ୍ତ କରିବା ସହ ସେ ଉଦବୋଧନ ଦେଇ କହିଛନ୍ତି, ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଉଭୟ ସହଯୋଗିତା ଓ ପ୍ରତିଯୋଗିତାମୂଳକ ମନୋଭାବ ରହିବା ଉଚିତ। ପାଠ ପଢ଼ିବା ସହିତ ଖେଳକୁଦ, ଚିତ୍ରାଙ୍କନ, ସଂଗୀତ, ନୃତ୍ୟ ଆଦି ପ୍ରତି ରୁଚି ରହିଲେ ଛାତ୍ରଛାତ୍ରୀମାନଙ୍କର ସମାଗ୍ରିକ ବିକାଶ ଘଟିଥାଏ ଏବଂ ସୁରଭି ସେହି ପ୍ରତିଭାର ପରିସ୍ଫୁଟନର ଏକ ଉପଯୁକ୍ତ ମାଧ୍ୟମ।

ମନ୍ତ୍ରୀ ଏହା ମଧ କହିଛନ୍ତି ଯେ ସମସ୍ତଙ୍କ ମଧ୍ୟରେ ବିଶ୍ୱ ବିଷୟରେ ଜାଣିବା ପାଇଁ ଆଗ୍ରହ ସୃଷ୍ଟିହେବା ଉଚିତ। ଶିକ୍ଷା ବ୍ୟବସ୍ଥାରେ ନୂତନ ପ୍ରଯୁକ୍ତିବିଦ୍ୟାକୁ ସ୍ଥାନ ଦେଇ ଆମକୁ ସବୁ ଦିଗରୁ ସ୍ୱୟଂସଂପୂର୍ଣ୍ଣ ହେବାକୁ ପଡ଼ିବ ବୋଲି ଗଣଶିକ୍ଷା ମନ୍ତ୍ରୀ ସୂଚନା ଦେଇଛନ୍ତି। ଏଥିସହ ଗଣଶିକ୍ଷା ମନ୍ତ୍ରୀ ଶିକ୍ଷକମାନଙ୍କୁ ପ୍ରାଧାନ୍ୟ ଦେଇଥିଲେ ଏବଂ ବ୍ୟକ୍ତି ନିର୍ମାଣରେ ଶିକ୍ଷକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଭୁବନେଶ୍ୱର ମେୟର ଶ୍ରୀମତୀ ସୁଲୋଚନା ଦାସ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ପ୍ରେରିତ କରିଥିଲେ। ସେ କହିଛନ୍ତି, ରାଜ୍ୟର କୋଣ ଅନୁକୋଣର ଛାତ୍ରଛାତ୍ରୀ ସୁରଭି କାର୍ଯ୍ୟକ୍ରମକୁ ଅପେକ୍ଷା କରିଥାଆନ୍ତି। ଏହି କାର୍ଯ୍ୟକ୍ରମ ସେମାନଙ୍କର କୁଶଳତା ଦେଖାଇବାର ମଞ୍ଚ। ଏଥିସହ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରୟାସକୁ ସେ ପ୍ରଶଂସା କରିଛନ୍ତି।



ସେହିପରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ଆଗାମୀ ସୁରଭି ମହୋତ୍ସବରେ ଏହିପରି ଉତ୍ସାହିତ ଭାବେ ଯୋଗ ଦେବାକୁ ଆହ୍ୱାନ କରିଥିଲେ। ନିଜ ଭିତରେ ଥିବା ପ୍ରତିଭାକୁ ଆଗେଇ ନେଇ, ଏହାକୁ ମାର୍ଜିତ କରି ନିଜକୁ ଭବିଷ୍ୟତ ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ।

ଉଦଯାପନୀ ସନ୍ଧ୍ୟାରେ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପ୍ରାୟ ୧୭୦ ପିଲା ବିଭିନ୍ନ ବିଭାଗରେ କୃତୀତ୍ୱ ହାସଲ କରି ମୁଖ୍ୟ ଅତିଥିଙ୍କଠାରୁ ପୁରସ୍କୃତ ହୋଇଛନ୍ତି। ଏଥିସହ ରାଜ୍ୟ ମୁକ୍ତ ବିଦ୍ୟାଳୟ ପକ୍ଷରୁ ଦଶମ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ସରଳୀକୃତ ଓ ସଂକ୍ଷିପ୍ତ ପୁସ୍ତକର ଉନ୍ମୋଚନ କରାଯାଇଛି। ପାଞ୍ଚଟି ବିଭାଗ ଯଥା- ହିନ୍ଦୀ, ଇଂରାଜୀ, ସଂସ୍କୃତ, ଜୀବ ବିଜ୍ଞାନ ଓ ଭୌତିକ ବିଜ୍ଞାନ ପୁସ୍ତକକୁ ଅତିଥିବୃନ୍ଦ ଉନ୍ମୋଚିତ କରିଛନ୍ତି।

ଚଳିତ ସୁରଭି ମହୋତ୍ସବରେ ୨୫ ଟି ଷ୍ଟଲ ଖୋଲାଯାଇଥିଲା। ଏହି ଷ୍ଟଲଗୁଡିକରେ ନିପୁଣ ଓଡ଼ିଶା, ମୌଳିକ ସଂଖ୍ୟାଜ୍ଞାନ, ଜାତୀୟ ଶିକ୍ଷା ନୀତି ୨୦୨୦, ଶିଶୁ ବାଟିକା, ପିଏମ-ପୋଷଣ, ଆଦର୍ଶ ବିଦ୍ୟାଳୟ, ଅଲମ୍ପିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ ଆଦି ସ୍ଥାନିତ ହୋଇଛି। ଏହିସବୁ ଷ୍ଟଲଗୁଡିକୁ ଅତିଥିମାନେ ବୁଲି ଏହାର ଉଚ୍ଚ ପ୍ରଶଂସା କରିଛନ୍ତି।

ତିନିଦିନବ୍ୟାପୀ ଚାଲିଥିବା ଶିଶୁ ମହୋତ୍ସବରେ ଅନେକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମହୋତ୍ସବରେ ମୁଖ୍ୟ ଆକର୍ଷଣ ସାଜିଥିଲା ଛାୟା ମିଳିତ ଜାତିସଂଘ। ଏଥିସହ ଛାତ୍ରଛାତ୍ରୀଙ୍କୁ ଅନୁପ୍ରାଣିତ କରିବା ପାଇଁ ମିଟ୍ ଦ ପର୍ସନାଲିଟିର ଆୟୋଜନ କରାଯାଇଥିଲା। ଏଥିସହ ଚଳିତ ବର୍ଷ ସୁରଭି ସମ୍ବାଦ ସାଜିଥିଲା ଲୋକସମ୍ପର୍କର ମାଧ୍ୟମ। ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗଣମାଧ୍ୟମ ପ୍ରତି ସଚେତନତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଉଭୟ ସମ୍ବାଦପତ୍ର ଓ ସ୍ୱତନ୍ତ୍ର ବୁଲେଟିନ୍ ର ଆୟୋଜନ କରାଯାଇଥିଲା। ଏଥିସହ ଛାତ୍ରଛାତ୍ରୀଙ୍କୁ ସ୍ଥାନୀୟ ଐତିହାସିକ ସ୍ଥାନ ପରିଦର୍ଶନରେ ନିଆଯାଇଥିଲା। 'ସୁରଭି' କାର୍ଯ୍ୟକ୍ରମରେ ପ୍ରାୟତଃ ୨୪୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ସହଯୋଗୀ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ୧୦୦୦ରୁ ଉର୍ଦ୍ଧ୍ୱ ସରକାରୀ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଛନ୍ତି।

# ରେଳପଥ ଦ୍ୱାରା ଜନଜାତୀୟ ଗୌରବ ଦିବସ

**ଭୁବନେଶ୍ୱର,୧୮।୧୧ (ମହାଭାରତ):** ଭାରତର ଆଦିବାସୀ ନାୟକମାନଙ୍କ ବୀରତ୍ୱ, ଦୂରଦୃଷ୍ଟି ଏବଂ ଅସାଧାରଣ ଅବଦାନ ପ୍ରତି ଏକ ଉତ୍ସାହୀ ଶ୍ରଦ୍ଧାଞ୍ଜଳି ସ୍ୱରୂପ, ଜନଜାତୀୟ ଗୌରବ ବର୍ଷ ପଖୱାଡ଼ା ୨୦୨୫ ନଭେମ୍ବର ୧ ରୁ ୧୫ ତାରିଖ ପର୍ଯ୍ୟନ୍ତ ସାରା ଦେଶରେ ପାଳିତ ହେଉଛି। ଏହି ଦୁଇ ପକ୍ଷ ଧରି ପାଳନ ବର୍ଷବ୍ୟାପୀ ଜନଜାତୀୟ ଗୌରବ ବର୍ଷ ର ଏକ ଅବିଚ୍ଛେଦ୍ୟ ଅଂଶ, ଯାହା ଭାରତର ସବୁଠାରୁ ପୂଜ୍ୟ ଆଦିବାସୀ ସ୍ୱାଧୀନତା



ସଂଗ୍ରାମୀ ଏବଂ ଉପନିବେଶବାଦୀ ପ୍ରଭୁତ୍ୱ ବିରୁଦ୍ଧରେ ପ୍ରତିରୋଧର ଏକ ସ୍ଥାୟୀ ପ୍ରତୀକ – ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜନ୍ମବାର୍ଷିକୀକୁ ସ୍ମରଣ କରେ। ଦେଶବ୍ୟାପୀ ଉତ୍ସବ ଏବଂ 'ଆଦିବାସୀଙ୍କୁ ସଶକ୍ତ କରିବା, ଭାରତକୁ ପରିବର୍ତ୍ତନ କରିବା' ବିଷୟବସ୍ତୁ ସହିତ ସମନ୍ୱୟ ରଖି ପୂର୍ବତଟ ରେଳପଥ ଏହାର ମୁଖ୍ୟାଳୟ, ରେଳ ସଦନ, ଭୁବନେଶ୍ୱରରେ ଜନଜାତୀୟ ଗୌରବ ଦିବସ ପାଳନ କରିଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ଶ୍ରୀ ବିଏସକେ ରାଜକୁମାର ଅଧ୍ୟକ୍ଷତା କରିଥିଲେ ଏବଂ ଭଗବାନ ବିର୍ସା ମୁଣ୍ଡାଙ୍କ ପ୍ରତି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ, ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉତ୍ସାହରସହ ଯୋଗ ଦେଇଥିଲେ।

# ନେକ୍ସସ୍ ଏସପ୍ଲାନେଡ୍ ଶିଶୁ ଦିବସ

**ଭୁବନେଶ୍ୱର,୧୮।୧୧ (ମହାଭାରତ):** ନେକ୍ସସ୍ ଏସପ୍ଲାନେଡ୍ ପକ୍ଷରୁ ଶିଶୁ ଦିବସ ଅବସରରେ ସମସ୍ତ ବୟସର ପିଲାଙ୍କ ଅସୀମ ସୃଜନଶୀଳତା, କଳ୍ପନା ଏବଂ



ଆନନ୍ଦକୁ ପାଳନ କରି ଏକ ଜୀବନ୍ତ ଶିଶୁ ମଜା ଉତ୍ସବ ଆୟୋଜନ କରାଯାଇଥିଲା। ଏହି ଉତ୍ସବ ଅପରାହ୍ନ ୫ ଟାରୁ ଆରମ୍ଭ ହୋଇଥିଲା, ଯେଉଁଥିରେ ପ୍ରେରଣା, ମନୋରଞ୍ଜନ ଏବଂ ନିୟୋଜିତ କରିବା ପାଇଁ ପରିକଳ୍ପିତ କାର୍ଯ୍ୟକଳାପର ଏକ ରୋମାଂଚକର ଲାଇନଅପ୍ ପ୍ରଦର୍ଶିତ ହୋଇଥିଲା। ଟ୍ୟାଲେଟ୍ ସ୍ପଟ୍ ଲାଇଟ୍ ୪-୭ ବର୍ଷ ବୟସର ଯୁବ ତାରକାମାନଙ୍କୁ ଉଜ୍ଜ୍ୱଳ ହେବା ପାଇଁ ଏକ ମଂଚ ଦେଇଥାଏ - ଗୀତ, ନୃତ୍ୟ, କବିତା କିମ୍ବା କୌଣସି ସୃଜନଶୀଳ କାର୍ଯ୍ୟ ମାଧ୍ୟମରେ ଯାହା ସେମାନଙ୍କର ଆତ୍ମବିଶ୍ୱାସ ଏବଂ ଆତ୍ମ-ଅଭିବ୍ୟକ୍ତିକୁ ସ୍ପଟ୍ ଲାଇଟ୍ କରିବାକୁ ଦେଇଥାଏ । ଏହା ପରେ, ଆର୍ଟ ଫ୍ରମ୍ ୱେଷ୍ଟ ୱାର୍କସପ୍ ୮-୧୨ ବର୍ଷ ବୟସର ପିଲାମାନଙ୍କୁ ଦୈନନ୍ଦିନ ବର୍ଜ୍ୟବସ୍ତୁକୁ ସୁନ୍ଦର, ଅର୍ଥପୂର୍ଣ୍ଣ କଳା କାର୍ଯ୍ୟରେ ପରିଣତ କରିବାକୁ ଆମନ୍ତ୍ରଣ କରିଥିଲା - ସୃଜନଶୀଳତାକୁ ସ୍ଥିରତାର ବାର୍ତ୍ତା ସହିତ ମିଶ୍ରଣ କରିବା। ଉତ୍ସାହକୁ ଯୋଡି, ରିସାଇକ୍ଲେଡ୍ କାର୍ନିଭାଲ୍ ଗେମ୍ସ ସମସ୍ତ ବୟସର ପିଲାମାନଙ୍କ ପାଇଁ ହସରେ ପରିପୂର୍ଣ୍ଣ, ପରିବେଶ ଅନୁକୂଳ ମଜା ପ୍ରଦାନ କରିଥିଲା, ଯାହା ଖେଳ ସମୟକୁ ଶିକ୍ଷଣ ଏବଂ ସଚେତନତାର ଅନୁଭୂତିରେ ପରିଣତ କରିଥିଲା। ସନ୍ଧ୍ୟା ଏକ ଆନନ୍ଦ ପ୍ୟାରେଡ୍ ଏବଂ ଆକର୍ଷଣୀୟ ମନୋରଞ୍ଜନ ଅଧିବେଶନ ସହିତ ଶେଷ ହୋଇଥିଲା, ଯାହା ସମଗ୍ର ପରିବାର ପାଇଁ ସଙ୍ଗୀତ, ଗତିବିଧି ଏବଂ ଯାଦୁକରୀ ସ୍ମୃତିରେ ବାୟୁକୁ ଭରି ଦେଇଥିଲା ।

# କିମ୍ସରେ 'କହୋଟେକ୍'ର ଦଶମ ସଂସ୍କରଣ ଉଦ୍‌ଯାପିତ

**ଭୁବନେଶ୍ୱର,୧୮।୧୧ (ମହାଭାରତ):** କନ୍‌ସୋର୍ଟିୟମ୍ ଅଫ୍ ଆକ୍ରେଡିଟେଡ୍ ହେଲଥ୍‌କେୟାର ଅର୍ଗାନାଇଜେସନ୍‌ସ (କହୋ) ଦ୍ୱାରା ଆୟୋଜିତ ଭାରତର ପ୍ରିମିୟର ହେଲ୍‌ଥକେୟାର ଟେକ୍ନୋଲୋଜି ଇନୋଭେସନ୍ କନକ୍ଲେଭ୍– କାହୋଟେକ୍‌ର ଦଶମ ସଂସ୍କରଣ ରବିବାର କିମ୍‌ସରେ ଉଦଯାପିତ ହୋଇ ଯାଇଛି। କିମସ ଓ କାହୋ ମିଳିତ ଆନୁକୁଲ୍ୟରେ 'ଟେକ୍ନୋଲୋଜି ଆଣ୍ଡ ଇମ୍ପାକ୍ଟ: ସଲଭିଂ ଚ୍ୟାଲେଞ୍ଜେସ ଇନ ହେଲ୍‌ଥକେୟାର' ବିଷୟବସ୍ତୁ ଉପରେ ଆୟୋଜିତ ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟସେବା ଶିଳ୍ପ, ବୃତ୍ତିଗତ, ନବସର୍ଜନାକାରୀ, ଷ୍ଟାର୍ଟଅପ୍ ଓ ଛାତ୍ର ପ୍ରତିନିଧିମାନେ ଯୋଗ ଦେଇଥିଲେ। କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମ କ୍ରମେ ଓଡ଼ିଶାକୁ ପ୍ରଥମ ଥର ଲାଗି ଏହି କାର୍ଯ୍ୟକ୍ରମ କିମ୍‌ସ ତତ୍ତ୍ୱାବଧାନରେ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ ଶ୍ରୀ ସାମନ୍ତ କହିଲେ, ବର୍ଷ ବର୍ଷ ଧରି କାହୋଟେକ୍, କାହୋର ସ୍ୱାସ୍ଥ୍ୟ ପ୍ରଯୁକ୍ତି ଫୋରମର ପ୍ରମୁଖ ପ୍ଲାଟଫର୍ମ ଭାବରେ ରହି ଆସିଛି। ଏହା ସ୍ୱାସ୍ଥ୍ୟସେବା ପ୍ରଦାନକାରୀ, ପ୍ରଯୁକ୍ତିବିଦ୍ୟା ଉଦ୍‌ଭାବକ, ନୀତି ନିର୍ଦ୍ଧାରକ, ଉଦ୍ୟୋଗୀ, ନିବେଶକ ଏବଂ ଶିଳ୍ପଦ୍ୟୋଗୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିପାରିଛି। ସ୍ୱାସ୍ଥ୍ୟସେବା ଇକୋସିଷ୍ଟମ ମଧ୍ୟରେ ଅଭିବୃଦ୍ଧି ଓ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା ଦିଗରେ ଏହା ସହଯୋଗ, ନବସର୍ଜନା ଓ ପ୍ରଯୁକ୍ତିବିଦ୍ୟା ଗ୍ରହଣକୁ ପ୍ରୋତ୍ସାହିତ କରିଆସୁଛି। କାହୋଟେକ୍ ୨୦୨୫ ଦୂରଦୃଷ୍ଟିପୂର୍ଣ୍ଣ ଚିନ୍ତାଧାରାର ଆଦାନପ୍ରଦାନ, ସହଯୋଗୀ ସୁଯୋଗର ଆବିଷ୍କାର ଏବଂ ପ୍ରଭାବଶାଳୀ ନବସର୍ଜନା ପାଇଁ ଏକ ଆଦର୍ଶ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବ ବୋଲି ଶ୍ରୀ ସାମନ୍ତ ଆଶା ବ୍ୟକ୍ତ କରିଥିଲେ। କାହୋର ଦଶମ ସଂସ୍କରଣ ବିଷୟରେ ସୂଚନା ଦେଇ ଏହାର ସଭାପତି ଡ




ବିଜୟ ଅଗ୍ରୱାଲ କହିଲେ ସୁରକ୍ଷିତ, ସ୍ମାର୍ଟ ଓ ଅଧିକ ସମାନ ସ୍ୱାସ୍ଥ୍ୟସେବାର ନୂତନ ଦିଗ ଉପରେ ଚିନ୍ତା କରୁଥିବା ଏକ ପ୍ଲାଟଫର୍ମ ହେଉଛି କାହୋ। ଏହାର ଲକ୍ଷ୍ୟ ହେଉଛି ସ୍ୱୀକୃତ ହସ୍ପିଟାଲଗୁଡ଼ିକୁ ସେମାନଙ୍କର ନିରନ୍ତର ଗୁଣାତ୍ମକ ଚିକିତ୍ସା ସେବାରେ ଉନ୍ନତି ଆଣିବା। ସମ୍ମାନୀୟ ଅତିଥି ଭାବେ କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳାଧିପତି ଡା ସୁବ୍ରତ କୁମାର ଆଚାର୍ଯ୍ୟ ଶ୍ରୀ ସାମନ୍ତଙ୍କ ଦୃଷ୍ଟିକୋଣକୁ ଉଦ୍ଧୃତ କରି କହିଲେ, ଅଚ୍ୟୁତ ସାମନ୍ତ ବିଶ୍ୱାସ କରନ୍ତି, ଦାରିଦ୍ର୍ୟ ହେଉଛି ଦେଶର ବଡ଼ ସମସ୍ୟା ଏବଂ ଗୁଣାତ୍ମକ ଶିକ୍ଷା ହିଁ ଦାରିଦ୍ର୍ୟ ଦୂର କରିପାରିବ। ଆଇଆଇଟି ନିର୍ଦ୍ଦେଶକ ଡ ସୁମନ ଚକ୍ରବର୍ତ୍ତୀ ଅନ୍ୟତମ ସମ୍ମାନୀୟ ଅତିଥି ଭାବରେ ଯୋଗଦେଇ କହିଲେ, ଚିକିତ୍ସା ପ୍ରଯୁକ୍ତିବିଦ୍ୟା କେବଳ ଆଜି ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ, ଏହା ବିଶ୍ୱର ସମସ୍ତଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବାର ଏକମାତ୍ର ଉପାୟ ହେବା ଉଚିତ।

# ଶ୍ରୀବଳଦେବଜୀଉ ମନ୍ଦିର ପରିକ୍ରମା ପାଇଁ ବଡ ଯୋଜନା

**ଭୁବନେଶ୍ୱର,୧୮।୧୧ (ମହାଭାରତ):** କେନ୍ଦ୍ରାପଡ଼ାର ପ୍ରସିଦ୍ଧ ବଳଦେବ ଜୀଉ ମନ୍ଦିରର ଐତିହ୍ୟ, ପର୍ଯ୍ୟଟନ ଓ ଭକ୍ତଙ୍କ ଭାବାବେଗ ଦୃଷ୍ଟିରୁ ସ୍ୱତନ୍ତ୍ରତା ରହିଛି। ମନ୍ଦିରର ପୂଜାବିଧି ଓ ପରମ୍ପରା ମଧ ଅନେକ ଜଗନ୍ନାଥପ୍ରେମୀଙ୍କୁ ଆକୃଷ୍ଟ କରିଥାଏ। ବର୍ତ୍ତମାନ ସମୟରେ ମନ୍ଦିର ଓ ପାରିପାର୍ଶ୍ୱିକ ଉନ୍ନତି ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ରହିଛନ୍ତି। ଏହି କ୍ରମରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବଳଦେବ ଜୀଉ ମନ୍ଦିର ଓ ପାରିପାର୍ଶ୍ୱିକ ଉନ୍ନତି ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ମନ୍ଦିରର ଆବଶ୍ୟକ ମରାମତି, ପାରିପାର୍ଶ୍ୱିକ ଉନ୍ନତି ସହ ଆନନ୍ଦ ବଜାର, ରୋଷଘର, ସିନ୍ଦୁକ ଘର, ନିକଟରେ ଥିବା ପୁଷ୍କରିଣୀର ଉନ୍ନତିକରଣ ନେଇ କ'ଣ



ପଦକ୍ଷେପ ନିଆଯାଇପାରିବ ସେ ନେଇ ପ୍ରସ୍ତାବିତ ଥ୍ରୀ-ଡ଼ି ନକ୍ସାର ତର୍ଜମା କରାଯାଇଥିଲା। ଏଥିସହିତ ମାଉସୀ ମା' ମନ୍ଦିରର ଉନ୍ନତି କରଣ, ପାର୍କିଂ ସ୍ଥଳ, ରଥଖଳା, ଯାତ୍ରୀନିବାସ, ଭୋଗ ଦୋକାନ, ପୋଲିସ କଣ୍ଟ୍ରୋଲ ରୁମ୍ ଆଦିର ଆଧୁନିକୀକରଣ ବାବଦରେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଓ ଜିଲ୍ଲାପାଳ ରଘୁରାମ ଆର୍. ଆୟାରଙ୍କ ଓ ମନ୍ଦିର ସେବାୟତ ମାନଙ୍କ ସହ ଆଲୋଚନା ହୋଇଥିଲା। ଏହି ଅବସରରେ ବଳଦେବ ଜୀଉ ମନ୍ଦିର ଓ ପାରିପାର୍ଶ୍ୱିକ ଉନ୍ନତି ପାଇଁ ବିସ୍ତୃତ ପ୍ଲାନ୍ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ପ୍ରଦାନ କରିବା ପାଇଁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ାର ଅତିରିକ୍ତ ଜିଲ୍ଲାପାଳ, ମନ୍ଦିର ସେବାୟତ ସଂଘର ପ୍ରତିନିଧି ବୃନ୍ଦ ଏବଂ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶାର ଐତିହାସିକ କୀର୍ତ୍ତିରାଜିମାନଙ୍କ ଭିତରେ ଅନ୍ୟତମ ହେଉଛି ବଳଦେବଜୀଉ ମନ୍ଦିର। କେନ୍ଦ୍ରାପଡ଼ା ସହରର ୨ କିଲୋମିଟର ଦକ୍ଷିଣ ପଶ୍ଚିମକୁ ଇଚ୍ଛାପୁର ଗାଁର କେନ୍ଦ୍ରରେ ଏହା ଅଷ୍ଟାଦଶ ଶତାବ୍ଦୀରେ ମରାଠା ଶାସନ କାଳରେ ତିଆରି ହୋଇଥିବାର ଅନୁମାନ କରାଯାଏ। ନାଗପୁରର ରଘୁଜୀ ଭୋସଲେ ନାମକ ମରାଠା ଶାସକ ଏହାକୁ ଗଢ଼ିଥିଲେ ବୋଲି କୁହାଯାଏ। ଦୁଇ ଏକର ୬ ଡ଼େସିମିଲ ପରିମିତ ସ୍ଥାନରେ ଅବସ୍ଥିତ ଏଇ ମନ୍ଦିର ଦୁଇ ଭାଗରେ ବିଭକ୍ତ। ଗୋଟିଏ ପାଖରେ ବିଭିନ୍ନ ମନ୍ଦିର ରହିଛି ଓ ଅନ୍ୟ ପାଖଟି ଉଦ୍ୟାନ। ଏହି ମନ୍ଦିରର ପାଚେରୀ ୧୪ ଫୁଟ ଉଚ୍ଚ। ମନ୍ଦିରର ଅରୁଣସ୍ତମ୍ଭଟି ୪୦ ଫୁଟ ଉଚ୍ଚତା ବିଶିଷ୍ଟ। ମୁଖ୍ୟ ମନ୍ଦିରର ଉଚ୍ଚତା ୭୫ ଫୁଟ ଓ ଓସାର ୪୦ ଫୁଟ। ପୁରାତନ ସପ୍ତପାବଚ୍ଛ ନିର୍ମାଣଶୈଳୀର ଆଧାରରେ ଏହା ବଉଳମାଳିଆ ପଥର ବ୍ୟବହାର କରି ତିଆରି କରାଯାଇଛି। ମନ୍ଦିରର ଚୂଡ଼ାରେ ରାମାନନ୍ଦୀ ଚିତା, ବ୍ରହ୍ମ ନୀଳଚକ୍ର ରହିଛି ଓ ଏହାର ଶୀର୍ଷରେ ନୀଳଚକ୍ର ବାନା ଉଡୁଛି। ମନ୍ଦିରର ଗର୍ଭଗୃହରେ ଥିବା ରତ୍ନ ସିଂହାସନରେ ତିନି ମୂର୍ତ୍ତି ଶ୍ରୀ ବଳଦେବ ଜୀଉ, ଶ୍ରୀ ଜଗନ୍ନାଥ ଏବଂ ଦେବୀ ସୁଭଦ୍ରା ବିଜେ କରିଛନ୍ତି।

# ବୈଦ୍ୟୁତିକ ଯାନ ନୀତି ୨.୦ ଉପରେ ଆଲୋଚନା

**ଭୁବନେଶ୍ୱର,୧୮।୧୧ (ମହାଭାରତ):** ଓଡ଼ିଶା ବୈଦ୍ୟୁତିକ ଯାନ (ଇଭି) ନୀତିରେ ପ୍ରସ୍ତାବିତ ସଂଶୋଧନ ଉପରେ ଏକ ଅଂଶୀଦାର ପରାମର୍ଶ ବୈଠକ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀଙ୍କ ଅନୁଷ୍ଠିତ ହୋଇଯାଇଛି।ଏହି ବୈଠକରେ ରାଜ୍ୟର ଇଭି ଇକୋସିଷ୍ଟମ୍ କୁ ସୁଦୃଢ଼ କରିବା ଏବଂ ଆଗାମୀ ଓଡ଼ିଶା ଇଭି ନୀତି ୨.୦ ର ଢାଞ୍ଚା ଗଠନ ଉପରେ ବିଚାର ବିମର୍ଶ କରିବା ପାଇଁ ଏକାଧିକ ବିଭାଗ ଓ କ୍ଷେତ୍ରର ବରିଷ୍ଠ ଅଧିକାରୀ ଓ ବିଶେଷଜ୍ଞମାନେ ଯୋଗଦେଇଥିଲେ। ଖାରବେଳ ଭବନ ପଞ୍ଚମ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପରିବହନ କମିଶନର ଅମିତାଭ ଠାକୁର , ସିଏମଡି-ଓଏସଆରଟିସି ଏନ. ବି. ଏସ. ରାଜପୁତ , କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୁମାର ବିଶ୍ୱାଳ , ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ , ଶକ୍ତି, ଅର୍ଥ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ବରିଷ୍ଠ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଅଂଶଗ୍ରହଣକାରୀମାନେ ବର୍ଦ୍ଧିତ କ୍ରୟ ପ୍ରୋତ୍ସାହନ, ଯାନ ରେଟ୍ରୋ-ଫିଟମେଂଟ ଏବଂ ସ୍କ୍ରାପେଜ୍ ଲାଭ, ପିଏମ ଇ-ଡ୍ରାଇଭ୍ ଯୋଜନା ଅଧୀନରେ ଚାର୍ଜିଂ ଭିତିଭୂମିର ବିକାଶ ଏବଂ ଇଭି ପଦକ୍ଷେପର ଦୀର୍ଘକାଳୀନ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ଏକ ଉତ୍ସର୍ଗୀକୃତ ରାଜ୍ୟ ଇଭି ପାଣ୍ଠି ସୃଷ୍ଟି ଭଳି ପ୍ରମୁଖ ଦିଗ ଉପରେ ଆଲୋଚନା କରିଥିଲେ। ଆନ୍ତଃବିଭାଗୀୟ ସମନ୍ୱୟ ଏବଂ ଘରୋଇ କ୍ଷେତ୍ରର ଯୋଗଦାନ ଉପରେ ଗୁରୁତ୍ୱ ଦେଇ ଶ୍ରୀମତୀ ପାଢୀ ସମଗ୍ର ଓଡ଼ିଶାରେ ବୈଦ୍ୟୁତିକ ଗତିଶୀଳତାକୁ ଏକ ସୁଗମ ଏବଂ ଅନ୍ତର୍ଭୁକ୍ତ ପରିବର୍ତ୍ତନକୁ ସକ୍ଷମ କରିବା ପାଇଁ ଦକ୍ଷତା ବିକାଶ ଏବଂ ନୀତି ସଂରେଖାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି ପରାମର୍ଶ ଓଡ଼ିଶା ଇଭି ନୀତି ୨ କୁ ଚୂଡ଼ାନ୍ତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅଟେ, ଯାହାର ଉଦ୍ଦେଶ୍ୟ ବିକଶିତ ଓଡ଼ିଶା ୨୦୩୬ ର ଦୃଷ୍ଟିକୋଣ ଅନୁଯାୟୀ ଓଡ଼ିଶାର ସ୍ୱଚ୍ଛ ଏବଂ ସବୁଜ ଗତିଶୀଳତା ଆନ୍ଦୋଳନରେ ଅଗ୍ରଣୀ ଭାବରେ ଅବସ୍ଥାପିତ ହେବା।

# ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ପ୍ରେସ୍ ଦିବସ

**ଭୁବନେଶ୍ୱର,୧୮।୧୧ (ମହାଭାରତ):** ସମାଜର ତଳସ୍ତରରେ ଥିବା ଗରିବ ଓ ଅବହେଳିତ ମଣିଷର ସମସ୍ୟାଗୁଡ଼ିକୁ ଲୋକଲୋଚନକୁ ଆଣିବା ଦିଗରେ ଗଣମାଧ୍ୟମ ଶକ୍ତିଶାଳୀ ଭୂମିକା ଗ୍ରହଣ କରିବା ଉଚିତ୍। ଅନ୍ୟାୟ, ଅନୀତି ବିରୁଦ୍ଧରେ ସେମାନେ ସତ୍ୟ ଓ ନିର୍ଭୀକ ଭାବେ ଲେଖନୀ ଚାଳନା କଲେ ଗଣତନ୍ତ୍ର ସୁଦୃଢ ହୋଇପାରିବ ବୋଲି ଜାତୀୟ ପ୍ରେସ୍ ଦିବସ ପାଳନ ଅବସରରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି।

ରବିବାର ସ୍ଥାନୀୟ ଜୟଦେବ ଭବନଠାରେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ ଆନୁକୂଲ୍ୟରେ କେନ୍ଦ୍ର ସରକାରଙ୍କ ଅଧିନରେ ରାଜ୍ୟରେ ଥିବା ଦୂରଦର୍ଶନ କେନ୍ଦ୍ର, ଆକାଶବାଣୀ, ପ୍ରେସ୍ ଇନଫରମେସନ ବ୍ୟୁରୋ (ପିଆଇବି), ସେଣ୍ଟ୍ରାଲ ବ୍ୟୁରୋ ଅଫ କମ୍ୟୁନିକେଶନ (ସିବିସି) ଏବଂ ଏକାଡ଼େମୀ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଇନଫରମେସନ ଟେକ୍ନୋଲୋଜି (ଅମିତ୍)ର ମିଳିତ ସହଯୋଗରେ 'ଜାତୀୟ ପ୍ରେସ୍ ଦିବସ-୨୦୨୫' ପାଳନ କରାଯାଇଥିଲା। ଏହି ଉତ୍ସବରେ ରାଜ୍ୟ ମାବାଧିକାର କମିଶନର ଅଧ୍ୟକ୍ଷ ଜଷ୍ଟିସ ଶତୃଘ୍ନ ପୂଜାରୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ କହିଲେ ଯେ, ଗଣମାଧ୍ୟମକୁ ସରକାର ମଧ ବିଭିନ୍ନ ସମୟରେ ଡରି ପୁରା ପୃଷ୍ଠା ବିଜ୍ଞାପନ ଦିଅନ୍ତି, କିନ୍ତୁ ପ୍ରକୃତ ସତ୍ୟ ହେଲା ସମ୍ବିଧାନର ଧାରା ୧୯(କ) ଅନୁଯାୟୀ ବ୍ୟକ୍ତି ସ୍ୱାଧୀନତା ଏବଂ ସୂଚନା



ଅଧିକାରକୁ କେହି ଚାହାଁନ୍ତି ନାହିଁ। ବର୍ତ୍ତମାନ ସମୟରେ ସକାରାତ୍ମକ ସମ୍ବାଦକୁ କେହି ପଢନ୍ତି ନାହିଁ, ବରଂ ନକାରାତ୍ମକ ଏବଂ ସମ୍ବେଦନଶୀଳ ଖବରକୁ ସମସ୍ତେ ଖୋଜି ବୁଲନ୍ତି। ଉଦ୍‌ଘାଟକ ଭାବେ ଯୋଗଦେଇ ଉନ୍ନୟନ କମିଶନର ଅନୁ ଗର୍ଗ କହିଛନ୍ତି ଯେ, ୨୦୩୬ରେ ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ଭିଜନ ଡକ୍ୟୁମେଣ୍ଟ ଏବଂ ସ୍ୱାଧୀନତାର ୧୦୦ ବର୍ଷରେ ୨୦୪୭ରେ ଭିଜନ ଡକ୍ୟୁମେଣ୍ଟ ରାଜ୍ୟ ସରକାର ପ୍ରସ୍ତୁତ କରୁଛନ୍ତି। ଏଥିରେ ରାଜ୍ୟକୁ ଅଗ୍ରଣୀ କରିବା କ୍ଷେତ୍ରରେ ଅର୍ଥନୈତିକ ପ୍ରଗତିକୁ ଦୃଷ୍ଟିରେ ରଖାଯାଇଛି। ସ୍ୱାସ୍ଥ୍ୟସେବା, ସମାନୁପାତିକ ପ୍ରଗତି ଭଳି ପ୍ରସଙ୍ଗଗୁଡ଼ିକୁ ସାମ୍ବାଦିକମାନେ ଲୋକଙ୍କ ପାଖରେ ତୃଣମୂଳସ୍ତର ପର୍ଯ୍ୟନ୍ତ ପହଞ୍ଚାଇ ପାରିଲେ ଭିଜନ ଡକ୍ୟୁମେଣ୍ଟର ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି କହିଥିଲେ। ରାଜ୍ୟ ଆଇନ କମିଶନର ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ କହିଲେ ଯେ, ୨୫ ବର୍ଷ ଧରି ସମ୍ବାଦପତ୍ରର ଓକିଲ ଭାବେ କାର୍ଯ୍ୟ କରି ସାମ୍ବାଦିକମାନଙ୍କର ଅନେକ ସସସ୍ୟା ସମ୍ପର୍କରେ ଅବଗତ ଅଛନ୍ତି। ରାଜ୍ୟ ସରକାରଙ୍କ ଶିଳ୍ପ ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସମ୍ମାନିତ ଅତିଥି ରୂପେ ଯୋଗଦେଇ କହିଥିଲେ ଯେ, ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ ପକ୍ଷରୁ ଦିଆଯାଇଥିବା ବିଭିନ୍ନ ପସ୍ତାବ ଗୁଡ଼ିକୁ ସହାନୁଭୂତିର ସହ ସରକାର ବିଚାର କରିବେ। ଇତି ମଧ୍ୟରେ ସରକାର ମଧ ବର୍ଷକୁ ୧୦ କୋଟି ଟଙ୍କାର ରାଜ୍ୟର ୮୦୦୦ ସାମ୍ବାଦିକମାନଙ୍କ ବାବଦରେ ସ୍ୱାସ୍ଥ୍ୟବୀମା ପ୍ରିମିୟମ ଦେଉଛନ୍ତି ବୋଲି ପ୍ରକାଶ କରିଥିଲେ। ସାମ୍ବାଦିକ ମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ସଚେତନ ଅଛନ୍ତି। ଏ ଦିଗରେ ସହାନୁଭୂତିପୂର୍ବକ ବିଚାର କରିବେ ବୋଲି କହିଥିଲେ।ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ଅଧ୍ୟକ୍ଷ ତଥା ଲୋକସେବକ ମଣ୍ଡଳର ଉପାଧ୍ୟକ୍ଷ ଦୀପକ ମାଲବ୍ୟ କହିଥିଲେ ଯେ, ବର୍ତ୍ତମାନ ସମ୍ବାଦପତ୍ର ଛପାଯାଇ ବିକ୍ରି କରାଯାଉ ନାହିଁ ବରଂ ଅଧିକାଂଶ ସମ୍ବାଦପତ୍ର ବିକ୍ରି ହୋଇଯିବା ପରେ ସମ୍ବାଦ ଛାପୁଛନ୍ତି। ଲୋକେ କଣ ଚାହୁଁଛନ୍ତି ସମ୍ବାଦପତ୍ରଗୁଡ଼ିକ ଜାଣିବା ଉଚିତ୍।

# କାଇନେଟିକ୍ ଗ୍ରୀନ ଏବଂ ଏକ୍ସପୋନେଂଟ ଚାର୍ଜିଙ୍ଗ ସମାଧାନ

**ଭୁବନେଶ୍ୱର,୧୮।୧୧ (ମହାଭାରତ):** କାଇନେଟିକ୍ ଗ୍ରୀନ ଏନର୍ଜି ଏବଂ ପାୱାର ସଲ୍ୟୁସନ ଲିମିଟେଡ୍, ଯାହାକି ଭାରତର ପ୍ରମୁଖ ପ୍ରିମିୟର ବୈଦ୍ୟୁତିକ ଦୁଇଚକିଆ ଯାନ (ଇଟୁଡ଼ବ୍ଲୁ) ଏବଂ ବୈଦ୍ୟୁତିକ ତିନିଚକିଆ ଯାନ (ଇଥ୍ରିଡ଼ବ୍ଲୁ)ର ନିର୍ମାଣକାରୀ ପ୍ରତିଷ୍ଠାନ, ଆଜି ଏକ୍ସପୋନେଂଟ ଏନର୍ଜି ସହିତ ଯାହାକି ତ୍ୱରିତ ଚାର୍ଜିଙ୍ଗ ଜ୍ଞାନକୌଶଳର ପଥ ପ୍ରଦର୍ଶକ ଭାବେ ପରିଚିତ ଏକ ବହୁବିଧ ଉଦ୍ଦେଶ୍ୟ ସାଧନକାରୀତାର ଘୋଷଣା କରିଛି। ଭାରତର ବୈଦ୍ୟୁତିକ ଚଳମାନତାର ସ୍ଥିତିରେ ଏକ ଲ୍ୟାଣ୍ଡମାର୍କ ଗୁରୁତ୍ୱ ବହନ କରି କମ୍ପାନୀ ଦେଶର ସବୁଠାରୁ ତ୍ୱରିତ ଚାର୍ଜିଙ୍ଗ ସମାଧାନ ଏଲ୫ ଏବଂ ଏଲ୩ ଇ୩ଡ଼ବ୍ଲୁ ବିଭାଗ ନିମନ୍ତେ ଉପସ୍ଥାପନ କରିଛି ଯାହାକି ଦେଶର ସବୁଠାରୁ ବୃହତର ତ୍ୱରିତ ଅଭିବୃଦ୍ଧିକାରୀ ବ୍ୟବହାରକାରୀ ସେଗମେଂଟ ରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ଯଥାକ୍ରମେ ଇ-ରିକ୍ସା ଏବଂ ଇ-କାର୍ଗୋ କାର୍ଟ ମଧ୍ୟରେ। ଏଭଳି ଏକ ସମନ୍ୱିତକାରୀ କାର୍ଯ୍ୟକାରୀତାର ଦକ୍ଷତାକୁ ଏବଂ ଉତ୍ପାଦନକତାକୁ ଆହୁରି ଅଧିକ ପୁନଃସଂଜ୍ଞାକରଣ କରିବା ସହିତ ଭାରତର ଉଭୟ ସହରାଂଚଳ ଏବଂ ଅର୍ଦ୍ଧ ସହରାଂଚଳ କ୍ଷେତ୍ର ଗୁଡ଼ିକ ମଧ୍ୟରେ ଶେଷ ଚଳମାନତାର ମାଇଲ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ କରିପାରିଛି। ଏହି ସହଭାଗୀତା ମଧ୍ୟରେ, କାଇନେଟିକ୍ ଗ୍ରୀନର ଲୋକପ୍ରିୟ ଏଲ୩ ମଡ଼େଲ – ଯାହା ମଧ୍ୟରେ ଅନ୍ତର୍ଭୁକ୍ତ ରହିଛି ସଫର ସ୍ମାର୍ଟ, ସଫର ଶକ୍ତି ଏବଂ ସୁପର ଡ଼ିଏକ୍ସ – ଯାହାକି ବର୍ତମାନ ୧୫ ମିନିଟର ତ୍ୱରିତ ଚାର୍ଜିଙ୍ଗ ଜ୍ଞାନକୌଶଳର ବିଶେଷତ୍ୱ ସହିତ ଆସିଛି ଯାହାକି ତ୍ୱରିତ ଭାବରେ କମ୍ ଅବଧି ମଧ୍ୟରେ ୩୦% ରୁ ଅଧିକ ଦୈନିକ କାର୍ଯ୍ୟକ୍ଷମର ଅବଧିକୁ ଏହା ବର୍ଦ୍ଧିତ କରିପାରିଛି।

# ମୋଦି-ନୀତିଶଙ୍କୁ ଭରସା

ବିହାର ନିର୍ବାଚନରେ ରେକର୍ଡ ସଂଖ୍ୟକ ମତଦାନ ପରେ ଅନେକ ବିଚାର କରୁଥିଲେ ଯେ, ବିପୁଳ ମତଦାନ ବିରୋଧୀ ଦଳ ସପକ୍ଷରେ ଯିବ ଏବଂ ବିହାରବାସୀ ଏଥର ପରିବର୍ତ୍ତନ ସପକ୍ଷରେ ରାୟ ଦେଇଛନ୍ତି। କିନ୍ତୁ ତାହା ଭୁଲ ପ୍ରମାଣିତ ହୋଇଛି। ବିପୁଳ ମତଦାନ ସବୁ ବେଳେ ବିରୋଧୀ ଦଳ ସପକ୍ଷରେ ବା ପରିବର୍ତ୍ତନ ସପକ୍ଷରେ ଯିବ ବୋଲି ଭାବିବା ଭୁଲ। ଅନେକ ସମୟରେ ବିପୁଳ ମତଦାନ ସ୍ଥିତାବସ୍ଥା ସପକ୍ଷରେ ମଧ୍ୟ ଯାଇଥାଏ। ବିହାରରେ ତାହା ପୁନଃପ୍ରମାଣିତ ହୋଇଛି। ନୀତିଶ କୁମାରଙ୍କ ନେତୃତ୍ୱାଧିନ ସରକାର ସପକ୍ଷରେ ହଲୋକେ ରାୟ ଦେଇଛନ୍ତି। ଏହା ସହିତ କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ବିଜେପି ସରକାରକୁ ମଧ୍ୟ ଲୋକେ ପସନ୍ନଦ କରିଛନ୍ତି। ଏହି ନିର୍ବାଚନରେ ମୋଦି-ନୀତି ଓ ଅନ୍ୟ ପଟେ ରାହୁଲ-ତେଜସ୍ୱୀଙ୍କ ମଧ୍ୟରେ ମୁକାବିଲା ହେଉଥିଲା। ବିହାରବାସୀ ରାହୁଲ-ତେଜସ୍ୱୀଙ୍କୁ ଅଗ୍ରାହ୍ୟ କରିଛନ୍ତି। ବାସ୍ତବରେ ଦେଶରେ ବିଜେପି ବା ଏନଡିଏର ବିଜୟ ପଛରେ ବଡ଼ କାରଣ ହେଲା ରାହୁଲ ଗାନ୍ଧିଙ୍କ ଅପାରଗତା। ରାହୁଲ ଗାନ୍ଧିଙ୍କୁ ଦେଶବାସୀ ପସନ୍ଦ କରୁ ନାହାଁନ୍ତି। ସେ ଏବେ ବି ଜଣେ ଅପରିପକ୍ୱ ନେତା ଭାବେ ବିଚେିତ ହେହଉଛନ୍ତି। ସେ କଥା କହିଲେ ବିଜେପିର ଭୋଟ ବଢୁଛି। ତାଙ୍କର ଭୋଯ ଚୋରି ଅଭିଯୋଗକୁ ଲୋକେ ବିଶ୍ୱାସ କରୁ ନାହାଁନ୍ତି କିମ୍ବା ଗ୍ରହଣ କରୁ ନାହାଁନ୍ତି। ରାହୁଲଙ୍କ ଭଳି ବିରୋଦୀ ମହାମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତେଜସ୍ୱୀ ଯାଦବ ମଧ୍ୟ ଲୋକଙ୍କ ପସନ୍ଦ ହେଲେ ନାହିଁ। ମୁଖ୍ୟମନ୍ତ୍ରୀ ହେବାକୁ ତାଙ୍କର ଯୋଗ୍ୟତା ବା ପରିପକ୍ୱତା ନାହିଁ। ତାଙ୍କ ତୁଳନାରେ ନୀତିଶ କୁମାର ନେତୃତ୍ୱ ଏବଂ ବ୍ୟକ୍ତିତ୍ୱ ଦୃଷ୍ଟିରୁ ବହୁ ଆଗରେ। ଏଥର ବିହାର ବିଧାନସଭା ନିର୍ବାଚନର ବହୁ ପୂର୍ବରୁ ଶାସକ ଏନଡିଏର ପ୍ରମୁଖ ଅଂଶୀଦାର ଦଳ ମଧ୍ୟରେ ଆସନ ବୁଝାମଣା ହୋଇପାରିଲା। ଅମିତ ଶାହଙ୍କ ହସ୍ତକ୍ଷେପ ଯୋଗୁ ତାହା ସମ୍ଭବ ହେଲା। ଏନଡିଏର ସବୁ ଅଂଶୀଦାର ଦଳ ମଧ୍ୟରେ ଉପଯୁକ୍ତ ତାଳମେଳ ରହିଲା। କିନ୍ତୁ ବିରୋଧୀ ମହାମେଣ୍ଟର ଅଂଶୀଦାର ଦଳ ମଧ୍ୟରେ ଶେଷ ପର୍ଯ୍ୟନ୍ତ ଆସନ ବୁଝାମଣା ହୋଇପାରିଲା ନାହିଁ ଏବଂ ଅଂଶୀଦାର ଦଳ ମଧ୍ୟରେ ଉପଯୁକ୍ତ ତାଳମେଳ ରହିଲା ନାହିଁ। ଏହା ହିଁ ମହାମେଣ୍ଟ ପରାଜୟର ଏକ ପ୍ରମୁଖ କାରଣ। କଂଗ୍ରେସ ଓ ଆରଜେଡି ସଂଖ୍ୟାଲଘୁ ଭୋଟ ଶତ ପ୍ରତିଶତ ପାଇବେ ବୋଲି ଯେଉଁ ଆଶା ରଖିଥିଲେ ତାହା ଭୁଲ ପ୍ରମାଣିତ ହେଲା। ଏଥର ବିହାରରେ ମହିଳାଙ୍କ ମତଦାନ ହାର ଅଧିକ ଥିଲା। ଏହା ନିର୍ଣ୍ଣାୟକ ସାବ୍ୟସ୍ତ ହେଲା। ମହିଳାମାନେ ଏନଡିଏ ସପକ୍ଷରେ ଭୋଟ ଦେଇଛନ୍ତି। ନିର୍ବାଚନ ପୂର୍ବରୁ ନୀତିଶ କୁମାର ରାଜ୍ୟର ୭୫ ଲକ୍ଷ ମହିଳାଙ୍କ ଖାତାକୁ ୧୦ ହଜାର ଟଙ୍କା ଲେଖାଏଁ ପଠାଇଲେ। ଏହା ମ୍ୟାଜିକ କଲା। ତେଜସ୍ୱୀ ଯାଦବ ସବୁ ପରିବାରର ଜଣକୁ ଚାକିରୀ ମିଳିବ ବୋଲି ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହାକୁ ଲୋକେ ବିଶ୍ୱାସ କଲେ ନାହିଁ। ଅତୀତରେ ଲାଲୁଙ୍କ ଦୁର୍ନୀତିକୁ ଲୋକେ ଏ ପର୍ଯ୍ୟନ୍ତ ଭୁଲି ନାହାଁନ୍ତି। ଅନ୍ୟ ପକ୍ଷରେ କେନ୍ଦ୍ରର ସହଯୋଗରେ ରାଜ୍ୟରେ ନୀତିଶ କୁମାର ସରକାରଙ୍କ ବିକାଶ ମୂଳକ କାର୍ଯ୍ୟକୁ ଲୋକେ ପସନ୍ଦ କରିଛନ୍ତି ଏବଂ ରାଜ୍ୟର ବିକାଶ ନିମନ୍ତେ ଜାତି-ଧର୍ମ ପ୍ରସଙ୍ଗକୁ ପଛକୁ ଠେଲି ଏନଡିଏ ସପକ୍ଷରେ ରାୟ ଦେଇଛନ୍ତି। ବିହାରରେ ଡବଲ ଇଞ୍ଜିନ ଫର୍ମୁଲା ସଫଳ ହୋଇଛି। ଲୋକେ ବିକାଶ ପାଇଁ ଏନଡିଏକୁ ପୁଣି ୫ ବର୍ଷ ନିମନ୍ତେ କ୍ଷମତା ପ୍ରଦାନ କରିଛନ୍ତି। ଓଡ଼ିଶାରେ ମଧ୍ୟ ନୂଆପଡ଼ା ଉପନିର୍ବାଚନରେ ଲୋକେ ବିଜେପିକୁ ସମର୍ଥନ କରିଛନ୍ତି। ଏଠାରେ ମଧ୍ୟ ଲୋକେ ଡବଲ ଇଞ୍ଜିନ ସରକାର ସପକ୍ଷରେ ରାୟ ଦେଇଛନ୍ତି।

# ସାମୂହିକ ଚେତନା ଓ ଭାରତୀୟ ସମାଜ

॥ ଗୋପାଳ ମହାପାତ୍ର ॥

*ଭିନ୍ନତାର ଅନ୍ତଃ ବିରୋଧ ସତ୍ୱେ ଗାନ୍ଧୀ ଏ ଦେଶକୁ ନେତୃତ୍ୱ ଦେଇଥିଲେ। ଇଂରେଜ ମାନଙ୍କୁ ବିରୋଧ କରୁଥିବା ଗାନ୍ଧୀଙ୍କୁ ହତ୍ୟା କରିବା ପାଇଁ ଇଂରେଜ ମାନେ ମଧ ଭାବି ପାରିନଥିଲେ। କିନ୍ତୁ ଏ ଦେଶର କିଛି ତଥାକଥିତ ବିଶିଷ୍ଟ ବ୍ୟକ୍ତି ଗାନ୍ଧୀଙ୍କ ହତ୍ୟାକୁ ଠିକ୍ ବୋଲି କହୁଛନ୍ତି। ଆର୍ଥୀକ ଓ ସାମାଜିକ ସମତା ବିନା ସ୍ୱାଧୀନତା ଅଧୁରା ବୋଲି ଗାନ୍ଧୀ କହୁଥିଲେ। ଗରୀବର ଜାତି ନାହିଁ କି ଧର୍ମ ନାହିଁ। ଗରୀବ କେବଳ ଗରୀବ। ସମାନତା ପାଇଁ ସଂରକ୍ଷଣର ଆର୍ଥୀକ ଆଧାର ବର୍ଗୀୟ ଦୃଷ୍ଟିରୁ ନ୍ୟାୟପୂର୍ଣ୍ଣ ଲାଗିପାରେ କିନ୍ତୁ ମଇଳା ସଫା କରୁଥିବା ଲୋକଟିର ସମାାଜିକ ମର୍ଯ୍ୟାଦା କ'ଣ ସେ କଥା କେହି କେବେ ଚିନ୍ତା କରିଛନ୍ତି କି ?*

ଭାରତୀୟ ସମାଜ ରାଜନୈତିକ କେନ୍ଦ୍ରିତ ନୁହେଁ, ଅଧିକତର ଭାବେ ସମାଜ କେନ୍ଦ୍ରୀତ। ଜାତି ଏବଂ ସଂପ୍ରଦାୟ ତଥା ଉପଜାତି ପ୍ରଥା ପ୍ରାଚୀନ କାଳରୁ ରହିଛି। ଦେଶରେ ବର୍ଗ ବିଭାଜନ ଏକ ତଥ୍ୟ ଅଟେ, କିନ୍ତୁ ଏହା ସାମାଜିକ ପ୍ରଖର ଚେତନା ନୁହେଁ। ଚେତନ ଏବଂ ଅବଚେତନ ଅବସ୍ଥା ପର୍ଯ୍ୟନ୍ତ ଜାତି ଓ ସଂପ୍ରଦାୟର ପରିଚୟ ଏବଂ ଏହା ପ୍ରତି ସାମୁହିକ ପ୍ରତିବଦ୍ଧତା ରହିଛି ହେଲେ ଜୀବନ ଜୀବିକା କଥା ମଧ ରହିଛି। ଜାତି ଓ ସଂପ୍ରଦାୟ ମାନେ ନିଜ ନିଜର ପରିଚୟକୁ ହିଁ ନିଜର ଅସ୍ତିତ୍ୱ ବୋଲି ମାନି ନେଇଥାନ୍ତି ଏବଂ ଏଥିପାଇଁ ଲଢେଇ ମଧ ଚାଲିଥାଏ। ସାଧାରଣ ସାମାଜିକ ବ୍ୟବହାରରେ ବିଶେଷ କରି କର୍ମକାଣ୍ଡ ଓ ପରମ୍ପରା ପାଇଁ ଲଢେଇ ଚାଲିଥାଏ। ବର୍ଗ ଚରିତ୍ର ବା ବର୍ଗ ସଂଘର୍ଷ ଔଦ୍ୟୋଗିକ କ୍ରାନ୍ତି ଏବଂ ବିଦେଶୀ ମାନସିକତାରୁ ସୃଷ୍ଟ ବୋଲି ଅନେକଙ୍କ ମତ। ବର୍ଗ ଚରିତ୍ର ଶାସନ ଅର୍ଥ ଚାରିପଟେ ଘୁରି ବୁଲୁଥାଏ। ଭାରତରେ କେବଳ ସମାଜ ନୁହେଁ ରାଜନୀତି ମଧ ଜାତି ଓ ସଂପ୍ରଦାୟର ପରିଧି ମଧରେ ଲୋକତାନ୍ତ୍ରିକ। ଦେଶ, ସମାଜ, ମୂଲ୍ୟବୋଧ ଭଳି ପ୍ରସଙ୍ଗ ଜାତି ଓ ସଂପ୍ରଦାୟର ଜାଲରେ ଛନ୍ଦିହୋଇ ପଡିଛି। ଏବେ ଜାତି ବିଭାଜନ, ସମାଜର ବିଭାଜନ ଏପରିକି ସାଂପ୍ରଦାୟିକ ସୌହାର୍ଦ୍ଦ୍ୟକୁ ଭାଙ୍ଗିବାର ପ୍ରୟାସ ଚାଲିଛି। ବର୍ତ୍ତମାନର ସମାଜ ଅତୀତର ଗୌରବକୁ ଖୋଜିବାରେ ଲାଗିଛି। ଜାତି ଓ ସଂପ୍ରଦାୟର ଦ୍ୱାହି ଦେଇ ପ୍ରକୃତ ପ୍ରସଙ୍ଗକୁ ଦୁରେଇ ଦେବାର ଉଦ୍ୟମ ହେଉଛି। ସାଧାରଣ ଲୋକେ ମଧ ଏଥିରେ ଭ୍ରମିତ ହେଉଛନ୍ତି।

ପଶ୍ଚିମୀ ଦେଶ ମାନେ ଅନେକ ବର୍ଷ ପର୍ଯ୍ୟନ୍ତ ଧର୍ମଯୁଦ୍ଧ 'କୃସେଡ୍' ଲଢିଥିଲେ ଏବଂ ଅଶ୍ୱେତ (ଅଣଗୋରା) ମାନେ ଦୀର୍ଘ ଦିନର ସଂଘର୍ଷ ପରେ ସାଧାରଣ ନାଗରିକର ଅଧିକାର ପାଇଥିଲେ। ଭାରତରେ ଭିନ୍ନତା ବିଷମତା ରହିଛି। ଭାରତର ଅନେକ ଭାଷାଭାଷୀ ଲୋକ ରହୁଛନ୍ତି। ସେମାନଙ୍କର ଖାଦ୍ୟ ପାନୀୟ, ବେଶଭୁଷା, ସାମାଜିକ ଚଳଣି ଏବଂ ବିଚାର ମଧ ଭିନ୍ନ। ଗୋଟିଏ ଅଞ୍ଚଳରେ ମଧ ଏଭଳି ଭିନ୍ନତା ରହିଛି। ମଣିପୁର ହିଂସା ହେଉଛି ଏହାର ଏକ ସଦ୍ୟ ଉଦାହରଣ ଏବଂ ମଣିପୁର ଘଟଣାକୁ ନେଇ ସମାଜର ଭିନ୍ନ ଭିନ୍ନ ମତ ରହିଛି। ଏଭଳି ବିଷମତା ଏବଂ ଭିନ୍ନତା ଥିବା ଭାରତରେ ପ୍ରାକୃତିକ ବିପଦ ଏବଂ ଆକସ୍ମିକ ସ୍ଥିତିରେ ଏକଜୁଟତା ମଧ ଦେଖାଯାଇଥାଏ। ଅନ୍ୟ ପକ୍ଷରେ ନିର୍ବାଚନ ନେତାଙ୍କ ହାତର ଖେଳନା ବନି ଯାଇଛି। ଜଣକୁ ଅନ୍ୟ ଜଣକ ବିରୁଦ୍ଧରେ ଲଢେଇ ନେତା ଭୋଟ ଅକ୍ତିଆରରେ ବ୍ୟସ୍ତ। କିନ୍ତୁ ଏସବୁ ପରେ ମଧ ଦେଶର ସମସ୍ତେ ଗୋଟିଏ କଥା କହୁ ନଥିଲେ ମଧ ଅନେକ ସମୟରେ ସମାନ କଥା ହିଁ କହିଥାନ୍ତି ଯେଉଁଥିପାଇଁ ଅନେକ ସମସ୍ୟାର ସମାଧାନର ପନ୍ଥା ବାହାରିଯାଇଥାଏ। ବିଭାଜନ, ସବୁ ସ୍ତର ଓ ପ୍ରକାର ବିଭାଜନରେ ଗ୍ରସ୍ତ-ତ୍ରସ୍ତ ଭାରତ ଶହ ଶହ ବର୍ଷ ଇଂରେଜଙ୍କ ଅଧିନରେ ରହିଲା କାହିଁକି, ସେ କଥା ବୁଝିବା କଷ୍ଟକର ନୁହେଁ। ଯଦି ଆମେ ହଜାର ହଜାର ବର୍ଷ ପୂର୍ବର ରାଜା ମହାରାଜା ମାନଙ୍କ ଗୌରବ ଗାଥାକୁ ମନେ ପକାଇ ପାରିବା ତେବେ କିଛି ଶହ ବର୍ଷ ପୂର୍ବର ବାଦଶାହ ଓ ସୁଲତାନ ମାନଙ୍କର ଭଲ କଥା ସବୁକୁ ମନ ପକାଇବାରେ କ୍ଷତି କ'ଣ ? ଅନେକ ପିଢୀ ହେବ ଯେଉଁମାନେ ଭାରତରେ ରହି ଆସୁଛନ୍ତି ଏବଂ ଯେଉଁମାନେ ଇଂରେଜ ଶାସନକୁ ଭାରତୀୟ ଭାବେ ବିରୋଧ କରି ସ୍ୱାଧୀନତା ଆନ୍ଦୋଳନରେ ସାମିଲ୍ ହୋଇଥିଲେ ସେମାନଙ୍କ ଉତ୍ତରଦାୟାଦ ମାନଙ୍କୁ ଆକ୍ରମଣକାରୀଙ୍କ ଦାୟାଦ ଭାବିବା ଠିକ୍ ନୁହେଁ। ଇତିହାସ ଇତିହାସ ଅଟେ, ଏଥିରେ ଗର୍ବ କରିବାର ନାହିଁ କିମ୍ବା ଲଜ୍ଜିତ ହେବାର ନାହିଁ। କିନ୍ତୁ ଇତିହାସରୁ ଶିକ୍ଷାଲାଭ କରିବା ଉଚିତ୍। ଯିଏ ଇତିହାସରୁ ଶିକ୍ଷା ଲାଭ କରିନାହିଁ ତାର ଭବିଷ୍ୟତ ମଧ ନାହିଁ।

ଭିନ୍ନତାର ଅନ୍ତଃ ବିରୋଧ ସତ୍ୱେ ଗାନ୍ଧୀ ଏ ଦେଶକୁ ନେତୃତ୍ୱ ଦେଇଥିଲେ। ଇଂରେଜ ମାନଙ୍କୁ ବିରୋଧ କରୁଥିବା ଗାନ୍ଧୀଙ୍କୁ ହତ୍ୟା କରିବା ପାଇଁ ଇଂରେଜ ମାନେ ମଧ ଭାବି ପାରିନଥିଲେ। କିନ୍ତୁ ଏ ଦେଶର କିଛି ତଥାକଥିତ ବିଶିଷ୍ଟ ବ୍ୟକ୍ତି ଗାନ୍ଧୀଙ୍କ ହତ୍ୟାକୁ ଠିକ୍ ବୋଲି କହୁଛନ୍ତି। ଆର୍ଥୀକ ଓ ସାମାଜିକ ସମତା ବିନା ସ୍ୱାଧୀନତା ଅଧୁରା ବୋଲି ଗାନ୍ଧୀ କହୁଥିଲେ। ଗରୀବର ଜାତି ନାହିଁ କି ଧର୍ମ ନାହିଁ। ଗରୀବ କେବଳ ଗରୀବ। ସମାନତା ପାଇଁ ସଂରକ୍ଷଣର ଆର୍ଥୀକ ଆଧାର ବର୍ଗୀୟ ଦୃଷ୍ଟିରୁ ନ୍ୟାୟପୂର୍ଣ୍ଣ ଲାଗିପାରେ କିନ୍ତୁ ମଇଳା ସଫା କରୁଥିବା ଲୋକଟିର ସମାାଜିକ ମର୍ଯ୍ୟାଦା କ'ଣ ସେ କଥା କେହି କେବେ ଚିନ୍ତା କରିଛନ୍ତି କି ? ବାବା ସାହେବ ଆମ୍ବେଦକରଙ୍କୁ ଜାତିଗତ ଭେଦଭାବର ଶିକାର ହେବାକୁ ପଡିଥିଲା। ତେବେ ସଂରକ୍ଷଣ ପାଇଁ ଆର୍ଥୀକ ଆଧାର କ'ଣ ଠିକ୍ ନୁହେଁ ? ଦେଶର କିଛି ଗୋଷ୍ଠୀ ଗାନ୍ଧୀ ଓ ଆମ୍ବେଦକରଙ୍କୁ ବିରୋଧ କରୁଥିଲେ। ଗାନ୍ଧୀ ଚାହିଁଥିଲେ ଦେଶ ବିଭାଜନ ହୋଇନଥାନ୍ତା ବୋଲି ଅନେକଙ୍କ ମତ। ଏହି କଥାରେ ଅନେକ କଥା ଲୁଚି ରହିଛି। ଅର୍ଥାତ୍ ଗାନ୍ଧୀ କେବେ ହାରି ପାରନ୍ତିନି ବା ଗାନ୍ଧୀ ହାରିବା କଥା ନୁହେଁ। ଦେଶ ବିଭାଜନ ପାଇଁ ଗାନ୍ଧୀ ଦାୟୀ ନୁହଁନ୍ତି। ରାଷ୍ଟ୍ରୀୟ ଚେତନା ଏବଂ ବିବେକର ସାଂପ୍ରଦାୟିକ ପରିଚୟ ହିଁ ଦେଶର ବିଭାଜନର କାରଣ। ଗାନ୍ଧୀଙ୍କୁ କିନ୍ତୁ ଏଥିପାଇଁ ସମାଲୋଚନା କରାଯାଉଛି।

ଦଳିତ ଓ ଆଦିବାସୀ ସଂରକ୍ଷଣ ଏକ ବର୍ଗ ଚେତନାକୁ ଜାଗୃତ, ସଂଗଠିତ ଏବଂ ବିକଶିତ କରିଥିଲା, ଯେଉଁ କାରଣରୁ ମଣ୍ଡଳ କମିଶନ ଜାତିଗତ ପରିଚୟକୁ ଗୁରୁତ୍ୱ ଦେଇଥିଲେ। ପଛୁଆ ଭାବେ ଚିହ୍ନିତ ଜାତି ମାନଙ୍କ ମଧରୁ ଅନେକ ଜାତି ଆର୍ଥୀକ ଓ ସାମାଜିକ ସ୍ତରରେ ସ୍ୱଚ୍ଛଳ ଥିବାବେଳେ ପଛୁଆ ବର୍ଗଙ୍କୁ ମିଳିବାକୁ ଥିବା ସବୁ ସୁବିଧା ହଡପ କରିନେଉଛନ୍ତି। ଦଳିତ ଆଦିବାସୀଙ୍କ ଅଧିକାର ଏବଂ ସୁବିଧା ମଧ କିଛି ପରିବାର ମଧରେ ସୀମିତ ରହିଗଲା। ବାସ୍ତବରେ ଯେଉଁମାନେ ସୁବିଧା ପାଇବା କଥା ସେମାନେ ପାଇଲେ ନାହିଁ। ଏଣୁ ଜାତି ଜାତି ମଧରେ ଅବିଶ୍ୱାସ ବଢିବାରେ ଲାଗିଲା। ଚେତନା ଜାତିରୁ ଯାଇ ପୁଣି ଜାତି ଉପଜାତି ପର୍ଯ୍ୟନ୍ତ ବିଭାଜିତ ହେଲା ଓ ଜାତି ଜାତି ଓ ଉପଜାତି ମଧରେ ଦୁରତା ବଢିଲା। ଏଣୁ ନେତାଙ୍କ ପାଇଁ ବିଭାଜନ କର ଏବଂ ଭୋଟ ପାଅର କ୍ଷେତ୍ର ପ୍ରସ୍ତୁତ ହୋଇଗଲା। ଆଧାତ୍ମିକ ଚେତନା ପାଇଁ ପ୍ରସିଦ୍ଧ ଏ ଦେଶର ଏଭଳି ଦୁର୍ଗତି ପାଇଁ ଦାୟୀ କିଏ ? ଭୌତିକ ବାଦ ଠାରୁ ଆଧାତ୍ମ ହାରି ଯାଇଛି, ଆକର୍ମଣ୍ୟତା ଠାରୁ ପୁରୁଷାର୍ଥ ହାରିଯାଇଛି, ବର୍ଚସ୍ୱ ଠାରୁ ବିବେକ ହାରି ଯାଇଛି ଓ ସ୍ୱାର୍ଥ ଠାରୁ ପରମାର୍ଥ ହାରିଯାଇଛି। ଭାରତୀୟ ସମାଜ ଅବତାରବାଦ ଓ ଅତୀତ ପ୍ରତି ଆସକ୍ତ। କିନ୍ତୁ ରାମଙ୍କୁ ପାଇବା ପାଇଁ ସମାଜକୁ ଯୋଗ୍ୟ ହେବାକୁ ପଡିବ।

ରାମଚନ୍ଦ୍ରପୁର
ରଣପୁର ମୋ - ୯୪୩୮୪୮୫୦୯୪

# ମଶା, ମାଲେରିଆ ଓ ଯକୃତ

॥ ଉମେଶ ଚନ୍ଦ୍ର ପାତ୍ର ॥

ପ୍ରତିବର୍ଷ ବିଶ୍ୱରେ ୩.୩ ନିୟୁତ ଲୋକ ମାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି । ୨୦୨୦ରେ ହୋଇଥିବା ଅଧ୍ୟୟନ ଅନୁଯାୟୀ ମାଲେରିଆରେ ଆକ୍ରାନ୍ତ ହୋଇ ପ୍ରତି ବର୍ଷ ୬ଲକ୍ଷ ୮୪ ହଜାର ଲୋକ ମୃତ୍ୟୁବରଣ କରୁଛନ୍ତି । ଏସିଆ, ଆଫ୍ରିକ ଓ ଲାଟିନ୍ ଆମେରିକୀୟ ଦେଶଗୁଡ଼ିକରେ ମାଲେରିଆ ଆକ୍ରାନ୍ତ ଏବଂ ମୃତକଙ୍କ ସଂଖ୍ୟା ଅଧିକ । ସାଧାରଣତଃ ମଶା କାମୁଡ଼ିବା ଦ୍ୱାରା ମାଲେରିଆ ବ୍ୟାପିଥାଏ । ମଶା କାମୁଡ଼ାରୁ ବର୍ଞ୍ଚିବାକୁ ହେଲେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାର ଆବଶ୍ୟକତା ରହିଛି । ମାଲେରିଆର ପ୍ରଭାବ ବୃଦ୍ଧିକୁ ଆଖି ଆଗରେ ରଖି ଚଳିତ ବର୍ଷ ମାଲେରିଆ ନିରାକରଣ ଦିଗରେ ଅଧିକ ନିବେଶ କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଶ୍ୱ ସମୁଦାୟକୁ ଆହ୍ୱାନ ଜଣାଇଛି ।

ମାଲେରିଆ ଜୀବାଣୁ ସ୍ପୋରୋଜୋଏଟସ୍ ମନୁଷ୍ୟ ଶରୀରକୁ ପ୍ରବେଶ କରି ପ୍ରଥମେ ଯକୃତକୁ ଆକ୍ରମଣ କରେ। ଯକୃତରେ ଥିବା ରକ୍ତନଳୀରୁ ତାହା ଯାଇ ଯକୃତ କୋଷ ଭିତରେ ପ୍ରବେଶ କରେ। ଯକୃତ କୋଷ ଭିତରେ ତାହା ବୃଦ୍ଧିପ୍ରାପ୍ତ ହୋଇ ଶରୀରର ରକ୍ତକୋଷକୁ ଆକ୍ରମଣ କରେ। ମାଲେରିଆ ଜୀବାଣୁ ଲିଭର ଭିତରେ ଥାଇ ରୋଗ ପ୍ରତିରୋଧକ ଶକ୍ତିକୁ ଅତିକ୍ରମ କରି ଲୋହିତ ରକ୍ତ କଣିକାକୁ ଆକ୍ରମଣ କରେ। ମାଲେରିଆରେ ଯକୃତ ଆକ୍ରାନ୍ତ ହେଲେ ଜଣ୍ଡିସ ହୁଏ। ରକ୍ତରେ ଲିଭର ଏନଜାଇମ୍‌ସ ଗୁଡ଼ିକ ବଢ଼ିଯାଆନ୍ତି। ଲୋହିତ ରକ୍ତ କଣିକା ନଷ୍ଟ ହୁଏ। ଗ୍ଲୁକୋଜ-୬ ଫସ୍‌ଫେଟ ଅଭାବ ଥିଲେ ଲୋହିତ ରକ୍ତ କଣିଆ ଆହୁରି ବେଶୀ ଭାବରେ ନଷ୍ଟ ହୁଏ। ମାଲେରିଆ ଔଷଧ ସେପ୍ଟିସିମିଆ ଓ ଡିଆଇସି ଇତ୍ୟାଦି କାରଣ ଯୋଗୁଁ ମଧ୍ୟ ଜଣ୍ଡିସ୍ ଦେଖାଦିଏ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ ମାଲେରିଆ ପ୍ରବଣ ଦକ୍ଷିଣ ଏସିଆ ଅଞ୍ଚଳରେ ଏ ଘାତକ ଜ୍ୱରର ପ୍ରକୋପ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି । ବିଶ୍ୱର ସବୁଠାରୁ ଅଧିକ ମାଲେରିଆ ପ୍ରବଣ ୧୦ଟି ଦେଶ ମଧ୍ୟରୁ ଛଅଟି ଦେଶ ଏହି ଅଞ୍ଚଳରେ ଅବସ୍ଥିତ । ବିଶ୍ୱର ପ୍ରାୟ ଚଉଠେ ଲୋକ ବସବାସ କରୁଥିବା ଏ ଅଞ୍ଚଳରେ ମାଲେରିଆର ପ୍ରକୋପ ଏତେ ବେଶି ଯେ, ପ୍ରତି ଚାରିଜଣରେ ତିନିଜଣ ଏହାଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ ବିଗତ ଗୋଟିଏ ଦଶକ ମଧ୍ୟରେ ଦକ୍ଷିଣ ପୂର୍ବ ଏସୀୟ ଅଞ୍ଚଳରେ ମାଲେରିଆ ଆକ୍ରାନ୍ତ ଓ ମାଲେରିଆ ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଥିଲେ ମଧ୍ୟ ଏବେ ବି ଏହା ଜୀବନ ପାଇଁ ଘାତକ ଏବଂ ଜୀବିକା ପାଇଁ ବିପଦ ହୋଇ ରହିଛି । ଦକ୍ଷିଣ ପୂର୍ବ ଏସିଆର ଅନ୍ୟ ମାଲେରିଆ ପ୍ରବଣ ଦେଶ ଅପେକ୍ଷା ଭାରତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏ ରିପୋର୍ଟକୁ ଅଧିକ ଗୁରୁତ୍ୱର ସହ ନେଇ ଏକ ଚେତାବନୀ ଭାବେ ବିଚାର କରୁଛି ।

ବିଶ୍ୱର ସର୍ବାଧିକ ମାଲେରିଆ ପ୍ରବଣ ୧୦ଟି ଦେଶର ତାଲିକାରେ ଭାରତ ରହିଛି । ଅନ୍ୟ ଦେଶମାନେ ଯେଉଁ, ଅନୁପାତରେ ମାଲେରିଆ ନିୟନ୍ତ୍ରଣରେ ସଫଳତା ହାସଲ କରି ପାରିଛନ୍ତି, ଭାରତ ସେ ଅନୁପାତରେ ଏ ଘାତକ ଜ୍ୱରର ମୁକାବିଲାର ସଫଳ ହୋଇପାରିନାହିଁ । ୨୦୦୦ ମସିହାରୁ ୨୦୧୨ ମଧ୍ୟରେ ନେପାଳ, ଭୁଟାନ, କୋରିଆ, ବାଙ୍ଗଲାଦେଶ, ଶ୍ରୀଲଙ୍କା ଆଦି ଦେଶମାନେ ମାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୭୫ ପ୍ରତିଶତ ହ୍ରାସ କରିବାରେ ସଫଳ ହୋଇଛନ୍ତି । କିନ୍ତୁ ଭାରତ ଏ କ୍ଷେତ୍ରରେ ପଛରେ ପଡ଼ିଯାଇଛି । ୨୦୧୫ ଶେଷ ବେଳକୁ ଯାଇ ଭାରତ ମାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୫୦ରୁ ୭୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବାରେ ସମର୍ଥ ହୋଇପାରେ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଏ ଅଞ୍ଚଳର ଅନ୍ୟତମ ଦେଶ ମାଳଦ୍ୱୀପରେ ୧୯୮୪ରୁ ଆଉ କେହି ଜଣେ ହେଲେ ମାଲେରିଆରେ ଆକ୍ରାନ୍ତ ହୋଇ ନାହାନ୍ତି । ଶ୍ରୀଲଙ୍କା ମଧ୍ୟ ମାଲେରିଆର ସମ୍ପୂର୍ଣ୍ଣ ନିରାକରଣ ଲକ୍ଷ୍ୟ ହାସଲର ନିକଟତର । ଭାରତରେ ଏବେ ବି ମାଲେରିଆର ପ୍ରକୋପ ଭୟଙ୍କର । କେବଳ ଦୁଇଟି ରାଜ୍ୟ ଜାମ୍ମୁ-କାଶ୍ମୀର ଓ ହିମାଚଳ ପ୍ରଦେଶକୁ ଛାଡ଼ିଦେଲେ ଦେଶର ଅବଶିଷ୍ଟ ସବୁ ରାଜ୍ୟ ମାଲେରିଆ ପ୍ରବଣ । ଲୋକସଂଖ୍ୟାର ପାଖାପାଖି ୭୦ ପ୍ରତିଶତ ମାଲେରିଆ ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି । ଆକ୍ରାନ୍ତ ଓ ମୃତ୍ୟୁ ସଂଖ୍ୟା ହିଁ ମାଲେରିଆ ଭାରତ ପାଇଁ କେମିତି ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ତାର ସୂଚନା ଦିଏ । ପ୍ରତିବର୍ଷ ପ୍ରାୟ ୯୫ଲକ୍ଷ ଲୋକ ଦେଶର ମାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ଏବଂ ସେଥିରୁ ପ୍ରାୟ ୪୫ ହଜାର ପୀଡ଼ିତଙ୍କ ମୃତ୍ୟୁ ହୁଏ । ଉଲ୍ଲେଖନୀୟ ହେଲା ସମଗ୍ର ବିଶ୍ୱରେ ମାଲେରିଆ ଜନିତ ବାର୍ଷିକ ମୃତ୍ୟୁ ସଂଖ୍ୟା ଯେତେ, ସେଥିରେ ଦକ୍ଷିଣ ପୂର୍ବ ଏସିଆର ଭାଗ ୯୮ ପ୍ରତିଶତ ଏବଂ ସମଗ୍ର ଦକ୍ଷିଣ ପୂର୍ବ ଏସିଆର ମାଲେରିଆରେ ଯେତିକି ମୃତ୍ୟୁ ହୁଏ ସେଥିରେ ଭାରତର ଭାଗ ୩୮ ପ୍ରତିଶତ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତାହା ରିପୋର୍ଟ ଅନୁଯାୟୀ, ଶିଳ୍ପାୟନ ଓ ସହରୀକରଣ ଯୋଗୁଁ ମାଲେରିଆ ପ୍ରାଦୁର୍ଭାବ ବୃଦ୍ଧି ପାଉଛି । କ୍ରମଶଃ ଦେଶର ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳ ଅଧିକ ମାଲେରିଆ ପ୍ରବଣ ହୋଇପଡୁଛି ।

ଅନିୟନ୍ତ୍ରିତ ସହରୀକରଣ ଏବଂ ଯୋଜନା ବିହୀନ ଶିଳ୍ପାୟନ ଯୋଗୁଁ ଠିକ୍ ଭାବେ ଜଳ ନିଷ୍କାସନ ହୋଇପାରୁ ନାହିଁ । ଫଳରେ ଅନେକ ସ୍ଥାନରେ ଦୂଷିତ ଆବର୍ଜନାପୂର୍ଣ୍ଣ ପାଣି ଜମି ରହୁଛି । ଏହା ହିଁ ମଶା ବଂଶ ବୃଦ୍ଧିର କାରଣ ହୋଇ ମାଲେରିଆ ସଂକ୍ରମଣର ଆଶଙ୍କାକୁ ବୃଦ୍ଧି କରୁଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସଦ୍ୟତମ ରିପୋର୍ଟ ସରକାର ଓ ସାଧାରଣ ଜନତାଙ୍କ ପାଇଁ ଆଉ ଏକ ସତର୍କ ସଙ୍କେତ । ରିପୋର୍ଟରେ ଥିବା ତଥ୍ୟରୁ ଏହା ସ୍ପଷ୍ଟ ଯେ ଦୀର୍ଘ ବର୍ଷ ହେଲା ଜାତୀୟ ସ୍ତରରେ ମାଲେରିଆ ନିୟନ୍ତ୍ରଣ ଅଭିଯାନ ଚାଲିଥିଲେ ସୁଦ୍ଧା, ସେଥିରୁ ଈପ୍‌ସିତ ସୁଫଳ ମିଳି ନାହିଁ । ମାଲେରିଆ ନିରାକରଣ ଅଭିଯାନକୁ ଆହୁରି ଜୋରଦାର କରାଯିବାର ଆବଶ୍ୟକତା ରହିଛି । ଅବଶ୍ୟ ସବୁ ରୋଗର ନିୟନ୍ତ୍ରଣ ପରି ମାଲେରିଆର ମୁକାବିଲା ପାଇଁ ମଧ୍ୟ ସରକାରୀ ଅଭିଯାନ ଅପେକ୍ଷା ଜନସଚେତନତା ଉନ୍ନତ ପରିମଳ ବ୍ୟବସ୍ଥା ଅଧିକ ଆବଶ୍ୟକ ।

ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ସ୍କ୍ରବ୍ ଟାଇଫଂସ ଓ ସ୍ୱାସ୍ଥ୍ୟ ସତର୍କତା

॥ ପ୍ରଫୁଲ୍ଲ କୁମାର ଦାସ ॥

ରାଜ୍ୟରେ ଏବେ ହୁ ହୁ ହୋଇ ଡେଙ୍ଗୁ ବ୍ୟାପୁଥିବା ବେଳେ ଆଉ ଏକ ରୋଗ ସ୍କ୍ରବ ଟାଇଫଂସକୁ ନେଇ ଚିନ୍ତା ବଢ଼ିଛି। ଏହା ଚିଗର ନାମକ ଏକ କୀଟ କାମୁଡ଼ିଲେ ହେଉଛି। ବିଲ ବା ଜଙ୍ଗଲ ଯାଉଥିବା ଲୋକଙ୍କୁ ଏହା ହେଉଛି। ଏହି ରୋଗର ଲକ୍ଷଣ ହେଉଛି ଜ୍ୱର ଲାଗି ରହିବା, ମୁଣ୍ଡ ବିନ୍ଧା ହେବା। ଏଥିସହ ରୋଗୀର ମୃତ୍ୟୁ ଘଟିବାର ମଧ ସମ୍ଭାବନା ରହିଛି। ଶରୀରର ଯେଉଁ ସ୍ଥାନକୁ ଏହି କୀଟଟି କାମୁଡ଼େ ସେଠାରେ ସ୍କିନ ଡେଡ ହୋଇଯାଏ। ଏହାର ପରୀକ୍ଷା ସବୁ ଜିଲ୍ଲା ହସ୍ପିଟାଲର ଡିଷ୍ଟ୍ରିକ୍ଟ ପବ୍ଲିକ ହେଲଥ ଲାବରୋଟୋରୀରେ ଏଲିଶା ପଦ୍ଧତିରେ କରାଯାଉଛି। ଚିହ୍ନଟ ହେଲେ ଚିକିତ୍ସା ସହଜ। ସାଧାରଣ ଆଣ୍ଟିବାୟୋଟିକ କାମ ଦେବ। ସାଧାରଣତଃ ଜୁଲାଇରୁ ନଭେମ୍ବର ମାସରେ ସ୍କ୍ରବ ଟାଇଫଂସ ସଂକ୍ରମଣ ଦେଖିବାକୁ ମିଳିଥାଏ। ସ୍ଥଳ ବିଶେଷରେ ଡିସେମ୍ବର ପର୍ଯ୍ୟନ୍ତ ମାଡ଼ିଥାଏ। ଚିଗର୍ସ ନାମକ ଏକ କୀଟ କାମୁଡ଼ିବା ଦ୍ୱାରା ଲୋକଙ୍କ ଶରୀରରେ ସଂକ୍ରମଣ ଆରମ୍ଭ ହୋଇଥାଏ। ସର୍ବସାଧାରଣ ପୋଖରୀ, ବିଲ ଜଙ୍ଗଲକୁ ଯାଉଥିବା ଲୋକ ଏଥିରେ ଆକ୍ରାନ୍ତ ହୋଇଥାନ୍ତି। ପୂର୍ବରୁ ଓଡ଼ିଶାରେ ସ୍କ୍ରବ ଟାଇଫଂସ ଦେଖିବାକୁ ମିଳୁ ନଥିବାବେଳେ ବିଗତ କିଛି ବର୍ଷ ହେବ ଏଥିରେ ବହୁ ସଂଖ୍ୟାରେ ଲୋକ ଆକ୍ରାନ୍ତ ହେଉଛନ୍ତି। ବୟସ୍କଙ୍କ ତୁଳନାରେ ଛୋଟ ପିଲା ଏଥିରେ ଅଧିକ ଆକ୍ରାନ୍ତ ହେଉଛନ୍ତି। କେବଳ ଯେ ଗ୍ରାମାଞ୍ଚଳରେ ଏହି ସଂକ୍ରମଣ ହେଉଛି ତା ନୁହେଁ। ବରଂ ରାଜଧାନୀ ଭୁବନେଶ୍ୱରରେ ମଧ ଏହି ସଂକ୍ରମଣ ହେଉଛି।

ସ୍କ୍ରବ ଟାଇଫଂସରେ ଆକ୍ରାନ୍ତତ ବ୍ୟକ୍ତିଙ୍କ ଶରୀରରେ ତୀବ୍ର ଜ୍ୱର ସାଙ୍ଗକୁ ତଳିପେଟରେ ଯନ୍ତ୍ରଣା, ନିଶ୍ୱାସ ପ୍ରଶ୍ୱାସରେ ସମସ୍ୟା ଦେଖାଦେଇଥାଏ। ଯେଉଁ ସ୍ଥାନକୁ ଏହି କୀଟ କାମୁଡ଼ିଥାଏ ସେହି ସ୍ଥାନର ଚର୍ମ ମୃତ ହୋଇଯାଏ। ଯାହାକୁ ଏସ୍କର ଭାବେ ବିବେଚନା କରାଯାଉଛି। ୨୦୨୨ ମସିହାରେ ଜର୍ଣ୍ଣାଲ ଅଫ ଆପ୍ଲାଏଡ଼ ବାୟୋଲୋଜି ଓ ବାୟୋଟେକନୋଲୋଜିରେ ଓଡ଼ିଶା ସମେତ ଦେଶରେ ହୋଇଥିବା ସ୍କ୍ରବ ଟାଇଫଂସ ସଂପର୍କିତ ଏକ ସନ୍ଦର୍ଭ ପ୍ରକାଶ ପାଇଥିଲା। ୨୦୧୪ ମସିହାରେ ହଠାତ୍ ରାଜ୍ୟରେ ବହୁ ସଂଖ୍ୟାରେ ସ୍କ୍ରବ ଟାଇଫଂସରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଥିଲା। ଭୁବନେଶ୍ୱର ଅଞ୍ଚଳରୁ ୨୫ ଜଣ ଶିଶୁ କିମସ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ୨୦୧୧-୨୦୨୦ ମସିହା ମଧରେ ଓଡ଼ିଶାରେ କେବଳ ୭୯୮ ଜଣ ଆକ୍ରାନ୍ତ ବାହାରିଛନ୍ତି। ଦେଶରେ ସ୍କ୍ରବ ଟାଇଫଂସରେ ଭିନ୍ନ ଭିନ୍ନ ବର୍ଷରେ ହୋଇଥିବା ମୃତ୍ୟୁରେ ରାଜସ୍ଥାନ ଶୀର୍ଷରେ ରହୁଥିବା ବେଳେ ଓଡ଼ିଶା ଦ୍ୱିତୀୟ ଓ ତାମିଲନାଡୁ ରହିଛି। ମାତ୍ର ନିୟମିତଭାବେ ଉତ୍ତର-ପୂର୍ବ ଭାରତର ରାଜ୍ୟମାନେ ଆକ୍ରାନ୍ତଙ୍କ ସଂଖ୍ୟା ଓ ମୃତ୍ୟୁରେ ଶୀର୍ଷରେ ରହିଥିବା ଗବେଷକମାନେ ଦର୍ଶାଇଛନ୍ତି। ତେବେ ସ୍କ୍ରବ ଟାଇଫଂସରେ ହୋଇଥିବା ମୃତ୍ୟୁ ପଛର ପ୍ରମୁଖ କାରଣ ରହିଛି ରୋଗକୁ ବିଳମ୍ବରେ ଚିହ୍ନଟ, ଭୁଲ ଡାଏଗ୍ନୋସିସ ଓ ଡ୍ରଗ ରେଜିଷ୍ଟାନସ୍। ଏହାସହ ଅନେକ ରୋଗୀଙ୍କ ଠାରେ ମୃତ ଚର୍ମ ବା ଏସ୍କର ଦେଖିବାକୁ ନ ମିଳିବା ମଧ ରୋଗର ବିଳମ୍ବିତ ଚିହ୍ନଟରର ଅନ୍ୟତମ କାରଣ। ଡକ୍ସିସାଇକ୍ଲିନ ଓ ଆଜିଥ୍ରୋମାଇସିନ ଦ୍ୱାରା ଏହା ଭଲ ହୋଇପାରିବ। ଓଡ଼ିଶାରେ ସ୍କ୍ରବ ଟାଇଫଂସକୁ ନେଇ ବିଶେଷ ତଥ୍ୟ ନଥିବାରୁ ଏହା ଉପରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି ବୋଲି କିଛି ଦିନ ତଳେ ଏକ ତିନି ଜଣିଆ ଡାକ୍ତରଙ୍କ ସ୍ୱାସ୍ଥ୍ୟ ସମୀକ୍ଷାଜନିତ ଓ ଏ ନେଇ ଗବେଷଣାତ୍ମକ ତଥ୍ୟ ପ୍ରକାଶ ପାଇଥିଲା।

ରାଜ୍ୟରେ ଏବେ ପ୍ରତିଦିନ ୨୦୦ରୁ ୨୫୦ ଡେଙ୍ଗୁ ରୋଗୀ ଚିହ୍ନଟ ହେଉଛନ୍ତି। ଡେଙ୍ଗୁ ବଂଶ ବିସ୍ତାର ପାଇଁ ବର୍ତ୍ତମାନ ପାଣିପାଗ ଅନୁକୂଳ ରହିଛି। ବର୍ଷା ନ ଛାଡ଼ିବା ଯାଏ ରୋଗ କମିବ ନାହିଁ ବୋଲି ଅନୁମାନ କରାଯାଉଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୬୮,୬୧୦ ଜଣଙ୍କ ଡେଙ୍ଗୁ ଟେଷ୍ଟ କରାଯାଇଛି। ସେମାନଙ୍କ ମଧ୍ୟରୁ ୫୯୭ ଜଣ ପଜିଟିଭ ବାହାରିଛନ୍ତି। ଜୁଲାଇରୁ ଅକ୍ଟୋବରରେ ଡେଙ୍ଗୁର ପିକ ପିରିୟଡ଼। ଏଣୁ ସଚେତନ ହିଁ ଏକମାତ୍ର ମାଧ୍ୟମ। ସାମାନ୍ୟ ଚିକିତ୍ସାରେ ୯୮% ଲୋକ ଡେଙ୍ଗୁରୁ ଭଲ ହୋଇପାରିବେ। ତେଣୁ ବ୍ୟସ୍ତ ହେବାର ଆବଶ୍ୟକତା ନାହିଁ। ପ୍ଲେଟଲେଟ କମିବା ନେଇ ଅଧିକ ବ୍ୟସ୍ତ ହୁଅନ୍ତୁ ନାହିଁ। ପ୍ଲେଟଲେଟ କାଉଣ୍ଟ ୨୦ ହଜାର ପର୍ଯ୍ୟନ୍ତ କମିଲେ ବି ବ୍ୟସ୍ତ ନହୋଇ ଡାକ୍ତରଙ୍କ ପରାମର୍ଶ କରନ୍ତୁ। ବର୍ତ୍ତମାନ ବର୍ଷାଦିନ ଚାଲିଥିବାରୁ ନିଜେ ସ୍ୱାସ୍ଥ୍ୟ ସତର୍କତା ଅବଲମ୍ବନ କରନ୍ତୁ। ବାହାରକୁ ଯାଉଥିଲେ ବର୍ଷାରେ ତିନ୍ତିବା ଠାରୁ ଦୂରେଇ ରହିବା ନେଇ ସତର୍କ ରୁହନ୍ତୁ। ସିଝା ପାଣି ପିଅନ୍ତୁ, ଗରମ ଖାଦ୍ୟ ଓ ସୁଷମ ଖାଦ୍ୟ ଖାଆନ୍ତୁ। ଆମିଷ ନଖାଇଲେ ଭଲ। ମଦ୍ୟପାନ ବା କୌଣସି ପ୍ରକାର ନିଶାଦ୍ରବ୍ୟ ସେବନ ଠାରୁ ଦୂରେଇ ରହିବା ବାଞ୍ଛନୀୟ। ଫାଷ୍ଟଫୁଡ ଖାଦ୍ୟ, ବାହାର ଖାଦ୍ୟ, ଥଣ୍ଡା ଜାତୀୟ ଖାଦ୍ୟ ବା ପାନୀୟ ନଖାଇବା ଭଲ। ଫ୍ରିଜରେ କୌଣସି ବାସୀ ଖାଦ୍ୟ ରଖି ପରଦିନ ଏହାକୁ ଗରମ କରି ଖାଆନ୍ତୁ ନାହିଁ। ଯଥାସମ୍ଭବ ନିଜ ଘର ବିଶେଷକରି ଶୋଇବା ଘର ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ। ଘର ଭିତରକୁ ଯେପରି ବିଶୁଦ୍ଧ ପବନ ଓ ଖରାର ଆଲୋକ ପଡୁଥିବ ସେ ଦିଗକୁ ଦେଖନ୍ତୁ। ଘରେ କୌଣସି ଅଦରକାରୀ ଜିନିଷ ରଖନ୍ତୁ ନାହିଁ, ରାତିରେ ମଶାରୀ ଟାଙ୍ଗି ଶୁଅନ୍ତୁ। ଯୋଗ ପ୍ରାଣାୟମ ଅଭ୍ୟାସ ଥିଲେ ସତର୍କତା ଅବଲମ୍ବନ କରି ଏହାକୁ ପାଳନ କରନ୍ତୁ। କିନ୍ତୁ ସାମାନ୍ୟ ବର୍ଷରେ ମଧ ତିନ୍ତି ମର୍ଣ୍ଣିଂୱାର୍କ କରନ୍ତୁନାହିଁ। ଶରୀରରେ ଜ୍ୱର ଲାଗି ରହୁଥିଲେ ସରକାରୀ ସ୍ୱାସ୍ଥ୍ୟସେବାର ସହାୟତା ନିଅନ୍ତୁ କିମ୍ବା ଡାକ୍ତରୀଙ୍କ ପରାମର୍ଶ ନିଅନ୍ତୁ। ତୁଟୁକା ତୁଟୁକି ଚିକିତ୍ସା ବା ଦେଶୀୟ ଚିକିତ୍ସା ଗ୍ରହଣ କରନ୍ତୁ ନାହିଁ। ଅଧିକ ଦିନ ଜ୍ୱର ଲାଗିରହିଲେ ରକ୍ତ ପରୀକ୍ଷା କରି ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ସ୍କ୍ରବ ଟାଇଫଂସକୁ ନେଇ ଏତେ ଭୟଭୀତ ହେବାର କୌଣସି କାରଣ ନାହିଁ। ପ୍ରାଥମିକ ସ୍ୱାସ୍ଥ୍ୟ ସତର୍କତା ଓ ଡାକ୍ତରୀ ପରାମର୍ଶରେ ଚିକିତ୍ସା ଗ୍ରହଣ କଲେ ଆପଣ ଆରୋଗ୍ୟ ଲାଭ କରିବେ।

ଦୂରଭାଷ : ୯୪୩୭୦୨୩୪୪୩,

## ସମବାୟ ବିଭାଗ ସହକାରୀ ନିବନ୍ଧକ କାର୍ଯ୍ୟାଳୟ ପକ୍ଷରୁ ଗଣ ଦୌଡ଼



ଆସିକା (ମହାଭାରତ): ସମବାୟ ବିଭାଗ ସହକାରୀ ନିବନ୍ଧକ କାର୍ଯ୍ୟାଳୟ ପକ୍ଷରୁ ୭୨ ତମ ନିଖିଳ ଭାରତ ସମବାୟ ସପ୍ତାହ ଅବସର ରେ ଗଣ ଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଏହି ଗଣ ଦୌଡ଼ କାର୍ଯ୍ୟକ୍ରମ ରେ ଭାଗ ନେଲେ ତହସିଲଦାର, ପୋଲିସ ବିଭାଗ ର ଅଧିକାରୀ, ସମବାୟ ବିତ, ରକ୍ଷୀ, ପାକ୍ସ ର ସମ୍ପାଦକ, ତହସିଲ ଏବଂ ଅନ୍ୟାନ କର୍ମଚାରୀ। ଆଜି ଆସ୍କା ଏ ଆର ସି ଏସ କାର୍ଯ୍ୟାଳୟ ଠାରୁ ଗଣ ଦୌଡ଼ ଆରମ୍ଭ ହୋଇ ବିଜୁ ପଟନାୟକ ଛକ, ବସଷ୍ଟାଣ୍ଡ ଦେଇ ସହକାରୀ ନିବନ୍ଧକ କାର୍ଯ୍ୟାଳୟ ରେ ପହଂଚି ଥିଲେ। ଆଜିର ଏହି ଆତ୍ମ ନିର୍ଭର ଶିଳ ଭାରତ ପାଇଁ ସମବାୟ ଏକ ମାଧ୍ୟମ ବୋଲି ଆସିକା ତହସିଲଦାର ସଙ୍ଗୀତା ସେନ,ଉପଖଣ୍ଡ ଅରକ୍ଷୀ ଅଧିକାରୀ ସନ୍ତୋଷ କୁମାର ଜେନା, ଥାନା ଅଧିକାରୀ କୂଳମଣି ସେଠୀ,ଆସିକା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ର ସଭାପତି ମଙ୍ଗୁଲୁ ଧର ସାହୁ, ସମ୍ପାଦକ ନାରାୟଣ ମାଢେଇ, ଏମ ପି ସି ଏସ ର ସଭାପତି କାର୍ତ୍ତିକ ପରିଡା,ସହକାରୀ ନିବନ୍ଧକ ବିଜୟ ସାହୁ, ଦେବାଶିଷ ସ୍ୱାଇଁ, ପ୍ରମୁଖ ଉପସ୍ଥିତ ଥିଲେ। ଆଜିର ଗଣ ଦୌଡ଼ କାର୍ଯ୍ୟକ୍ରମ ରେ ତହସିଲ କାର୍ଯ୍ୟାଳୟ ର ସନ୍ତୋଷ କୁମାର ପ୍ରଧାନ,ବଡ଼ଖୋଲି ର ଡି ଇ ଓ କାହ୍ନୁ ଚରଣ ଗୌଡ଼,ରାଇବନ୍ଧ ସେବା ସମବାୟ ସମିତି ର ସମ୍ପାଦକ ଅଶୋକ କୁମାର ତ୍ରିପାଠୀ ଙ୍କୁ ବ୍ରହ୍ମପୁର ରେ ହେବାକୁ ଥିବା ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ରେ ସମ୍ବର୍ଦ୍ଧନା କରାଯିବାର କାର୍ଯ୍ୟକ୍ରମ ରହିଛି । ଆଜିର ଏହି ଗଣ ଦୌଡ଼ କାର୍ଯ୍ୟକ୍ରମ କୁ ଏସ ଏ ଆର ସି ଏସ କମଳ କୁମାର ଆଚାର୍ଯ୍ୟ, ନୃସିଂହ ପ୍ରସାଦ ପଣ୍ଡା,ସୁଧାଂଶୁ କୁମାର ମହାରଣା, ତାପସ ରାଉତ,ଦିବ୍ୟ ରଂଜନ ବିଶ୍ୱାଳ, ସମବାୟ ନିରୀକ୍ଷକ ମାନେ ଉପସ୍ଥିତ ଥିଲେ।

### ସମବାୟ ବିଭାଗ ନିଷ୍କ୍ରିୟତା

# ଦୁଇ ବର୍ଷ ବିତି ଗଲାଣି, କାର୍ଯ୍ୟକ୍ଷମ ହୋଇପାରୁନି ୨୮ ନୂଆ ପାକ୍ସ

ନୟାଗଡ଼, ( ମହାଭାରତ ) : ନୟାଗଡ଼ ଜିଲ୍ଲାରେ ୨୦୨୨-୨୩ ମସିହାରେ ୨୮ଟି ନୂତନ ସମବାୟ ସମିତି ଗଠନ କରାଯାଇଥିଲା। ଏହି ସମବାୟ ସମିତି ଗୁଡ଼ିକୁ କାର୍ଯ୍ୟକ୍ଷମ କରିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଥିଲା। ଏହି ପାକ୍ସ ଗୁଡ଼ିକର ପରିଚାଳନା ପରିଷଦ ଗଠନ ପାଇଁ ମଧ୍ୟ ସରକାର ଚିଠି କରିଥିଲେ। ମାତ୍ର ଦୁଇ ବର୍ଷ ପରେ ବି ନୂତନ ସମବାୟ ସମିତି ଗୁଡ଼ିକ କାର୍ଯ୍ୟକ୍ଷମ ହୋଇ ନପାରିବା ସମବାୟ ବିଭାଗ ପାରିବା ପଣିଆକୁ ପଦାରେ ପକାଇଛି। ପୂର୍ବରୁ ନୟାଗଡ଼ ଜିଲ୍ଲାରେ ୧୫୭ଟି ସମବାୟ ସମିତି ତଥା ପାକ୍ସ କାର୍ଯ୍ୟ କରୁଥିଲା। ରାଜ୍ୟ ସରକାର ପ୍ରତି ପଞ୍ଚାୟତରେ ଗୋଟିଏ ସମବାୟ ସମିତି ନିର୍ମାଣ କରିବାକୁ ନିୟମ କରିବା ପରେ ନୟାଗଡ଼ ଜିଲ୍ଲାରେ ୨୮ ଟି ନୂତନ





ସମବାୟ ସମିତି ଗଠନ ହୋଇଥିଲା। ଏହି ସମବାୟ ସମିତି ମଧ୍ୟରୁ ଖୋର୍ଦ୍ଧା ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧିନରେ ୧୫ଟି ଏବଂ ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ୧୩ଟି ଗଠନ ହୋଇଥିଲା। ନୟାଗଡ଼ ଜିଲ୍ଲାର ୮ଟି ବ୍ଲକ ମଧ୍ୟରୁ କେବଳ ରଣପୁର ବ୍ଲକରେ ୧୬ଟି ନୂତନ ସମବାୟ ସମିତି ଗଠନ ହୋଇଥିବା ବେଳେ ଅନ୍ୟ ୭ଟି ବ୍ଲକରେ ମାତ୍ର ୧୨ଟି ସମବାୟ ସମିତି ଗଠିତ ହୋଇଛି। ନୂତନ ଭାବେ ଗଠିତ ହୋଇଥିବା ସମବାୟ ସମିତି ମଧ୍ୟରେ ଦଶପଲ୍ଲା ନଛିପୁରରେ ଆଞ୍ଚଳିକ ପାକ୍ସ ଲିଂ, କୁଆଁରିଆ ପାକ୍ସ ଲିଂ, ଗଣିଆରେ କିଶୋରପ୍ରସାଦ ପାକ୍ସ ଲିଂ, ଖଣ୍ଡପଡ଼ାରେ ରାଣୀପଡ଼ା ପାକ୍ସ ଲିଂ, ନୟାଗଡ଼ରେ ଲକ୍ଷ୍ମୀପ୍ରସାଦ ପାକ୍ସ ଲିଂ, ଶରଣକୁଳ (ଜହ୍ନିପଦା) ପାକ୍ସ ଲିଂ, ମୁଥାଗାଡ଼ିଆ ପାକ୍ସ ଲିଂ, ନବଘନପୁର ପାକ୍ସ ଲିଂ, ନୂଆଗାଁ ସିକ୍ରିଡ଼ା ଆଞ୍ଚଳିକ ପାକ୍ସ ଲିଂ, ପାରାଡିପି ପାକ୍ସ ଲିଂ, ଓଡ଼ଗାଁରେ ହରିଡ଼ାବନ୍ଧ ପାକ୍ସ ଲିଂ, ରୋହିବାଙ୍କ ପାକ୍ସ ଲିଂ, ରଣପୁରର ଖଡିଆ ପାକ୍ସ ଲିଂ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ରହିଛି। ସେହିଭଳି ଭାବେ ନୟାଗଡ଼ ଏଆର୍ସିଏସଙ୍କ ଅଧୀନସ୍ତ ରଣପୁର ବ୍ଲକ କନ୍ଧପଦା ପାକ୍ସ ଲିଂ, ଚମ୍ପାଗଡ଼ ପାକ୍ସ ଲିଂ, କନ୍ଧନୟାଗଡ଼ ପାକ୍ସ ଲିଂ, ବାଉଁଶଗଡ଼ ପାକୁ ଲିଂ, ବଜ୍ରକୋଟ ପାକ୍ସ ଲିଂ, ରାଇପଡ଼ା ପାକ୍ସ ଲିଂ, ମହତପଲ୍ଲା ନୀଳକଣ୍ଠେଶ୍ୱର ପାକ୍ସ ଲିଂ, ଝାଡ଼ପଡ଼ା ନୀଳକଣ୍ଠେଶ୍ୱର ଦେବ ପାକ୍ସ ଲିଂ, ଜଙ୍କିଆ ପାକ୍ସ ଲିଂ, ଚମ୍ପାପେଢ଼ି ପାକ୍ସ ଲିଂ, ନରେନ୍ଦ୍ରପୁର ପାକ୍ସ ଲିଂ, କାସନ୍ଦା ପାକ୍ସ ଲିଂ, ବୃନ୍ଦାବନପୁର ମହାବୀର ପାକ୍ସ ଲିଂ, ତାଳକଣି ପାକ୍ସ ଲିଂ, କୁଳାସର ପାକ୍ସ ଲିଂ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ରହିଛି। ଏହି ପାକ୍ସ ଗୁଡ଼ିକରେ ଆର୍ଥିକ କାରବାର ସହ ଧାନମଣ୍ଡି ଆରମ୍ଭ କରିବାକୁ ଦୁଇ ବର୍ଷ ତଳୁ ତତ୍କାଳୀନ ଜିଲ୍ଲାପାଳ ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହା କାର୍ଯ୍ୟକ୍ଷମ ହୋଇପାରିନାହିଁ। କିଛିଦିନ ତଳେ ନୂଆଗାଁ ବ୍ଲକ ପାରାଡିପି ସମବାୟ ସମିତିକୁ କାର୍ଯ୍ୟକ୍ଷମ କରିବାକୁ ଅଞ୍ଚଳବାସୀ ଦାବି କରିଥିଲେ। ଏହି ସମବାୟ ସମିତିକୁ ଆଜି ପର୍ଯ୍ୟନ୍ତ ମଧ୍ୟ ସଠିକ ଭାବେ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଆର୍ଥିକ କାରବାର ଆରମ୍ଭ ହୋଇନଥିବା ବେଳେ ଧାନ ମଣ୍ଡି ଖୋଲିବା ପାଇଁ ଦାବି ହେଉଛି।

## ସର୍ଦ୍ଦାର ପଟେଲଙ୍କ ଜନ୍ମ ବାର୍ଷିକୀ ପାଳନ ଉପଲକ୍ଷେ ଉଦଳା ଠାରେ ଏକତା ପଦଯାତ୍ରା



ଉଦଳା(ମହାଭାରତ):ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜନ୍ମ ବାର୍ଷିକୀ ଉଦଳା ଠାରେ ପାଳନ ପରିପ୍ରେକ୍ଷୀରେ ଏକ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଆନୁକୁଲ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ଓଡିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ବିଭାଗର ମାନ୍ୟବର ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ଅତିଥି ଭାବେ ଉଦଳାର ମାନ୍ୟବର ବିଧାୟକ ଭାସ୍କର ମଢେଇ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍, କାନ୍ଦରା ସୋରେନ୍, ଉଦଳା ଏନଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ଉଦଳା ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା ବିଶ୍ୱାଳ, ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ହୃଷିକେଶ ନାଏକ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ସମସ୍ତ ଅତିଥି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପ୍ରଭୁ ଜଗନ୍ନାଥ ଏବଂ ସର୍ଦ୍ଦାର ପଟେଲଙ୍କ ଫଟୋଚିତ୍ରରେ ପୁଷ୍ପ ଓ ଧୂପ ଅର୍ପଣ କରିବା ପରେ ବନ୍ଦେ ମାତରମ ସଙ୍ଗୀତ ପରିବେଷଣ କରାଯାଇଥିଲା ଏବଂ ତତ୍ପରେ ସମସ୍ତ ଅତିଥି ତଥା ଉପସ୍ଥିତ ପଦଯାତ୍ରୀ ରାଷ୍ଟ୍ରୀୟ ଏକତାର ଶପଥ ପାଠ କରିବା ପରେ ଉଦଳା ହାଇସ୍କୁଲ ପଡିଆରୁ ପ୍ରାୟ ୩ ହଜାର ପଦଯାତ୍ରୀ ବାହାରି ଦେଶାତ୍ମବୋଧକ ସଙ୍ଗୀତ ସହିତ ବିଭିନ୍ନ ସ୍ଲୋଗାନ୍ ମାନ ଦେଇ ସହର ପରିକ୍ରମା କରି ହୋଟେଲ ସିପ୍ରନ୍ ଇନ୍ ନିକଟରେ ଆୟୋଜିତ ମଞ୍ଚ ନିକଟରେ ପହଞ୍ଚି ସେଠାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରି ମଧୁବାବୁଙ୍କ ପ୍ରତିମୂ□ ସ୍ଥଳରେ ଆୟୋଜିତ ମଞ୍ଚ ଅତିକ୍ରମ କରି ପୁନର୍ବାର ମୁଖ୍ୟ ଆୟୋଜନ ମଞ୍ଚ ଉଦଳା ହାଇସ୍କୁଲ ପଡିଆରେ ପହଞ୍ଚିବା ପରେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପଦଯାତ୍ରା ସମୟରେ ସହରରେ ଥିବା ସମସ୍ତ ମହାମନିଷୀମାନଙ୍କ ପ୍ରତିମୂର୍ତ୍ତୀରେ ଅତିଥିଗଣ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଧୂପସୂମନ ପ୍ରଦାନ କରିଥିଲେ ।

## ଧାମନପୁର ପଞ୍ଚାୟତ ହାଇସ୍କୁଲ ରେ ବିଜ୍ଞାନମେଳା ଅନୁଷ୍ଠିତ

ଗୋଲାମୁଣ୍ଡା, (ମହାଭାରତ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଗୋଷ୍ଠୀ ଶିକ୍ଷା କେନ୍ଦ୍ର ଅଧିନ ଧାମନପୁର ପଞ୍ଚାୟତ ହାଇସ୍କୁଲ ଠାରେ ବାର୍ଷିକ ବିଜ୍ଞାନମେଳା ଉଦ୍ଘାଟିତ ହୋଇଛି ପ୍ରଥମ ପର୍ଯ୍ୟାୟରେ ବିଜ୍ଞାନ ମେଳାକୁ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେଶ ନାୟକ ଯୋଗଦେଇ ଉଦ୍ଘାଟନ କରିଥିବା ବେଳେ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ମୟୁରଲାଲ ଭୋଇ ଅଧ୍ୟକ୍ଷତା କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଗୋଲାମୁଣ୍ଡା ହାଇସ୍କୁଲ ପ୍ରଧାନ ଶିକ୍ଷୟତ୍ରୀ ଶାନ୍ତ୍ୱନା ସିପକା, ନିରଞ୍ଜନ ନାଏକ, ଶିକ୍ଷା କମିଟି ସଭ୍ୟ ଅଭିରାମ ସାହୁ, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭବାନୀ ଯୋଶୀ, ରାସାୟନିକ ବିଜ୍ଞାନ ଶିକ୍ଷକ ଲିଳାମ୍ବର ବିଶି,ସାମାଜସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ,ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ନବର୍ଘ୍ନ ରାଉତ, ଶିକ୍ଷା କମିଟି ସଭ୍ୟ ବନମାଳୀ ଧାରୁଆ, ସରପ□ ଦିଗାମ୍ବର ତାଣ୍ଡି ,ସିଆରସିସି ଜିତେନ୍ଦ୍ର ଜାଳ ଏବଂ ମୁଖ୍ୟବକ୍ତା ଭାବେ ଅବସର ପ୍ରାପ୍ତ ବି ଇ ଓ ନବ କିଶୋର ସାହୁ ପ୍ରମୁଖ ଯୋଗ ଦେଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ଡି ଇ ଓ ରାଧାକାନ୍ତ ଛାତ୍ରୀ,ସମ୍ମାନିତ ଅତିଥି ଭାବେ ବି ଇ ଓ ରାଜେଶ ନାୟକ, କଳାହାଣ୍ଡି ଜିଲ୍ଲା ଡି ଏସ ଏସ ଦୁଷ୍ମନ୍ତ ଶେଖର ପାଢ଼ୀ, ମୁଖ୍ୟ ବକ୍ତା ଭାବେ ସନ୍ତୋଷ କୁମାର କର ପ୍ରମୁଖ ଯୋଗଦାନ କରିଥିବା ସହ ବିଜ୍ଞାନ ବିଷୟ ପ୍ରତି ଛାତ୍ରଛାତ୍ରୀଙ୍କ ମଧ୍ୟରେ ରୁଚି ଜାଗ୍ରତ ସହ ଅନ୍ତର୍ନିହିତ ପ୍ରତିଭାକୁ ପ୍ରୋତ୍ସାହିତ କରିବା ପ୍ରୟାସ ବୋଲି କହିଥିଲେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ମେଳାରେ ବିଜ୍ଞାନ, ଗଣିତ ଏବଂ ସାମାଜିକ ବିଜ୍ଞାନର ବିଭିନ୍ନ ପ୍ରକଳ୍ପ ଷ୍ଟଲ ମଧ୍ୟମ ରେ ପ୍ରଦର୍ଶିତ ହୋଇଥିଲା । ଅତିଥି ମାନେ ଷ୍ଟଲ ଗୁଡ଼ିକୁ ପରିଦର୍ଶନ କରି ଥିଲେ ଏବଂ ପ୍ରଥମ,ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ କୃତିତ୍ୱ ଅର୍ଜନ କରିଥିବା ଛାତ୍ର, ଛାତ୍ରୀ ମାନଙ୍କୁ ମାନପତ୍ର ଏବଂ ପୁରସ୍କାର ପ୍ରଦାନ କରାଯାଇଥିଲା ଏବଂ ଶେଷରେ ଧନ୍ୟବାଦ ଜ୍ଞାପନ ଜଣାଇବା ସହ ମେଳା ସମାପ୍ତ ହୋଇଥିଲ।

## ଦଶପଲ୍ଲା ଉପଡାକଘର କାର୍ଯ୍ୟାଳୟରୁ ଲକ୍ଷାଧିକ ଟଙ୍କା ଚୋରୀ

ଦଶପଲ୍ଲା,(ମହାଭାରତ): ଦଶପଲ୍ଲା ଥାନା ଅନ୍ତର୍ଗତ ଖୋର୍ଦ୍ଧା ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥର ଭାରତ ପେଟ୍ରୋଲ୍ ପମ୍ପ ନିକଟରେ ଥିବା ଦଶପଲ୍ଲା ଉପଡାକଘର କାର୍ଯ୍ୟାଳୟରୁ ଲକ୍ଷାଧିକ ଟଙ୍କା ଲୁଟ୍ ହୋଇଥିବା ଜଣାପଡିଛି। ସୁଚନା ରୁ ପ୍ରକାଶ ଯେ ଗତ ଶନିବାର କାର୍ଯ୍ୟାଳୟ ବନ୍ଦ କରି କର୍ମଚାରୀ ମାନେ ଯାଇଥିଲେ ଯପର ଦିନ ରବିବାର ଛୁଟି ଥିଲା। ସୋମବାର ଦିନ ଉପଡ଼ାକଘର କର୍ମଚାରୀ ମାନେ କାର୍ଯ୍ୟରେ ଯୋଗ ଦେବା ପାଇଁ କାର୍ଯ୍ୟାଳୟ ଭିତରକୁ ପ୍ରବେଶ କରିଥିବା ବେଳେ କିଛି କର୍ମଚାରୀ ଗୋଟିଏ ଝରକା ନ ଥିବା ଦେଖିବାକୁ ପାଇଥିଲେ । ସନ୍ଦେହ ହେବାରୁ ପାଖକୁ ଯାଇ ଦେଖିବା ସମୟରେ ଟ୍ରେଜେରୀ ଖୋଲାଥିବା ବେଳେ ସେଥିରେ ଥିବା ୪ଲକ୍ଷ ୯୨ ହଜାର ୨୧୫ ଟଙ୍କା ଲୁଟି ନେଇଥିବା ଜଣାପଡିଥିଲା। ସଙ୍ଗେ ସଙ୍ଗେ ଏ ସମ୍ପର୍କରେ ଉପସ୍ଥିତ କର୍ମଚାରୀ



ମାନେ ୧୧୨କୁ ଫୋନ୍ କରିବା ପରେ ପୁଲିସ୍ କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଖବର ପାଇ ସଙ୍ଗେ ସଙ୍ଗେ ନୟାଗଡ଼ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ପଣ୍ଡା ଓ ଏସଡିପିଓ ଜ୍ୟୋତି ରଞ୍ଜନ ସାମନ୍ତରାୟ, ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କାର୍ଡ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନି କୁକୁର ସାହାଯ୍ୟରେ ବିଭିନ୍ନ ଦିଗକୁ ନେଇ ତଦନ୍ତ କରି ଫେରି ଯାଇଛନ୍ତି ।ଅନ୍ୟ ପକ୍ଷରେ ଉପଡାକଘର କାର୍ଯ୍ୟାଳୟରେ ସିସିଟିଭି କ୍ୟାମେରା କିମ୍ବା କୌଣସି ସିକୁରୀଟି ବ୍ୟବସ୍ଥା ନଥିବା ବେଳେ ଏହି ଲୁଟ୍ ଘଟଣାରେ କୌଣସି କର୍ମଚାରୀଙ୍କ ହାତ ରହିଛି କି ? ଯାହାକୁ ନେଇ ସ୍ଥାନୀୟ ଜନସାଧାରଣ ମନରେ ସନ୍ଦେହ ସୃଷ୍ଟି କରିଛି । ପୁଲିସ୍ ପକ୍ଷରୁ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଗଲେ ଘଟଣାର ସତ୍ୟାସତ୍ୟ ସାମନାକୁ ଆସିବ ବୋଲି ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ହେଉଛି। ତେବେ ଏ ଘଟଣାରେ ଉପ ଡାକ ବିଭାଗ ଅଧିକାରୀ ବିନୋଦ କୁମାର ଦଳେଇଙ୍କ ପ୍ରତିକ୍ରିୟା ନେବା ବେଳେ ସାର କହିବେ କହି ସିଧାସଳଖ ଏଡ଼ାଇ ଦେଇଥିଲେ।ଏହି ଲୁଟ୍ ଘଟଣାରେ ପୁଲିସ ଏକ ମାମଲା ରୁଜୁ କରିବା ସହିତ ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ବିନୟ ରଞ୍ଜନ ପରିଡା ସୂଚନା ଦେଇଛନ୍ତି।

## ବିଶ୍ ହିନ୍ଦୁ ପରିଷଦ ପକ୍ଷ ରୁ ପାଟଣା ବନ୍ଦ ସଫଳ



ପାଟଣା:-(ମହାଭାରତ) ନାବାଳିକା ଦୁଷ୍କର୍ମ ଘଟଣା କୁ ନେଇ କେନ୍ଦୁଝର ବିଶ୍ ହିନ୍ଦୁ ପରିଷଦ ପକ୍ଷ ରୁ ୧୨ଘଣ୍ଟିଆ ବନ୍ଦ ଡାକରା ଦିଆଯାଇ ଥିବା ବେଳେ ପାଟଣା ରେ ବନ୍ଦ ର ପ୍ରଭାବ ଦେଖିବାକୁ ମିଳିଛି। ପାଟଣା ବ୍ଲକ ବିଶ୍ ହିନ୍ଦୁ ପରିଷଦ ସଭାପତି ସନାତନ ଦାଶ,ସଂପାଦକ ଡମ୍ବୁଧର ମହାନ୍ତ ଙ୍କନେତ ରେ ଅନୁଷ୍ଠିତ ହୋଇଛି । ପାଟଣା ଅଞ୍ଚଳ ର ମଙ୍ଗଳପୁର,ଧାନବେଣୀ, ବ୍ଲକଛକ ନିକଟରେ ରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରାଯାଇ ଛି। ଏହି ୧୨ଘଣ୍ଟିଆ ବନ୍ଦ ଡାକରା ରେ ପାଟଣା ରେ ଅତ୍ୟାବଶ୍ୟକ ସେବା ସହ ଔଷଧ ଦୋକାନ କୁ ଛାଡି ପାଟଣା ମୁଖ୍ୟ ବଜାର ବନ୍ଦ ରହିବା ସହ ଶିକ୍ଷାନୁଷ୍ଠାନ,ବ୍ଲକ, ତହସିଲ ଅନ୍ୟାନ୍ୟ କାର୍ଯ୍ୟାଳୟ ଗୁଡିକ ବନ୍ଦ ରହି ଛି। ପାଟଣା ବନ୍ଦ ପ୍ରଭାବ ରେ ପରିବହନ କ୍ଷେତ୍ର ବସ,ଟ୍ରକ ସେବା ଗୁଡ଼ିକ ବନ୍ଦ ରହିଥିବା ବେଳେ ଲୋକ ମାନେ ଯାତାୟାତ ରେ ବାଧା ଦେଖିବାକୁ ମିଳିଛି। ଏହି ନାବାଳିକା ଦୁଷ୍କର୍ମ ଘଟଣା ଅଭିଯୁକ୍ତ ଗିରଫ ହେବା ପରେ ପାଟଣା ଅ□ଳ ବ୍ୟାପି ବାଙ୍ଗଲା ଦେଶୀ ମାନଙ୍କ ପ୍ରବେଶ କୁ ବିରୋଧ କରିବା ସହ ତାଙ୍କୁ ଚିହ୍ନଟ କରି କୋଣ ଅନୁକୋଣ ରୁ ତୋଡ଼ି ବାକୁ ପାଟଣା ବିଶ୍ ହିନ୍ଦୁ ପରିଷଦ ପକ୍ଷ ରୁ ପାଟଣା ଥାନା ଅଧିକାରୀ ମାନସ ମହାକୁଲ ଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମ ରେ ପାଟଣା ବ୍ଲକ ବିଶ୍ ହିନ୍ଦୁ ପରିଷଦ ଉପସଭାପତି କୃଷ୍ଣ ମହାନ୍ତ, ବଜରଙ୍ଗ ଦଳ ପ୍ରମୁଖ ସୁଜି କୁମାର ଦାଶ ତଥା ଯତୀନ୍ଦ୍ର ଦାଶ,ମହନ ଦାଶ, ସଂଜୀବ କୁମାର ମହାନ୍ତ,ଚତୁର୍ଭୁଜ ମହାନ୍ତ, ବ୍ରଜବନ୍ଧୁ ସେଠୀ, ଅଭିଷେକ ଦାଶ,ପ୍ରକାଶ ସେଠୀ, ଯୁଧିଷ୍ଠିର ମହାନ୍ତ, ଦୁର୍ଲ୍ଲଭ ଦାସ, ଆୟୁସ କାନ୍ତ ନାୟକ,ଝୁଲୁ ମହାନ୍ତ, ଶରତ ମହାନ୍ତ,ଗିରିଧାରୀ ମହାନ୍ତ, ରାଜେନ୍ଦ୍ର ରାମ ପ୍ରମୁଖ ସାମିଲ ଥିଲେ।

## ଆସିକା ଶିଶୁ ମନ୍ଦିରରେ ଗଞ୍ଜାମ ଜିଲ୍ଲା ପରିଚାଳନା ସମିତି କାର୍ଯ୍ୟଶାଳା ଅନୁଷ୍ଠିତ

ଆସିକା ୧୬/୧୧- ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିକ୍ଷା ବିକାଶ ସମିତି ଗଞ୍ଜାମ ଜିଲ୍ଲାର ପରିଚାଳନା ସମିତି କାର୍ଯ୍ୟଶାଳା ଅନୁଷ୍ଠିତ ହୋଇଯାଇଛିୟ ବିଦ୍ୟାଳୟର ସଭାପତି ଡ଼ଃ ବିନୋଦ ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷା ବିକାଶ ସମିତି ଓଡିଶାଙ୍କ କୋଷାଧ୍ୟକ୍ଷ ସତ୍ୟ ନାରାୟଣ ପଟ୍ଟନାୟକ ମୁଖ୍ୟ ବକ୍ତା ଓ ସଂଘର ଗଞ୍ଜାମ ବିଭାଗ କାର୍ଯ୍ୟବାହ ମନୋଜ କୁମାର ଚୌଧୁରୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବିଦ୍ୟାଳୟର ପରିଚାଳନାରେ ପରିଚାଳନା ସମିତି ସଦସ୍ୟଙ୍କ ଭୂମିକା ବିଷୟରେ ମାର୍ଗଦର୍ଶନ କରିଥିଲେୟପ୍ରାନ୍ତ କାର୍ଯ୍ୟକାରିଣୀ ସଦସ୍ୟ କିରଣ କୁମାର ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେୟସମ୍ମାନୀତ ଅତିଥି ଭାବେ ଦକ୍ଷିଣ ପୂର୍ବ ସମ୍ଭାଗ ସଭାପତି ଡ଼ଃ ତାରାପ୍ରସାଦ ଦାଶ, ସଂପାଦକ ଦୀପକ କୁମାର ମହାରଣା, କୋଷାଧ୍ୟକ୍ଷ ପ୍ରଦୀପ କୁମାର ଦାଶ, ଉପେନ୍ଦ୍ର ପଣ୍ଡା,ସଂଭାଗ ସଂଯୋଜକ ପ୍ରକାଶ କୁମାର ତ୍ରିପାଠୀ, ସରୋଜ କୁମାର ପଟ୍ଟନାୟକ,ଅରୁଣ କୁମାର ବାଗ ତଥା ସ୍ଥାନୀୟ ବିଦ୍ୟାଳୟର କୋଷାଧ୍ୟକ୍ଷ ଦଣ୍ଡପାଣି ବେହେରା,ଯୁଗ୍ମ ସଂପାଦକ ପି.ନାଗେଶ୍ୱର ପାତ୍ର, ଦୁର୍ଗା ପ୍ରସାଦ ଆଚାରୀ ଓ ଡ଼ଃ ସୁରେନ୍ଦ୍ର ନାଥ ସାବତ ଆଦି କାର୍ଯ୍ୟକ□ ଯୋଗଦେଇ ଥିବା ବେଳେ ଅନୁଷ୍ଠାନର ସଂପାଦକ ପ୍ରତାପ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେୟ ପ୍ରଧାନ ଆଚାର୍ଯ୍ୟ ସୁନୀଲ କୁମାର ଗୌଡଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାର ୪୦ଟି ବିଦ୍ୟାଳୟରୁ ଶତାଧିକ ସଦସ୍ୟ ଯୋଗଦେଇ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେୟ ଅନୁଷ୍ଠାନର ସମସ୍ତ ସେବାବ୍ରତୀ ସହଯୋଗ କରିଥିଲେୟ ଇତ୍ୟବସରରେ ଛାତ୍ର ଛାତ୍ରୀମାନଙ୍କ ଶୈକ୍ଷିକ ବିକାଶ ଦୃଷ୍ଟିରୁ ୨ଗୋଟି ସ୍ମାର୍ଟ ବୋର୍ଡ଼ ଉନ୍ମୋଚନ କରାଯାଇଥିଲାୟ

## ଚାନ୍ଦବାଲି ବିକାଶ ପରିଷଦ ଆନୁକୂଲ୍ୟରେ ମାଗଣା ଚିକିତ୍ସା ଶିବିର



,ଚାନ୍ଦବାଲି(ମହାଭାରତ) ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ କାଣ୍ଡଗରଡ଼ି ପ□ାୟତର ମିଶନ ଶକ୍ତି ଅଫିସ ଠାରେ ସନ ସାଇନି ଚିକିତ୍ସାଳୟ ଦ୍ୱାରା ଏକ ମାଗଣା ଆଣ୍ଠୁ,ଗଣ୍ଠି ଏବଂ ଅ□ା ବ୍ୟଥା ରୋଗ ନିରୂପଣ ଶିବିର ଅନୁଷ୍ଠିତ ହୋଇ ଯାଇଛି କ୍ଷ ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର ବହୁ ସଂଖ୍ୟାରେ ବୃଦ୍ଧ, ବୃଦ୍ଧା, ଭିନ୍ନକ୍ଷମ ଏବଂ ଅନେକ ମହିଳା ମାନେ ଆସି ଶିବିରରେ ପହଁଚି ଡାକ୍ତରଙ୍କ ଦ୍ୱାରା ନିଜର ରୋଗ ବିଷୟରେ ଜାଣିଥିଲେ ଡାକ୍ତର ସେମାନଙ୍କୁ ଔଷଧ ଠିକ ସମୟରେ ସେବନ କରିବାକୁ ପରାମର୍ଶ ଦେଇଥିଲେ କ୍ଷ ଏହି କାର୍ଯ୍ୟକ୍ରମରେ ପରିଷଦର ଉପଦେଷ୍ଟା ଶ୍ରୀଯୁକ୍ତ ବଂଶୀଧର ଭୋଇ ସଭାପତି ଶ୍ରୀଯୁକ୍ତ ନିରୋଦ କୁମାର ରାଉତ ସମ୍ପାଦକ ଶ୍ରୀଯୁକ୍ତ ମହେଶ୍ୱର ବଳ ଓ ବିକାଶ ପରିଷଦର ସଭ୍ୟ ଗଣ ଦେବେନ୍ଦ୍ର କୁମାର ବିଶ୍ୱାଳ, ଗୌରହରି ନାୟକ, ଶଙ୍କର୍ଷଣ ପରିଡା, ଚିନ୍ମୟ ସ୍ୱାଇଁ, ଆଶିଷ କୁମାର ସ୍ୱାଇଁ, ସୁବାସ ଚନ୍ଦ୍ର ନାୟକ, ମୃତ୍ୟୁଞ୍ଜୟ ନାୟକ, ଉଦୟଭାନୁ ଧଳ (ବାଦୁ ଭାଇ), କ୍ଷୀରୋଦ ନାୟକ, ସୁଶାନ୍ତ ବେହେରା , ମହେନ୍ଦ୍ର ସୁତାର , ସମୀର ଘଡ଼ାଇ, ଜ୍ୟୋସ୍ନାରାଣୀ ଘଡ଼ାଇ, ସୀମା ରାଉତ, ରୋଜାଲିନ ରାଉତ,ମନୋରଞ୍ଜନ ସାହୁ ଓ ମନୋରଞ୍ଜନ ନାଥ ଉପସ୍ଥିତ ଥିଲେ କ୍ଷ ଚାନ୍ଦବାଲି ବିକାଶ ପରିଷଦ ର ଜଣେ ଆଗଧାଡିର ଯୁବ ସମାଜସେବୀ ସୁରେନ୍ଦ୍ର କୁମାର ସୁତାର ଏହି ଶିବିର ପରିଚାଳନା ରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ କ୍ଷ ସ୍ଥାନୀୟ ଲୋକମାନେ ଓ ବୁଦ୍ଧିଜୀବୀ ମାନେ ସଂଗଠନକୁ ଧନ୍ୟବାଦ ଜଣାଇ ବା ସହ ଆଗକୁ ଏଭଳି ଆହୁରି ଅନେକ କାର୍ଯ୍ୟ ପରିଷଦର ଦ୍ୱାରା ଜାରିରହୁ ବୋଲି ପ୍ରକାଶ କରିଛନ୍ତି କ୍ଷ

## ନାବାଳିକା ମହିଳାଙ୍କୁ ଅସଦାଚରଣ ରେ ଅପରାଧୀ ଗିରଫ

କାକଟପୁର(ମହାଭାରତ) :ଅଭିଯୋଗ ମୁତାବକ କାକଟପୁର ଥାନା ଅନ୍ତର୍ଗତ ଜଣେ ମହିଳା ଙ୍କ ଘରେ ୧୭ ତାରିଖ ସୋମବାର ଦିନ ସକାଳୁ କାକଟପୁର ଅଞ୍ଚଳ ର ଅଜୟ ବିହାରୀ ନାୟକ ଙ୍କୁ ୨୦ବର୍ଷ ର ପୁଅ ବାଦଲ ନାୟକ ମହିଳା ଙ୍କ ଘରେ ପ୍ରବେଶ କରିଥିଲେ, ଯୋର ଜବରଦସ୍ତ ମହିଳା ଙ୍କ ସମେତ ତାଙ୍କ ନାବାଳିକା ଝିଅ କୁ ଖରାପ ବ୍ୟବହାର ପଦର୍ଶନ କରିଥିଲେ, ନାବାଳିକା ଝିଅ ଟି ଜୋରେ ଚିତ୍କାର କରିବା ପରେ ଯୁବକ ଜଣଙ୍କ ତାଙ୍କ ପାଟି କୁ ଜୋର ଜବରଦସ୍ତ ମାଡି ବସିଥିଲେ କେବଳ ସେତିକି ନୁହେଁ କବାଟ ଦେଇ ଉଭୟ ମା ଓ ଝିଅ ଙ୍କୁ ଖରାପ ବ୍ୟବହାର କରିବା ସହିତ ଜୀବନରେ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ।

# ବନ୍ଦ ହୋଇଯିବ ୧୦ ହଜାରରୁ ଅଧିକ ବ୍ୟକ୍ତିଙ୍କ ରାସନ



ଦଶପଲ୍ଲା, ( ମହାଭାରତ ) : ରାଜ୍ୟରେ ସରକାର ପରିବର୍ତ୍ତନ ହେବାପରେ ଆୟକରଦାତା ଓ ଭୂତ ହିତାଧିକାରୀ ରାସନ ପାଉଥିବା ନେଇ ତଦନ୍ତ ପରେ ଇ-କେୱାଇସି ପ୍ରକ୍ରିୟାକୁ ପ୍ରାଥମିକତା ଦିଆଯାଇଛି। ଏହାରି ମଧ୍ୟରେ ଦଶପଲ୍ଲା ବ୍ଲକରେ ଶତାଧିକ ଆୟକରଦାତାଙ୍କ ରାସନ ବନ୍ଦ ହୋଇଛି । ବର୍ତ୍ତମାନ ହିତାଧିକାରୀଙ୍କ ୪ ଚକିଆ ଗାଡ଼ି ସମେତ ପିଏମ୍ କିସାନ ଅନ୍ତର୍ଭୁକ୍ତ ହୋଇଥିବେ ଅର୍ଥା ଅଢ଼େଇ ଏକରରୁ ଅଧିକ ଜମି, ସରକାରୀ ଚାକିରି କରିଥିବେ ସେମାନଙ୍କର ରାସନ ବନ୍ଦ କରାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ନିୟମ ଆଧାରରେ ଦଶପଲ୍ଲାରେ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ରାସନ ବନ୍ଦ ହେବା ସମ୍ଭାବନା ରହିଛି। ଦଶପଲ୍ଲା ବ୍ଲକ୍ ଓ ଏନ୍ଏସିରେ ସମୁଦାୟ ୨୩ ହଜାର ୫ଶହ ୫୦ ପରିବାରର ୭୯ ହଜାର ୩ଶହ ୩୩ ଜଣ ବ୍ୟକ୍ତି ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ଅଛନ୍ତି। ଯେଉଁଥିରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାୟ( ଏସ୍ଏଫ୍ଏସ୍ଏସ୍ ) ରେ ୭୫୬, ଆଗ୍ରାଧିକାର ବା ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୧୯ ହଜାର ୪ଶହ ୩୦ ଓ ଅନ୍ତୋଦୟ ଯୋଜନାରେ ୩ ହଜାର ୩ ଶହ ୬୪ ପରିବାର ସାମିଲ ଅଛନ୍ତି। ଏବେ ପ୍ରାୟ ୫ ହଜାରରୁ ଊର୍ଦ୍ଧ ବ୍ୟକ୍ତି ଇ-କେୱାଇସି କରିନଥିବା ବେଳେ ଏହାରି ମଧ୍ୟରେ ବୃଦ୍ଧବୃଦ୍ଧା ଓ ୫ ବର୍ଷରୁ କମ୍ ବୟସର ଶିଶୁ ରହିଛନ୍ତି। ନୂତନ ନିୟମାନୁସାରେ ହିତାଧିକାରୀଙ୍କୁ ଚିହ୍ନଟ କରିବାକୁ ବ୍ଲକ ଓ ଏନ୍ଏସି ସ୍ତରରେ ଏହାର ତଦନ୍ତ ଆରମ୍ଭ ହୋଇଛି। ବ୍ଲକ୍ ଯୋଗାଣ ଅଧିକାରୀ ରାଧାକାନ୍ତ ସାହୁ କହିଛନ୍ତି, ଅନେକ ହିତାଧିକାରୀ ବର୍ଷବର୍ଷ ଧରି ନିଜ ଭାଗର ରାସନ ଉଠାଉନାହାନ୍ତି। ଆସନ୍ତା ୧୫ ତାରିଖ ମଧ୍ୟରେ ଏହାର ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି। ନୟାଗଡ଼ ଜିଲ୍ଲାରେ ୧ ଲକ୍ଷ ୧୦ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ ଏହି ତାଲିକାରେ ସାମିଲ ଥିବାବେଳେ ରାଜ୍ୟରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ ଥିବା ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ



ବୁଧବାର, ୧୯ ନଭେମ୍ବର, ୨୦୨୫



## କଙ୍ଗୋ ବିମାନବନ୍ଦରରେ ବିମାନରେ ଲାଗିଲା ନିଆଁ

କଙ୍ଗୋ : କଙ୍ଗୋ ବିମାନବନ୍ଦରର ଏକ ଭିଡିଓ ବର୍ତ୍ତମାନ ଖୁବ୍ ଜୋରରେ ଭାଇରଲ ହେଉଛି । ରନୱେରେ ଅବତରଣ କରିବା ସମୟରେ ବିମାନରେ ଅଗ୍ନିକାଣ୍ଡ ଘଟିଛି । ଯାହା ଭାଇରଲ ହୋଇଥିବା ଭିଡିଓରେ ଦେଖିବାକୁ ମିଳିଛି । ଏଥିରେ କଙ୍ଗୋର ଜଣେ ସରକାରୀ ମନ୍ତ୍ରୀଙ୍କ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡିଛି । ସୂଚନାନୁଯାୟୀ, କୋଲୱେଜିର ରନୱେ ୨୯ରେ ଅବତରଣ କରିବା ସମୟରେ ବିମାନର ପଛ ଭାଗରେ ନିଆଁ ଲାଗିଯାଇଥିଲା । ଏହି ଦୁର୍ଘଟଣା ସମୟରେ ଦେଶର ଖଣି ମନ୍ତ୍ରୀ ଲୁଇସ ୱାଟମ୍ କାବାମ୍ବା ଏବଂ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଏକ ପ୍ରତିନିଧିମଣ୍ଡଳୀ ବିମାନରେ ଥିଲେ । ନିଆଁ ଲାଗିଥିବା ବିମାନଟି ଏରୋଜେଟ୍ ଆଙ୍ଗୋଲା ଦ୍ୱାରା ପରିଚାଳିତ ଥିଲା । ନିଆଁ ଲାଗିବା ମାତ୍ରେ ତୁରନ୍ତ ପାଣି ପାଇପ୍ ସାହାଯ୍ୟରେ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିଥିଲେ । ନିଆଁ ଲାଗିବା ଫଳରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଥିଲା । ଏହି ଦୁର୍ଘଟଣାରେ କୌଣସି ମୃତାହତଙ୍କ ସୂଚନା ମିଳିନାହିଁ । ଯାହା ଏବେ ସୋସିଆଲ ମିଡିଆରେ ଭାଇରଲ ହେବାରେ ଲାଗିଛି ।

## ଭାରତୀୟଙ୍କ ପାଇଁ ଇରାନ ବନ୍ଦ କଲା ଭିସା ଫ୍ରି ଏଣ୍ଟ୍ରି

ଇରାନ : ଇରାନ ଯିବାକୁ ପ୍ଲାନ ଅଛି କି ? ଏଣିକି ଇରାନ ଗଲେ ଦରକାର ପଡ଼ିବ ଭିସା । କାହିଁକି ନା ଭାରତୀୟଙ୍କ ପାଇଁ ଭିସା ଫ୍ରି ଏଣ୍ଟ୍ରି ବନ୍ଦ କରିଛି ଇରାନ । ୨୨ ନଭେମ୍ବର ୨୦୨୫ଠାରୁ ଏହା ଲାଗୁ ହେବ । ଚାକିରି ନାଁରେ ଇରାନକୁ ନେଇ ଭାରତୀୟଙ୍କୁ କିଡନାପିଂ କରାଯାଉଥିବା ଅଭିଯୋଗ ପରେ ଏଭଳି ନିଷ୍ପତ୍ତି ନେଇଛି ଇରାନ । ପୂର୍ବରୁ ଭାରତର ବୈଦେଶିକ ମନ୍ତ୍ରାଳୟ ମଧ୍ୟ ଏନେଇ ସତର୍କ କରାଇଥିଲା । ଭିସା ଫ୍ରି ଲାଭ ଉଠାଇ ଭାରତୀୟଙ୍କୁ ଚାକିରି ଓ ଅନ୍ୟାନ୍ୟ ଲୋଭ ଦେଖାଇ ଡାକିବା ପରେ ତାଙ୍କୁ ଅପହରଣ କରାଯାଉଥିବା ଭଳି ବହୁ ମାମଲା ସାମନାକୁ ଆସିଥିଲା । ତେବେ ନୂଆ ନିୟମ ଅନୁସାରେ ଏଣିକି ଇରାନ ଯାତ୍ରା କରିବାକୁ ହେଲେ, ଆଗୁଆ ଭିସା ପାଇଁ ଆବେଦନ କରିବାକୁ ପଡ଼ିବ । ଏପରିକି ଇରାନକୁ କେବଳ ଟ୍ରାନଜିଟ୍ ରୁଟ୍ ପାଇଁ ବ୍ୟବହାର କଲେ ମଧ୍ୟ ଭିସା ବାଧ୍ୟତାମୂଳକ କରାଯାଇଛି । ସବୁ ଏୟାରଲାଇନ୍ସ ଗୁଡିକୁ ଭିସା ସ୍ଥିତି ଯାଂଚ କରିବାକୁ ପରାମର୍ଶ ଦିଆଯାଇଛି ।

## ୪୫ଜଣ ମୃତକଙ୍କ ମଧ୍ୟରେ ଗୋଟାଏ ପରିବାରର ୧୮ଜଣ ଥିବା ସୂଚନା

ନୂଆଦିଲ୍ଲୀ: ସୋମବାର ସାଉଦି ଆରବର ମଦିନା ନିକଟରେ ଏକ ବଡ଼ ସଡ଼କ ଦୁର୍ଘଟଣା ଘଟିଥିଲା । ଉମରା କରିବାକୁ ଯାଉଥିବା ଅନେକ ଭାରତୀୟ ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହରାଇଥିଲେ । ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ବସ୍ ଏକ ଡିଜେଲ ଟ୍ୟାଙ୍କର ସହିତ ଧକ୍କା ଖାଇବା ଫଳରେ ବସଟି ଜଳିଯାଇଥିଲା, ଯାହା ଫଳରେ ପ୍ରାୟ ୪୫ଜଣ ଲୋକ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ । ସୋମବାର ସକାଳେ ମୁଫାରିହାତ ଅଞ୍ଚଳ ନିକଟରେ ଏହି ଦୁର୍ଘଟଣା ଘଟିଥିବା ବେଳେ ଏହି ଦୁର୍ଘଟଣାରେ ଗୋଟାଏ ପରିବାରର ୧୮ଜଣଙ୍କ ମୃତ୍ୟୁ ହୋଇଥିବା ସାମ୍ନାକୁ ଆସିଛି । କୁହାଯାଉଛି ଯେ, ଦୁର୍ଘଟଣାଗ୍ରସ୍ତ ବସ୍‌ରେ ଗୋଟିଏ ପରିବାରର ତିନି ପିଢ଼ିର ୧୮ ଜଣ ସଦସ୍ୟ ଥିଲେ । ମୃତକଙ୍କ ଜଣେ ସମ୍ପର୍କୀୟ ମହମ୍ମଦ ଅସଲମ କହିଛନ୍ତି ଯେ, ଅବସରପ୍ରାପ୍ତ ରେଳ କର୍ମଚାରୀ ଶେଖ୍ ନଜିରୁଦ୍ଦିନ୍ ତାଙ୍କ ସ୍ତ୍ରୀ, ପୁଅ, ତିନି ଝିଅ ଏବଂ ନାତିନାତୁଣୀଙ୍କ ସହିତ ମଦିନା ଯାତ୍ରା କରିଥିଲେ । 'ଆମେ ଜାଣିନାହୁଁ ଏହା ଏକ ଦୁର୍ଘଟଣା ଥିଲା କି କ'ଣ ଥିଲା । କିନ୍ତୁ ବସ୍‌ରେ ୧୮ ଜଣ ସଦସ୍ୟ ଥିଲେ । ୧୮ଜଣଙ୍କ ମଧ୍ୟରେ ଶେଖ୍ ନଜିରୁଦ୍ଦିନ୍, ତାଙ୍କ ପୁଅ, ଝିଅ ଏବଂ ନାତିନାତୁଣୀ ଥିଲେ । ନଜିରୁଦ୍ଦିନ୍‌ଙ୍କ ଅନ୍ୟ ଜଣେ ପୁଅ ବର୍ତ୍ତମାନ ଆମେରିକାରେ ଅଛନ୍ତି । ଏହି ସୂଚନା ଦେବା ସହ ଅସଲାମ୍, ଲୋକମାନେ ଯେଉଁ ଟ୍ରାଭେଲ୍ ଏଜେନ୍ସି ମାଧ୍ୟମରେ ସାଉଦି ଆରବ ଯାତ୍ରା କରିଥିଲେ ତାହାର ତଦନ୍ତ ଦାବି କରିଛନ୍ତି । ହାଇଦ୍ରାବାଦ ପୁଲିସ ମୁଖ୍ୟ ବିସି ସଜ୍ଜନାର କହିଛନ୍ତି ଯେ, ସାଉଦି ଆରବର ମଦିନାରେ ଏକ ବସ୍ ଏକ ତେଲ ଟ୍ୟାଙ୍କର ସହିତ ଧକ୍କା ହେବା ଫଳରେ ଅତି କମରେ ୪୫ ଜଣଙ୍କର ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରୁ ଅଧିକାଂଶ ଲୋକ ହାଇଦ୍ରାବାଦର ।

## ସିଓପି ସମ୍ମିଳନୀ; ୨୦୭୦ ସୁଦ୍ଧା ଭାରତ ଶୂନ୍ୟ ନିର୍ଗମନ ଲକ୍ଷ୍ୟ ହାସଲ କରିବ: ଭୂପେନ୍ଦ୍ର



ନୂଆଦିଲ୍ଲୀ: କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ବ୍ରାଜିଲର ବେଲେମରେ ଆୟୋଜିତ ହେଉଥିବା ଜାତିସଂଘର ବାର୍ଷିକ ଜଳବାୟୁ ସମ୍ମିଳନୀ (ସିଓପି ୩୦)ର ସପ୍ତମ ଦିନରେ ଏକ ଉଚ୍ଚସ୍ତରୀୟ ବୈଠକରେ ଭାରତର ବିବୃତି ଉପସ୍ଥାପନ କରିଛନ୍ତି । ଭୂପେନ୍ଦ୍ର ଯାଦବ କହିଛନ୍ତି, ମୁଁ ଆମାଜନ ହୃଦୟର ଗଭୀରତମ ପ୍ରଦେଶରେ ଛିଡ଼ା ହୋଇ ସମସ୍ତଙ୍କୁ ଜଣାଇଦେଉଛି ଯେ ଆମ ଗ୍ରହର ପରିସଂସ୍ଥାନ ହେଉଛି ଆମ ସମ୍ପତ୍ତିର ଏକ ଜୀବନ୍ତ ପ୍ରତୀକ । ସିଓପି ୩୦ ପ୍ରତିବଦ୍ଧତାକୁ ଦୃଢ଼ ଭାବେ କାର୍ଯ୍ୟକାରୀ କରିବା ସହିତ ପ୍ରତିଶ୍ରୁତିଗୁଡ଼ିକୁ ସଫଳତାର ସହ ପାଳନ କରିବାକୁ ସେ ଆହ୍ୱାନ ଦେଇଛନ୍ତି । ଜଳବାୟୁ ପରିବର୍ତ୍ତନ ଜନିତ ବିପଦକୁ ନିୟନ୍ତ୍ରଣ କରିବାକୁ ବିକଶିତ ଦେଶଗୁଡ଼ିକ ସେମାନଙ୍କର ମହତ୍ୱାକାଂକ୍ଷା ବୃଦ୍ଧି କରିବା ଆବଶ୍ୟକ ଏବଂ ବିଗତ ବର୍ଷଗୁଡ଼ିକରେ ସେମାନେ ଦେଇଥିବା ପ୍ରତିଶ୍ରୁତିର ପୂରଣ କରିବାକୁ ସେ ଅନୁରୋଧ କରିଥିଲେ । ବିକଶିତ ରାଷ୍ଟ୍ରଗୁଡ଼ିକ ସେମାନଙ୍କ ବର୍ତ୍ତମାନର ସମୟସୀମା ତୁଳନାରେ ଯଥାଶୀଘ୍ର ଶୂନ୍ୟ ନିର୍ଗମନ ହାସଲ କରିବା ଉଚିତ ବୋଲି କହିଥିଲେ । କେନ୍ଦ୍ରମନ୍ତ୍ରୀ ଯାଦବ କହିଥିଲେ, ବିଶ୍ୱ ଜଳବାୟୁ ପ୍ରଯୁକ୍ତି ସହାୟତା ସୁଲଭ ହେବା ସହିତ ସମସ୍ତଙ୍କ ପାଇଁ ପହଞ୍ଚ ହେବା ଏବଂ ଏହା ପ୍ରତିବନ୍ଧକ ପୂର୍ଣ୍ଣ ବୌଦ୍ଧିକ ସମ୍ପତ୍ତିର ନିୟନ୍ତ୍ରଣରୁ ମୁକ୍ତ ହେବା ଆବଶ୍ୟକ । ଏହା ହୋଇପାରିଲେ ସବୁ ଦେଶ ଉପକୃତ ହୋଇପାରିବେ । ଭାରତର ନିଜସ୍ୱ ଜଳବାୟୁ ପରିବର୍ତ୍ତନ ନିୟନ୍ତ୍ରଣ କାର୍ଯ୍ୟକ୍ରମର ସଫଳତା ଉପରେ ଆଲୋକପାତ କରି ଯାଦବ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କିପରି ଏକାଧାରରେ ବିକାଶ ଏବଂ ପରିବେଶ ସୁରକ୍ଷା କାର୍ଯ୍ୟକାରୀ କରାଯାଇ ପ୍ରଗତି ହାସଲ କରିପାରିବ ଭାରତ ତା'ର ଉଦାହରଣ ପାଲଟିଛି । ୨୦୦୫ ପରଠାରୁ ଭାରତର ନିର୍ଗମନ ତୀବ୍ରତା ୩୬ ପ୍ରତିଶତରୁ ଅଧିକ ହ୍ରାସ ପାଇଛି । ଅଣଜୀବାଶ୍ମ ଉତ୍ସରୁ ବର୍ତ୍ତମାନ ଭାରତ ନିଜର ବିଦ୍ୟୁତ ଶକ୍ତି ସ୍ଥାପିତ କ୍ଷମତା (ପ୍ରାୟ ୨୫୬ ଗିଗାୱାଟ)ର ୨୦୩୦ ଧାର୍ଯ୍ୟ ଲକ୍ଷ୍ୟକୁ ପାଞ୍ଚ ବର୍ଷ ପୂର୍ବରୁ ହାସଲ କରିଛି । ଭାରତ ୨୦୩୫ ପର୍ଯ୍ୟନ୍ତ ଏହାର ସଂଶୋଧିତ ଜାତୀୟ ନିର୍ଦ୍ଧାରିତ ଯୋଗଦାନ (ଏନ୍‌ଡିସି) ଏବଂ ଏହାର ପ୍ରଥମ ଦ୍ୱିବାର୍ଷିକ ପାରଦର୍ଶିତା ରିପୋର୍ଟ ଠିକ୍ ସମୟରେ ଦାଖଲ କରିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି । ପରମାଣୁ ଏବଂ ସବୁଜ ଉଦଜାନ ମିସନ୍‌ରୁ ଭାରତ କିପରି ନିଜର ଶୂନ୍ୟ ନିର୍ଗମନ ଲକ୍ଷ୍ୟ ହାସଲ ଦିଗରେ ଅଗ୍ରଗତି କରୁଛି ଏବଂ ୨୦୭୦ ସୁଦ୍ଧା କିମ୍ବା ହୁଏତ ଏହା ପୂର୍ବରୁ ମଧ୍ୟ ଶୂନ୍ୟ ନିର୍ଗମନ ଲକ୍ଷ୍ୟ ହାସଲ କରିବା ପ୍ରସଙ୍ଗ ଉପରେ କେନ୍ଦ୍ରମନ୍ତ୍ରୀ ଯାଦବ ଆଲୋକପାତ କରିଥିଲେ । ଅଙ୍ଗାରକ ଶୋଷକ ସଂରକ୍ଷଣ ପ୍ରୟାସ ପ୍ରସଙ୍ଗରେ ଉଲ୍ଲେଖ କରି ସେ କହିଥିଲେ, ବିଶ୍ୱ ସମୁଦାୟଙ୍କ ନେତୃତ୍ୱରେ କରାଯାଇଥିବା ପ୍ରୟାସ ଯୋଗୁଁ ମାତ୍ର ୧୬ ମାସ ମଧ୍ୟରେ ସାରା ଦେଶରେ ୨୦୦ କୋଟିରୁ ଅଧିକ ବୃକ୍ଷରୋପଣ କରାଯାଇଛି । ଯାହାକି ସାମୂହିକ ଜଳବାୟୁ ପରିବର୍ତ୍ତନ ଜନିତ ବିପଦକୁ ପ୍ରତିହତ କରିବାରେ ଗୋଟିଏ ଅର୍ଥପୂର୍ଣ୍ଣ ପ୍ରଭାବ ସୃଷ୍ଟି କରିପାରିବା ନେଇ ଏକ ଉଦାହରଣ ସୃଷ୍ଟି କରିଛି । ଆଗାମୀ ଦଶନ୍ଧିକୁ କାର୍ଯ୍ୟକ୍ରମର ପରିଚାଳନା, ନମନୀୟତା ଏବଂ ସହଭାଗିତା ଭିତ୍ତିରେ ଦାୟିତ୍ୱ ପାଳନ କରିବାକୁ ସେ ବିଶ୍ୱ ସମୁଦାୟକୁ ଅନୁରୋଧ କରିଥିଲେ ।

## ଅଲ୍ ଫଲାହ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଗିରଫ: ବଡ଼ଧରଣର ଆର୍ଥିକ ହେରଫେର ହୋଇଛି



ନୂଆଦିଲ୍ଲୀ: ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଆଜି ମନି ଲଣ୍ଡରିଂ ମାମଲାରେ ଆତଙ୍କର କେନ୍ଦ୍ର ପାଲଟିଥିବା ଅଲ୍ ଫଲାହ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଜୱାଦ ଅହମଦ ସିଦ୍ଦିକିଙ୍କୁ ଗିରଫ କରିଛି । ଦିଲ୍ଲୀ ବିସ୍ଫୋରଣ ମାମଲାରେ ତଦନ୍ତ ପ୍ରକ୍ରିୟା ଅଧୀନରେ ଆଜି ଇଡି ଅଲ୍ ଫଲାହ ଗ୍ରୁପ୍ ସହ ଜଡ଼ିତ ବିଭିନ୍ନ ଠିକଣାରେ ଚଢ଼ଉ କରିଥିଲା । ଅଲ୍ ଫଲାହ ପ୍ରତିଷ୍ଠାତା ତଥା ମାଲିକ ସିଦ୍ଦିକିଙ୍କ ବାସଭବନରେ ଆଜି ଚଢ଼ଉ ପରେ ଇଡି ଅଧିକାରୀମାନେ ତାଙ୍କୁ ଜେରା କରିଥିଲେ । ଏହାପରେ ଇଡି ତାଙ୍କୁ ପିଏମ୍‌ଏଲ୍‌ଏ ଅଧୀନରେ ଗିରଫ କରିଛି । ଇଡି ସୂତ୍ରରୁ ଜଣାପଡ଼ିଛି ଯେ ସିଦ୍ଦିକିଙ୍କ ସହ ଜଡ଼ିତ ଏକାଧିକ କମ୍ପାନିରେ ବ୍ୟାପକ ଆର୍ଥିକ ଅନିୟମିତତା ହୋଇଥିବା ତଦନ୍ତ ପ୍ରକ୍ରିୟାରୁ ଜଣାପଡ଼ିଛି । ତେବେ ଏହି ବେଆଇନ ଅର୍ଥକୁ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ବ୍ୟବହାର କରାଯାଉଥିଲା କି ନାହିଁ ସେ ଦିଗରେ ଅଧିକ ତଦନ୍ତ ଚାଲିଛି । ଆଜି ଇଡି ଏବଂ ଆଇଟି(ଆୟକର) କର୍ତ୍ତୃପକ୍ଷ ଦିଲ୍ଲୀ ଏବଂ ହରିୟାଣାରେ ଅଲ୍ ଫଲାହ ଗ୍ରୁପ୍ ସହ ଜଡ଼ିତ ୨୫ରୁ ଅଧିକ ଠିକଣାରେ ମିଳିତ ଚଢ଼ଉ କରିଛନ୍ତି । ମଙ୍ଗଳବାର ଭୋର ୫.୧୫ ସମୟରେ ଏହି ଅପରେସନ୍ ଆରମ୍ଭ ହୋଇଥିଲା । ଅଲ୍ ଫଲାହ ଗ୍ରୁପ୍‌ର ବିଶ୍ୱବିଦ୍ୟାଳୟ ମୁଖ୍ୟାଳୟ ଏବଂ ପ୍ରଶାସନିକ ଅଧିକାରୀଙ୍କ ବିଭିନ୍ନ ଠିକଣାରେ ଚଢ଼ଉ ଜାରି ରହିଛି । ହ୍ୱାଇଟ କଲାର ଟେରର ମଡ୍ୟୁଲ୍ ସହ ଜଡ଼ିତ ଲାଲକିଲ୍ଲା ବିସ୍ଫୋରଣକାରୀ ଡାକ୍ତର ଉମର ଉନ୍ ନବି ଏବଂ ଆହୁରି ଅନେକ ଅଭିଯୁକ୍ତ ଅଲ୍ ଫଲାହ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ କରୁଥିଲେ । ଏହି ବିଶ୍ୱବିଦ୍ୟାଳୟରେ ଆର୍ଥିକ ଅନିୟମିତତା ଅଭିଯୋଗର ତଦନ୍ତ କରୁଥିବା ଇଡି ପୂର୍ବରୁ ପିଏମ୍‌ଏଲ୍‌ଏ ଅଧୀନରେ ମାମଲା ମଧ୍ୟ ରୁଜୁ କରିଛି । ତଦନ୍ତକାରୀ ଅଧିକାରୀ କହିଛନ୍ତି, ଅଲ୍ ଫଲାହ ଟ୍ରଷ୍ଟ ଏବଂ ବିଶ୍ୱବିଦ୍ୟାଳୟର ପ୍ରମୋଟରଙ୍କ ସହ ଜଡ଼ିତ ସଂସ୍ଥାଗୁଡ଼ିକୁ ମଧ୍ୟ ଭଲଭାବେ ତଦନ୍ତ କରାଯାଉଛି । ଉଲ୍ଲେଖଯୋଗ୍ୟ, ୟୁଜିସି (ୟୁନିଭର୍ସିଟି ଗ୍ରାଣ୍ଟ କମିସନ୍)ର ଅଭିଯୋଗ ଆଧାରରେ ଦିଲ୍ଲୀ ପୁଲିସ ଏନେଇ ୨ଟି ଏତଲା ରୁଜୁ କରିବାପରେ ଇଡି କାର୍ଯ୍ୟାନୁଷ୍ଠାନ ତ୍ୱରାନ୍ୱିତ ହୋଇଛି

## ୨୦ରେ ଶପଥ ନେବେ ନୀତୀଶ



ପାଟଣା, ୧୮/୧୧ : ବିହାର ବିଧାନସଭା ନିର୍ବାଚନରେ ଏନ୍‌ଡିଏ ୨୦୨ ଆସନରେ ବିଜୟୀ ହୋଇ ରେକର୍ଡ ସୃଷ୍ଟି କରିଥିବା ବେଳେ ୨୦ତାରିଖରେ ଜେଡିୟୁ ନେତା ନୀତୀଶ କୁମାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ । ଗୁରୁବାର ୧୧ଟାରୁ ୧୨ଟା ମଧ୍ୟରେ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଆରମ୍ଭ ହେବ । ଏନେଇ ପାଟନାର ଗାନ୍ଧୀ ମଇଦାନରେ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଏହି ଶପଥ ଗ୍ରହଣ ଉତ୍ସବରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବା ନେଇ ସୂଚନା ମିଳିଛି । ଜେଡିୟୁ ନେତା ନୀତୀଶ କୁମାର ପୁଣି ମୁଖ୍ୟମନ୍ତ୍ରୀ ପଦ ବଜାୟ ରଖିବାକୁ ଥିବାବେଳେ ଭାଜପାକୁ ୧୫ରୁ ୧୬ ମନ୍ତ୍ରୀ ପଦ ମିଳିପାରେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଯାଇଛି । ଅନ୍ୟପକ୍ଷେ ଜେଡିୟୁରୁ ୧୪ ଜଣ ମନ୍ତ୍ରୀ ହୋଇପାରନ୍ତି ବୋଲି ଏକ ବିଶେଷ ସୂଚନା ମିଳିଛି । ନିର୍ବାଚନରେ ଭାଜପା ୮୯ ଆସନ ଜିତିଥିବା ବେଳେ ଜେଡିୟୁ ୮୫ ଆସନରେ ବିଜୟୀ ହୋଇଥିଲା । ୧୯ ଆସନ ହାସଲ କରିଥିବା ଚିରାଗ ପାଶ୍ୱାନଙ୍କ ଲୋକ ଜନଶକ୍ତି (ରାମବିଲାସ)କୁ ୩ ମନ୍ତ୍ରୀ ପଦ ମିଳିପାରେ । ସେହିପରି ଜିତନରାମଙ୍କ ହିନ୍ଦୁସ୍ତାନ ଆୱାମ ମୋର୍ଚ୍ଚା (ଧର୍ମନିରପେକ୍ଷ) ୫ ଆସନ ଏବଂ ଉପେନ୍ଦ୍ର କୁଶୱାହାଙ୍କ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା ଯଥାକ୍ରମେ ୫ ଓ ୪ ଆସନ ଜିତିଥିବା ବେଳେ ଉଭୟ ଦଳରୁ ଜଣେ ଲେଖାଏ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇପାରନ୍ତି । ପ୍ରତି ୬ ବିଧାୟକରେ ଜଣଙ୍କୁ ମନ୍ତ୍ରୀ କରିବା ପାଇଁ ସୂତ୍ର ସ୍ଥିର ହୋଇଥିବା ସୂଚନା ମିଳିଛି ।

## ଚିନ୍ତା ବଢ଼ାଇଲା ଜୈସ-ହମାସ ସଂପର୍କ



ନୂଆଦିଲ୍ଲୀ: ଗତ ଏକ ବର୍ଷ ମଧ୍ୟରେ, ଏକ ଅଦୃଶ୍ୟ ଓ ଅଧିକ ଭୟଙ୍କର ଶକ୍ତି ଭାରତୀୟ ସୁରକ୍ଷା ଏଜେନ୍ସିଗୁଡ଼ିକ ପାଇଁ ଏକ ଚ୍ୟାଲେଞ୍ଜ ଭାବରେ ଉଭା ହୋଇଛି । ଇସ୍ରାଏଲ ସହ ସଂଘର୍ଷ ପରେ ଆମେରିକା ଦ୍ୱାରା ଘୋଷିତ ଆତଙ୍କବାଦୀ ଗୋଷ୍ଠୀ ହମାସର ଆଦର୍ଶଗତ ପ୍ରଭାବ ଦକ୍ଷିଣ ଏସିଆରେ, ବିଶେଷ କରି ପାକିସ୍ତାନରେ ବିସ୍ତାର ହୋଇଛି । ଚଳିତ ବର୍ଷ ପ୍ରାରମ୍ଭରେ ପହଲଗାମ ଆକ୍ରମଣ ଇସ୍ରାଏଲରେ ହମାସ ହତ୍ୟାକାଣ୍ଡ ସହିତ ସାମଞ୍ଜସ୍ୟ ରଖିଥିଲା । ବର୍ତ୍ତମାନ ଏହା ସାମ୍ନାକୁ ଆସିଛି ଯେ ହରିୟାଣାରେ ଧରାଯାଇଥିବା ହ୍ୱାଇଟ୍ କଲାର ଆତଙ୍କବାଦୀ ମଡ୍ୟୁଲ୍ ଡ୍ରୋନ୍ ବ୍ୟବହାର କରି ହମାସ ଶୈଳୀରେ ଆକ୍ରମଣ କରିବାକୁ ଯୋଜନା କରୁଥିଲା । ଲାଲକିଲ୍ଲା ଆକ୍ରମଣ ପଛରେ ସହ-ଷଡ଼ଯନ୍ତ୍ରକାରୀ ଜାସିର ବିଲାଲ ୱାନି ଓରଫ ଡାନିସ୍‌ର ଗିରଫଦାରୀ ପରେ ଏହି ଷଡ଼ଯନ୍ତ୍ର ଉନ୍ମୋଚିତ ହୋଇଛି । ଅନୁସନ୍ଧାନକାରୀମାନେ କହିଛନ୍ତି ଯେ, ଜୈସ-ଏ-ମହମ୍ମଦ (ଜେଇଏମ୍) ସହ ଜଡିତ ଏହି ମଡ୍ୟୁଲ୍ ଡ୍ରୋନ୍‌ର ନବୀକରଣ କରିବା ପ୍ରକ୍ରିୟାରେ ଅଛି, ଯାହା ଏକାଧିକ ସହରରେ ଆକ୍ରମଣ ପାଇଁ ଏହାକୁ ରକେଟ୍ ଷ୍ଟାଇଲ୍ ବୋମା ଭାବରେ ବ୍ୟବହାର କରିବ । ଡ୍ରୋନ୍ ଗୁଡ଼ିକରେ କ୍ୟାମେରା ମଧ୍ୟ ଲାଗିବ । ଅକ୍ଟୋବର ୭, ୨୦୨୩ରେ ହମାସ ଇସ୍ରାଏଲ ଉପରେ ସମାନ ଶୈଳୀରେ ଆକ୍ରମଣ ଆରମ୍ଭ କରିଥିଲା । ଆମେରିକାର ମଧ୍ୟପ୍ରାଚ୍ୟ ଫୋରମ୍‌ର ଏକ ରିପୋର୍ଟ ଅନୁଯାୟୀ, ଗାଜାରେ ଇସ୍ରାଏଲ ସହିତ ଦୁଇ ବର୍ଷର ଯୁଦ୍ଧ ପରେ ମଧ୍ୟପ୍ରାଚ୍ୟରେ ଧ୍ୱଂସ ହୋଇଯାଇଥିବା ହମାସ କାର୍ଯ୍ୟକର୍ତ୍ତାମାନେ ପାକିସ୍ତାନରେ ଆଶ୍ରୟ ନେଉଛନ୍ତି । ନିକଟରେ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଆତଙ୍କବାଦୀ ସଂଗଠନ ମଧ୍ୟରେ ହମାସର ନାମ ଉଲ୍ଲେଖ କରିଥିଲେ । ପ୍ରଥମ ଥର ପାଇଁ ଜଣେ ବରିଷ୍ଠ ସେନା ଅଧିକାରୀ ଜୈସ ଓ ଲସ୍କର-ଏ-ତୋଇବା ଭଳି ପାକିସ୍ତାନର ଆତଙ୍କବାଦୀ ସଂଗଠନ ସହ ହମାସର ନାମ ନେଇଥିଲେ । କୌତୂହଳର ବିଷୟ ହେଉଛି, ଭାରତ ଆନୁଷ୍ଠାନିକ ଭାବେ ହମାସକୁ ଆତଙ୍କବାଦୀ ସଂଗଠନ ଘୋଷଣା କରିନାହିଁ । ହମାସ, ଲସ୍କର-ଏ-ତୋଇବା, ଟିଆର୍‌ଏଫ୍ ଭଳି ଆତଙ୍କବାଦୀ ସଂଗଠନ ଭାରତ ପାଇଁ ଚିନ୍ତାର ସ୍ଥାୟୀ କାରଣ ହେବେ ବୋଲି ସେନା ମୁଖ୍ୟ ଅଗଷ୍ଟରେ ଆଇଆଇଟି-ମାଡ୍ରାସ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ କହିଥିଲେ । ଚଳିତ ବର୍ଷ ଫେବ୍ରୁଆରିରେ ପାକ୍ ଅଧିକୃତ କାଶ୍ମୀରରେ (ପିଓକେ) ଏକ 'ଭାରତ ବିରୋଧୀ' ସମ୍ମିଳନୀରେ ଯୋଗଦେବା ପରେ ହମାସ ଭାରତୀୟ ଗୁଇନ୍ଦା ଏଜେନ୍ସିର ରାଡାରରେ ଆସିଥିଲା । ଐତିହାସିକ ଭାବରେ କାଶ୍ମୀର ବିବାଦରେ ହମାସ ହସ୍ତକ୍ଷେପ କରିନାହିଁ । ତେବେ ଫେବ୍ରୁଆରି ୫ ତାରିଖରେ ପାକିସ୍ତାନରେ 'କାଶ୍ମୀର ଏକତା ଦିବସ' ଭାବେ ପାଳନ କରାଯାଉଥିବା ଭାଇରାଲ ଭିଡିଓରେ ଦେଖାଯାଇଥିଲା ଯେ ହମାସ ନେତାମାନଙ୍କୁ ଲସ୍କର-ଏ-ତୋଇବା, ଜୈସ୍ ଓ ଅନ୍ୟ ପାକିସ୍ତାନ ସମର୍ଥିତ ଆତଙ୍କବାଦୀ ସଂଗଠନ ରେଡ୍ କାର୍ପେଟ୍‌ରେ ସ୍ୱାଗତ କରିଛନ୍ତି । ଏହି ପ୍ରତିନିଧି ଦଳର ନେତୃତ୍ୱ ଇରାନରେ ହମାସର ପ୍ରତିନିଧି ଡ. ଖାଲିଦ ଅଲ-କାଦୋମି କରିଥିଲେ । ହମାସ ନେତାମାନେ ମଧ୍ୟ ଭାରତବିରୋଧୀ ଭାଷଣ ଦେଉଥିବାର ଦେଖାଯାଇଥିଲା । ବର୍ତ୍ତମାନ, ଦିଲ୍ଲୀ ବିସ୍ଫୋରଣ ମାମଲାରେ ଜୈସ-ହମାସର ସମ୍ଭାବ୍ୟ ସମ୍ପର୍କ ସାମ୍ନାକୁ ଆସିଛି । ଅନୁସନ୍ଧାନକାରୀମାନେ ବିଶ୍ୱାସ କରନ୍ତି ଯେ ଅଙ୍କାରାର ଜଣେ ଜୈସ ହ୍ୟାଣ୍ଡଲର୍ ଲାଲକିଲ୍ଲା ବିସ୍ଫୋରଣକାରୀ ଡ. ଉମର ସହ ସିଧାସଳଖ ଯୋଗାଯୋଗରେ ଥିଲା । ଡ. ଉମର ଓ ଫରିଦାବାଦ ଆତଙ୍କବାଦୀ ମଡ୍ୟୁଲର କିଛି ସଦସ୍ୟ ୨୦୨୨ରେ ତୁର୍କୀ ଯାତ୍ରା କରିଥିଲେ, ଯେଉଁଠାରେ ସେମାନେ ହ୍ୟାଣ୍ଡଲରଙ୍କୁ ଭେଟିଥିବା ଅଭିଯୋଗ ହୋଇଛି ।

## ପଶ୍ଚିମବଙ୍ଗ ଏସ୍‌ଆଇଆର୍: ନକଲି, ମୃତ ଭୋଟରଙ୍କୁ ଚିହ୍ନଟ ପାଇଁ ଏଆଇର ସାହାଯ୍ୟ ନେବ ଇସି



ନୂଆଦିଲ୍ଲୀ: ନକଲି କିମ୍ବା ମୃତ ଭୋଟରଙ୍କୁ ବାଦ୍ ଦେବା ପାଇଁ ପଶ୍ଚିମବଙ୍ଗରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସ୍‌ଆଇଆର୍) ସମୟରେ ନିର୍ବାଚନ ଆୟୋଗ କୃତ୍ରିମ ବୁଦ୍ଧିମତା (ଏଆଇ) ଭିତ୍ତିକ ଯାଞ୍ଚ ବ୍ୟବସ୍ଥା ପ୍ରଚଳନ କରିବାକୁ ଯାଉଛନ୍ତି ବୋଲି ମଙ୍ଗଳବାର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି । ଭୋଟର ଡାଟାବେସରେ ଥିବା ଫଟୋଗ୍ରାଫ୍ ମଧ୍ୟରେ ଚେହେରାର ସାଦୃଶ୍ୟକୁ ବିଶ୍ଳେଷଣ କରି, ଏଆଇ ସିଷ୍ଟମ୍ ଏକାଧିକ ସ୍ଥାନରେ ପଞ୍ଜୀକୃତ ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ କରିବାରେ ସାହାଯ୍ୟ କରିବ । ଅଧିକାରୀ ଜଣକ କହିଛନ୍ତି, ଭୋଟରଙ୍କ ଫଟୋର ଅପବ୍ୟବହାର ନେଇ ଅଭିଯୋଗ ସଂଖ୍ୟା ବୃଦ୍ଧି ପାଉଥିବାରୁ ଆମେ ଏଆଇର ସାହାଯ୍ୟ ନେଉଛୁ । ଏଆଇ-ସକ୍ଷମ ଫେସିଆଲ୍ ମ୍ୟାଚିଂ ଟେକ୍ନୋଲୋଜି ବ୍ୟବହାର କରାଯିବ । ଭୋଟର ତାଲିକାରେ ସମାନ ଫଟୋ ଏକାଧିକ ଥର ବ୍ୟବହାର ହୋଇଥିଲେ ତାହା ଧରାପଡ଼ିବ । ଭୋଟର ପଞ୍ଜୀକରଣ ସମୟରେ ପ୍ରବାସୀ ଶ୍ରମିକଙ୍କ ଫଟୋର ଅପବ୍ୟବହାର ଅଭିଯୋଗ ବୃଦ୍ଧି ପାଇବା ପରେ ଏହି ପଦକ୍ଷେପ ବିଶେଷ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି । ତେବେ ଯାଞ୍ଚ ପ୍ରକ୍ରିୟାରେ ବୁଥ୍-ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ପ୍ରମୁଖ ଭୂମିକା ଗ୍ରହଣ କରିବେ । ସେ କହିଛନ୍ତି, ଏଆଇ ଯାଞ୍ଚରେ ସାହାଯ୍ୟ କରିବ । କିନ୍ତୁ ଟେକ୍ନୋଲୋଜିର ବ୍ୟବହାର ସତ୍ତ୍ୱେ ବିଏଲ୍‌ଓଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ । ସେମାନେ ଘରକୁ ଘର ବୁଲି ସିଧାସଳଖ ଭୋଟରଙ୍କ ଫଟୋ ଉଠାଇବେ । ଅଧିକାରୀ କହିଛନ୍ତି ଯେ, ବିଏଲ୍‌ଏମାନେ ଭୋଟରଙ୍କଠାରୁ ହସ୍ତଲିଖିତ ବିବୃତି ମଧ୍ୟ ଗ୍ରହଣ କରିବେ ଯାହା ନିଶ୍ଚିତ କରିବ ଯେ ଫର୍ମଗୁଡିକ ସେମାନଙ୍କ ଉପସ୍ଥିତିରେ ପୂରଣ କରାଯାଇଛି । କଠୋର ଉତ୍ତରଦାୟିତ୍ୱ ମାନଦଣ୍ଡ ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ । ଗଣନା ଓ ଫର୍ମ ପୂରଣ ପରେ ଯଦି କୌଣସି ନକଲି କିମ୍ବା ମୃତ ଭୋଟର ଚିହ୍ନଟ ହୁଅନ୍ତି, ତେବେ ଏହାର ଦାୟିତ୍ୱ ସମ୍ପୃକ୍ତ ମତଦାନ କେନ୍ଦ୍ରର ବିଏଲ୍‌ଓଙ୍କ ଉପରେ ରହିବ ବୋଲି ସେ କହିଛନ୍ତି ।

# ଦ୍ୱିତୀୟ ଟେଷ୍ଟ ଖେଳିବେନି ଗିଲ୍ ଓ କୁଲଦୀପ

ନୂଆଦିଲ୍ଲୀ, ୧୮/୧୧ : ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ୨୨ନଭେମ୍ବରରୁ ଗୋହାଟିରେ ଖେଳାଯିବ ଦୁଇ ମ୍ୟାଚର ଟେଷ୍ଟ ସିରିଜ ପୂର୍ବରୁ ଏହି ମ୍ୟାଚରେ ଅତିଥି ଦଳ ଦକ୍ଷିଣ ଆଫ୍ରିକା ଟିମ୍ ଇଣ୍ଡିଆକୁ ହରାଇ ୧-୦ରେ ଆଗରେ ଅଛି ଏବେ ସିରିଜରେ କ୍ଲିନ ସ୍ୱିପରୁ ବର୍ତ୍ତିବା ଲାଗି ଭାରତୀୟ ଟିମ୍କୁ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଜିତିବାକୁ ପଡ଼ିବ ସୂଚନା ଅନୁସାରେ ଦ୍ୱିତୀୟ ଟେଷ୍ଟ ମ୍ୟାଚରେ ଅଧିନାୟକ ଶୁଭମନ ଗିଲ୍ ଏବଂ ଚାଇନାମ୍ୟାନ୍ ସ୍ପିନର କୁଲଦୀପ ଯାଦବଙ୍କ ଖେଳିବା ସହଜ ନୁହେଁ।

ପ୍ରକାଶ ଯେ, ଭାରତୀୟ ଟିମ୍ ୨୨ନଭେମ୍ବରରୁ ଗୁହାଟିରେ ଖେଳାଯିବାକୁ ଥିବା ଦିତ୍ୱୀୟ ଟେଷ୍ଟ ମ୍ୟାଚରେ ଶୁଭମନ୍ ଗିଲ ଖେଳିବା ନେଇ ଏବେ କେଣସି ନିଷ୍ପତ୍ତି ହୋଇନାହିଁ। ମାତ୍ର କେତେକ ଗଣମାଧ୍ୟମ ରିପୋର୍ଟ୍ସ ଅନୁସାରେ ଗିଲ୍ ଦ୍ୱିତୀୟ ଟେଷ୍ଟ ମ୍ୟାଚରେ ଖେଳିପାରିବେ ନାହିଁ । ତାଙ୍କ ସ୍ଥାନରେ ୱିକେଟକିପର ବ୍ୟାଟର ଋଷଭ ପନ୍ଥ ଟିମ୍ କୁ ଲିଡ୍ କରିବେ ।



ନିତୀଶ କୁମାର ରେଡ୍ଡୀଙ୍କୁ ପୂର୍ବରୁ ଟିମ୍ ଇଣ୍ଡିଆରୁ ରିଲିଜ୍ କରିଦିଆଯାଇଥିଲା । ଫଳରେ ସେ ଇଣ୍ଡିଆ-ଏ ଲାଗି ଖେଳିପାରିବେ ମାତ୍ର ଏବେ ପୁଣି ଥରେ ଟିମ୍ ଇଣ୍ଡିଆରେ ସାମିଲ୍ କରାଯାଇଛି। ସେ ଅଧିନାୟକ ଶୁଭମନ ଗିଲଙ୍କ ରିପ୍ଲେସମେଣ୍ଟ ଭାବେ ଟିମରେ ପୁଣି ଥରେ ଯୋଡ଼ି ହୋଇଛନ୍ତି। ଗିଲବି ଟିମ୍ ସହ ଗୁହାଟି ଯିବେ କିନ୍ତୁ ତାଙ୍କ ଖେଳିବା ସହଜ ନୁହେଁ ।

ସୂଚନା ଅନୁସାରେ, ଚାଇନାମ୍ୟାନ୍ ସ୍ପିନର କୁଲଦୀପ ଯାଦବ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟ ଖେଳିନପାରନ୍ତି। ଗଣମାଧ୍ୟମ ରିପୋର୍ଟ୍ସ ଅନୁସାରେ ନଭେମ୍ବର ଶେଷରେ କୁଲଦୀପ ଯାଦବଙ୍କ ବିବାହ ଅଟେ ଏଭଳି ସ୍ଥଳେ ସେ ଛୁଟିରେ ଯାଇପାରନ୍ତି ।ଏହା ବି କୁହାଯାଇଛି କି କୁଲଦୀପ ପୂର୍ବରୁ ହିଁ ବିସିସିଆଇକୁ ଲିଭ୍ ଲାଗି ଅନୁରୋଧ କରିସାରିଛନ୍ତି । ରିପୋର୍ଟ ଅନୁଯାୟୀ ଗୁଆହାଟୀର ବାରସାପାରା ଷ୍ଟାଡିୟମରେ ଖେଳାଯିବାକୁ ଥିବା ଦ୍ୱିତୀୟ ଟେଷ୍ଟ ପୂର୍ବରୁ ନୀତିଶ କୁମାର ରେଡ୍ଡୀଙ୍କୁ ଦଳରେ ପୁନଃସ୍ଥାପିତ କରାଯାଇଛି ସେ ନଭେମ୍ବର ୧୮ ତାରିଖରେ କୋଲକାତାରେ ଏକ ଇଚ୍ଛାଧୀନ ଅଭ୍ୟାସ ଅଧିବେଶନରେ ମଧ୍ୟ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି ନୀତିଶ କୁମାର ରେଡ୍ଡୀ ଦ୍ୱିତୀୟ ଟେଷ୍ଟ ପାଇଁ ଭାରତୀୟ ଦଳର ପ୍ଲେଇଂ ଇଲେଭେନରେ ଭାରତୀୟ ଅଧିନାୟକ ଶୁଭମନ ଗିଲଙ୍କ ସ୍ଥାନ ନେଇପାରନ୍ତି ଗିଲ୍ ପ୍ରଥମ ଟେଷ୍ଟ ସମୟରେ ଆହତ ହୋଇଥିଲେ ତାଙ୍କୁ ବେକରେ ସମସ୍ୟା ହୋଇଥିଲା, ଯାହା ଫଳରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ନୀତିଶ କୁମାର ରେଡ୍ଡୀ ୨୦୨୪ ଅଷ୍ଟ୍ରେଲିଆ। ଗସ୍ତ ସମୟରେ ଭାରତ ପାଇଁ ତାଙ୍କର ଟେଷ୍ଟ ଡେବ୍ୟୁ କରିଥିଲେ ୨୨ ବର୍ଷୀୟ ଏହି ଅଲରାଉଣ୍ଡର ଭାରତ ପାଇଁ ନଅଟି ଟେଷ୍ଟ ଖେଳିଛନ୍ତି, ଗୋଟିଏ ଶତକ ସହିତ ୩୮୬ ରନ କରିଛନ୍ତି ଏବଂ ଆଠଟି ୱିକେଟ ନେଇଛନ୍ତି ନୀତିଶ ୨୦୨୪ ଆଇପିଏଲରେ ତାଙ୍କର ପ୍ରଭାବଶାଳୀ ପ୍ରଦର୍ଶନ ପରେ ଚର୍ଚ୍ଚାକୁ ଆସିଥିଲେ

# କମାଲ୍ କଲେ ସେହ୍ୱାଗଙ୍କ ପୁଅ

ନୂଆଦିଲ୍ଲୀ, ୧୮।୧୧ : କ୍ରିକେଟରେ ବହୁତ କମ ପିତା-ପୁତ୍ର ଯୋଡ଼ି ଅଛନ୍ତି, ଯେଉଁମାନେ ଅନ୍ତର୍ଜାତୀୟ କ୍ରିକେଟରେ ଏକ ଗୁରୁତ୍ୱପୂର୍ଣ୍ଣ ଛାପ ସୃଷ୍ଟି କରିଛନ୍ତି। ହୁଏତ ଏପରି କୌଣସି ସ୍ଥାନରେ ନାହିଁ ଯେଉଁଠାରେ ପିତା ଏବଂ ପୁତ୍ର ଉଭୟ ସମାନ ଖେଳ ଶୈଳୀରେ ଭାଗ ନିଅନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ବୀରେନ୍ଦ୍ର ସେହ୍ୱାଗ ଏବଂ ତାଙ୍କ ପୁଅ ଆର୍ଯ୍ୟବୀର କୁଚ ବିହାର ଟ୍ରଫିର ଦିଲ୍ଲୀ ବନାମ ବିହାର ମ୍ୟାଚ୍‌ରେ, ଆର୍ଯ୍ୟବୀର ୭୨ ରନର ଏକ ଶକ୍ତିଶାଳୀ ଇନିଂସ ଖେଳି ବୋଲରମାନଙ୍କୁ ଧରାଶାୟୀ କରିଥିଲେ ଏବଂ ତାଙ୍କ ଦଳର ବିଜୟରେ ଗୁରୁପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଦିଲ୍ଲୀ ପ୍ରଥମେ ବ୍ୟାଟିଂ କରିବାକୁ ଆସିଥିଲା ଏହାପାଇଁ ଆର୍ଯ୍ୟବୀର ୧୨୦ ବଲରୁ ୭୨ ରନ କରିଥିଲେଙ୍ଫ ସେ ତାଙ୍କ ଇନିଂସରେ ୧୪ ଚଟୌକା ମାରିଥିଲେ ତାପରେ ଅଧିନାୟକ ପ୍ରଣବ ପନ୍ତ ୧୪୧ ବଲରୁ ୮୯ ରନର ଏକ ଇନିଂସ ସହିତ ଦିଲ୍ଲୀକୁ ଏକ ଦୃଢ଼ ସ୍ଥିତିରେ ପହଞ୍ଚାଇଥିଲେ। ଆର୍ଯ୍ୟବୀର ଏବଂ ପନ୍ତ ପ୍ରଥମ ଇନିଂସରେ ୧୪୭ ରନର ଭାଗୀଦାରି କରିଥିଲେ। ଦିଲ୍ଲୀ ପ୍ରଥମ ଇନିଂସରେ ୨୭୮ ରନ କରିଥିଲା, ଯାହା ପରେ ଦଳର ବୋଲରମାନେ ଚମତ୍କାର ପ୍ରଦର୍ଶନ କରି ବିହାରକୁ ୧୨୫ ରନରେ ଅଲଆଉଟ କରିଥିଲେ ପ୍ରଥମ ଇନିଂସରେ ୧୫୩ ରନର ଲିଡ ନେବା ପରେ, ଦିଲ୍ଲୀ ବିହାର ବିପକ୍ଷରେ ଫଲୋଅନ ଲାଗୁ କରିଥିଲା। ଭାରତୀୟ ଘରୋଇ କ୍ରିକେଟରେ, ଯେତେବେଳେ କୌଣସି ଦଳ ପ୍ରଥମ ଇନିଂସରେ ୧୫୦ ରୁ ଅଧିକ ରନର ଲିଡ ପାଏ, ସେତେବେଳେ ଏହା ପ୍ରତିପକ୍ଷ ବିପକ୍ଷରେ ଫଲୋଅନ ଲାଗୁ କରିପାରିବ ତଥାପି, ଅନ୍ତର୍ଜାତୀୟ କ୍ରିକେଟରେ, ୨୦୦ ରୁ ଅଧିକ ରନର ଲିଡ ପାଇଁ ଫଲୋଅନ ନିୟମ ପ୍ରଯୁଜ୍ୟ।

# ଏକୁଟିଆ ରହୁଛନ୍ତି ଯୁବରାଜଙ୍କ ବାପା

ଚଣ୍ଡୀଗଡ଼, ୧୮ ୧୧ : ପୂର୍ବତନ ଭାରତୀୟ କ୍ରିକେଟର ତଥା ଅଭିନେତା ଯୋଗରାଜ ସିଂହ ନିଜ ଜୀବନର ଗଭୀର ଏକଲାପଣ ଏବଂ ଭାବନାତ୍ମକ ଦୁଃଖ ବିଷୟରେ ଖୋଲାଖୋଲି ଭାବେ କହିଛନ୍ତି ।ପୂର୍ବରୁ ଭାରତ ପାଇଁ ଫାଷ୍ଟ ବୋଲର ଏବଂ କ୍ରିକେଟର ଯୁବରାଜ ସିଂହଙ୍କ ପିତା ଭାବରେ



ଜଣାଶୁଣା ଯୋଗରାଜ ସିଂହ ଏକ ସାକ୍ଷାତକାରରେ ନିଜର ଏକାକୀ, କ୍ଲାନ୍ତ ଏବଂ ବିଚ୍ଛିନ୍ନ ଜୀବନର ଚିତ୍ର ପ୍ରକାଶ କରିଛନ୍ତି। ୬୨ ବର୍ଷୀୟ ଯୋଗରାଜ ସିଂହ କହିଛନ୍ତି ଯେ ସେ ନିଜ ଜନ୍ମ ସହରରେ ଏକୁଟିଆ। ସମୟ ବିତାଉଛନ୍ତି ଏବଂ ତାଙ୍କ ଜୀବନରେ ଆଉ ଦେଖିବା କିମ୍ବା ଅନୁଭବ କରିବାକୁ କିଛି ବାକି ନାହିଁ ସେ କହିଛନ୍ତି, ମୁଁ ସନ୍ଧ୍ୟାରେ ଏକୁଟିଆ। ବସେ, ଘରେ କେହି ନାହାନ୍ତି ମୁଁ ଖାଦ୍ୟ ପାଇଁ ଅପରିଚିତ ଲୋକଙ୍କ ଉପରେ ନିର୍ଭର କରେ, କେତେବେଳେ ଜଣେ ତ କେତେବେଳେ ଆଉ ଜଣେ ଆଣି ଦିଅନ୍ତି ମୁଁ କାହାକୁ ବ୍ୟସ୍ତ କରେ ନାହିଁ ଯେତେବେଳେ ଭୋକ ଲାଗେ, କେହି ନା କେହି ମୋ ପାଇଁ ଖାଦ୍ୟ ଆଣନ୍ତି ମୁଁ ଘରୋଇ ସହାୟକ ଓ ରୋଷେୟା ରଖିଥିଲି, ସେମାନେ ସେବା କରି ଚାଲିଗଲେ

ଭାବପ୍ରବଣ ହୋଇ ସେ କହିଛନ୍ତି, ମୁଁ ମୋ ମାଆ, ପିଲାମାନେ, ବୋହୂ, ନାତିନାତୁଣୀ, ପରିବାରର ସମସ୍ତଙ୍କୁ ଭଲ ପାଏ କିନ୍ତୁ ମୁଁ କିଛି ମାଗେ ନାହିଁ ମୁଁ ମରିବା ପାଇଁ ପ୍ରସ୍ତୁତ ମୋ ଜୀବନ ସମ୍ପୂର୍ଣ୍ଣ ହୋଇଯାଇଛି, ଯେତେବେଳେ ଭଗବାନ ଚାହିଁବେ, ସେ ମୋତେ ତାଙ୍କ ସହିତ ନଇଯିବେ ମୁଁ ଭଗବାନଙ୍କ ନିକଟରେ କୃତଜ୍ଞ, ମୁଁ ପ୍ରାର୍ଥନା କରେ ଏବଂ ସେ ଦେଉଥାନ୍ତି ।ସିଂହ କହିଛନ୍ତି ଯେ ତାଙ୍କ ଜୀବନର ସବୁଠୁ ବଡ଼ ଆଘାତ ସେତେବେଳେ ଲାଗିଥିଲା, ଯେତେବେଳେ ଯୁବରାଜ ଏବଂ ତାଙ୍କ ମାଆ। (ଶବନମ୍ କୌର) ତାଙ୍କ ଘର ଛାଡ଼ି ଚାଲିଗଲେ ସେ କହିଛନ୍ତି ଯେ ସେ ଅସହାୟ ଅନୁଭବ କରିଥିଲେ ଏବଂ ଭାବୁଥିଲେ ଯେ ସେ ଭଲ ପାଉଥିବା ଲୋକମାନେ କାହିଁକି ତାଙ୍କୁ ଛାଡ଼ି ଚାଲିଯାଉଛନ୍ତି। ସେ କହିଛନ୍ତି, ଯେତେବେଳେ କଥା ଏପରି ହେଲା ଯେ ଯୁବି ଓ ତାଙ୍କ ମାଆ। ମୋତେ ଛାଡ଼ି ଚାଲିଗଲେ, ଏହା ମୋତେ ସବୁଠୁ ବଡ଼ ଆଘାତ ଦେଲା ଯେଉଁ ମହିଳାଙ୍କ ପାଇଁ ମୁଁ ମୋର ପୂରା ଜୀବନ, ମୋର ସବୁ ଯୌବନ ଉତ୍ସର୍ଗ କରିଦେଇଥିଲି, ସେମାନେ ବି ମୋତେ ଛାଡ଼ି ଚାଲିଯାଇପାରନ୍ତି କି ?ଉଲ୍ଲେଖଯୋଗ୍ୟ ଯେ ଯୋଗରାଜଙ୍କ କ୍ରିକେଟ୍ କ୍ୟାରିୟର ସଂକ୍ଷିପ୍ତ ଥିଲା, କିନ୍ତୁ ସେ ଜଣେ ଉତ୍ତମ ଫାଷ୍ଟ ବୋଲର ଭାବରେ ଜଣାଶୁଣା ଥିଲେ ଏବଂ ପରେ କୋଚ୍ ଭାବରେ ଯୁବରାଜ ସିଂହଙ୍କୁ ଜଣେ ମହାନ ଖେଳାଳି କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଛି।

# ଦିନିକିଆରେ ଅଧିନାୟକ ହେବେ ରୋହିତ !

ମୁମ୍ବାଇ, ୧୮।୧୧ : ଦକ୍ଷିଣ ଆଫ୍ରିକା ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ଦିନିକିଆ। ସିରିଜ୍ ପୂର୍ବରୁ ଭାରତୀୟ ଦଳ ଏକ ବଡ଼ ନେତୃ ସଙ୍କଟ ଦେଇ ଗତି କରୁଛି ନିୟମିତ ଅଧିନାୟକ ଶୁଭମନ ଗିଲ୍ ବେକରେ ଆଘାତ ଯୋଗୁଁ ଆଗାମୀ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ। ସିରିଜ୍‌ରୁ ବାଦ୍ ପଡ଼ିବାର ସମ୍ଭାବନା ରହିଛି। ସେ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟରୁ ମଧ୍ୟ ବାଦ୍ ପଡ଼ିବେ ବୋଲି କୁହାଯାଉଛି ।ଗିଲ୍ ବାଦ୍ ପଡ଼ିଲେ ଏବଂ ଉପ-ଅଧିନାୟକ ଶ୍ରେୟସ ଆୟର ଆହତ ଥିବାରୁ, ବର୍ତ୍ତମାନ କେ.ଏଲ୍. ରାହୁଲ୍ ଏବଂ ଟେଷ୍ଟ ଉପ-ଅଧିନାୟକ ଋଷଭ ପନ୍ତ ଅଧିନାୟକ ଦୌଡ଼ରେ ଆଗରେ ରହିଛନ୍ତି ।ଟାଇମ୍ସ ଅଫ୍ ଇଣ୍ଡିଆର ରିପୋର୍ଟ ଅନୁଯାୟୀ, ଅଧିନାୟକତ୍ୱର ଅଭିଜ୍ଞତା ଏବଂ ଦଳରେ ବରିଷ୍ଠତା ଯୋଗୁଁ କେ.ଏଲ୍. ରାହୁଲ୍ ଦିନିକିଆ। ସିରିଜ୍‌ରେ ଦଳର ନେତୃତ୍ୱ ନେବାର ଅଧିକ ସମ୍ଭାବନା ରହିଛି। ନଭେମ୍ବର ୩୦ (ରାଞ୍ଚି), ଡିସେମ୍ବର ୩ (ରାୟପୁର), ଏବଂ ଡିସେମ୍ବର ୬ (ବିଶାଖାପାଟଣା) ଡିସେମ୍ବର ୯ରୁ ୧୯ ପର୍ଯ୍ୟନ୍ତ କଟକ ସମେତ ପାଞ୍ଚଟି ସ୍ଥାନରେ ଖେଳାଯିବ।ଆହତରୁ ସୁସ୍ଥ ହେବା ପରେ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ରବୀନ୍ଦ୍ର ଜାଡେଜା ଦିନିକିଆ। ସିରିଜ୍‌ରେ ଦଳକୁ ଫେରିବାର ସମ୍ଭାବନା ରହିଛି ।ସିରିଜ୍ ପୂର୍ବରୁ ଚୟନକର୍ତ୍ତାମାନେ ଶୀଘ୍ର ନୂଆ। ଅଧିନାୟକଙ୍କ ନାମ ଘୋଷଣା କରିବେ ବୋଲି ଆଶା କରାଯାଉଛି।

# ଗିଲଙ୍କୁ ବିମାନରେ ବସିବା ମନା



ଗୌହାଟୀ, ୧୮ ୧୧ : ଟିମ ଇଣ୍ଡିଆର ଅଧିନାୟକ ଶୁବମନ ଗିଲ ଦ୍ୱିତୀୟ ଟେଷ୍ଟରୁ ବାଦ ପଡ଼ିବା ପ୍ରାୟ ନିଶ୍ଚିତ ଦ୍ୱିତୀୟ ଟେଷ୍ଟ ନଭେମ୍ବର ୨୨ରୁ ଗୌହାଟୀରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି ଏବଂ ସେ ଟିମ ଇଣ୍ଡିଆ। ସହିତ ଗୌହାଟୀ ଯାତ୍ରା କରିବେ ନାହିଁ ଡାକ୍ତରମାନେ ଗିଲଙ୍କୁ ବର୍ତ୍ତମାନ ପାଇଁ ବିମାନରେ ନ ଯିବାକୁ ପରାମର୍ଶ ଦେଇଥିବା ଜଣାପଡ଼ିଛି ଏହି କାରଣରୁ ସେ ଗୌହାଟୀ ଯାତ୍ରା କରୁନାହାଁନ୍ତି
କୋଲକାତାରେ ପ୍ରଥମ ଟେଷ୍ଟରେ ଏକ ଦମଦାର ପରାଜୟ ପରେ, ଦ୍ୱିତୀୟ ଟେଷ୍ଟ ଟିମ ଇଣ୍ଡିଆ। ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି ଗୌହାଟୀର ବାରବାଟୀ ଷ୍ଟାଡିୟମରେ ବିଜୟ ହେଉଛି ଭାରତ ପାଇଁ ସିରିଜ ପରାଜୟ ଏଡାଇବାର ଏକମାତ୍ର ଉପାୟ ତଥାପି ସେମାନେ ସେହି ନିଷ୍ପତ୍ତି ନେବା ପୂର୍ବରୁ, ଅଧିନାୟକଙ୍କ ଆଘାତ ଦଳର ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି।
ଶୁବମନ ଗିଲଙ୍କୁ ଆଗାମୀ ଚାରି ଦିନ ପାଇଁ ବିଶ୍ରାମ ନେବାକୁ ପରାମର୍ଶ ଦିଆଯାଇଛି ଡାକ୍ତରଙ୍କ ନିଷ୍ପତ୍ତି ପରେ, ଦ୍ୱିତୀୟ ଟେଷ୍ଟ ପାଇଁ ଦଳ ସହିତ ଗୌହାଟୀ ଯାତ୍ରା କରିବା ତାଙ୍କ ପାଇଁ କଷ୍ଟକର ହେବ ଗିଲଙ୍କ ଆଘାତର ପ୍ରତିଦିନ ମୂଲ୍ୟାଙ୍କନ କରାଯାଉଛି ଏବଂ ମଙ୍ଗଳବାର ଦିନ ଗୌହାଟୀ ଯାତ୍ରା ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇପାରେ।
କୋଲକାତା ଟେଷ୍ଟରେ ଭାରତର ପ୍ରଥମ ଇନିଂସରେ ବ୍ୟାଟିଂ କରୁଥିବା ସମୟରେ ଗିଲ ଆଘାତ ପାଇଥିଲେ ସେ ୩ ବଲ ରୁ ୪ ରନ କରି ବ୍ୟାଟିଂ କରୁଥିଲେ ଏବଂ ବେକ ଯନ୍ତ୍ରଣା ଅନୁଭବ କରିଥିଲେ ଏବଂ ତାଙ୍କୁ ରିଟାୟାର ହର୍ଟ ହେବାକୁ ପଡିଥିଲା ଆଘାତ ଯୋଗୁ ଗିଲ ଦ୍ୱିତୀୟ ଇନିଂସରେ ମଧ୍ୟ ବ୍ୟାଟିଂ କରି ନ ଥିଲେ
ଯଦଗିଲ ଗୌହାଟୀ ଟେଷ୍ଟରୁ ବାଦ୍ ପଡ଼ନ୍ତି, ତେବେ ଏହା ଅକ୍ଟୋବର ୨୦୨୪ ପରେ ପ୍ରଥମ ଥର ପାଇଁ ସେ କୌଣସି ଟେଷ୍ଟ ମ୍ୟାଚ ଖେଳିବେନି ସେତେବେଳେ ଗିଲ ନ୍ୟୁଜିଲାଣ୍ଡ ବିପକ୍ଷରେ ଟେଷ୍ଟ ଖେଳି ନ ଥିଲେ।

# ଜାନୁଆରୀ ୭ରୁ ଡବ୍ଲୁପିଏଲ୍
## ଫେବ୍ରୁଆରୀ ୩ରେ ଫାଇନାଲ୍

ମୁମ୍ବାଇ, ୧୮।୧୧ : ଆଗାମୀ ମହିଳା ପ୍ରିମିୟର ଲିଗ୍(ଡବ୍ଲ୍ୟୁପିଏଲ୍) ର ଚତୁର୍ଥ ସଂସ୍କରଣ ପାଇଁ ତାରିଖ ଓ ଭେନ୍ୟୁ ଚୂଡ଼ାନ୍ତ ହୋଇଛି। ଜାନୁଆରୀ ମାସ ୭ ତାରିଖରୁ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇ ଫେବ୍ରୁଆରୀ ମାସ ୭ ତାରିଖରେ ଶେଷ ହେବ ମୋଟ୍ ୨ଟି ଭେନ୍ୟୁରେ ଏଥର ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯିବ ମୁମ୍ବାଇର ଡିଇ ପାଟିଲ ଷ୍ଟାଡ଼ିୟମ୍ ଓ ଭଦୋଦରା କୋଟାମ୍ବି ଷ୍ଟାଡ଼ିୟମ୍‌ରେ ସମସ୍ତ ମ୍ୟାଚ୍ ଖେଳାଯିବ ଟୁର୍ଣ୍ଣାମେଣ୍ଟର କ୍ରୀଡ଼ାସୂଚୀ ଚୂଡ଼ାନ୍ତ ହୋଇ ନାହିଁ। ଡବ୍ଲ୍ୟୁପିଏଲର ପ୍ରଥମ ସଂସ୍କରଣକୁ ମୁମ୍ବାଇର ଦୁଇଟି ଗ୍ରାଉଣ୍ଡ ବ୍ରାବୋର୍ଣ୍ଣ ଓ ଡି ୱାଇ ପାଟିଲ ଷ୍ଟାଡ଼ିୟମରେ ଆୟୋଜନ କରାଯାଇଥିଲା। ଦ୍ୱିତୀୟ ସଂସ୍କରଣ ବେଙ୍ଗାଲୁରୁ ସ୍ଥିତ ଏମ ଚିନ୍ନାସ୍ୱାମୀ ଷ୍ଟାଡ଼ିୟମ୍ ଓ ଦିଲ୍ଲୀ ସ୍ଥିତ ଅରୁଣ ଜେଟଲୀ ଷ୍ଟାଡ଼ିୟମ୍‌ରେ ଆୟୋଜନ କରାଯାଇଥିଲା । ୨୦୨୫ ସିଜନ ୪ଟି ଗ୍ରାଉଣ୍ଡ ମୁମ୍ବାଇ, ଲକ୍ଷ୍ନୌ, ଭଦୋଦରା ଓ ବେଙ୍ଗାଲୁରୁରେ ଆୟୋଜନ କରାଯାଇଥିଲା ।

# କୁମାରବସ୍ତ ଲୋକନାଥଦେବ କ୍ରିକେଟ : ଅରିସାଲ ଓ ଶୁଆଙ୍ଗ ବିଜୟୀ

ଖୋର୍ଦ୍ଧା ୧୮।୧୧(ଏଜେନ୍ସି):ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳପଡିଆ। ଠାରେ ରାଇଜିଙ୍ଗଷ୍ଟାର କ୍ରିକେଟ କ୍ଲବ, କୁମାରବସ୍ତ ଆନୁକୂଲ୍ୟରେ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ର ପ୍ରଥମ ମ୍ୟାଚରେ ଅରିସାଲ ଦଳ କଲ୍ୟାଣପୁର କୁ ୪ ୱିକେଟ ରେ ପରାସ୍ତ କରିଛି। କଲ୍ୟାଣପୁର ଦଳ ପ୍ରଥମେ ବ୍ୟାଟିଂ କରି ପି ସାମନ୍ତରାୟ ଙ୍କ ୬୩ ରନ ସହାୟତାରେ ୧୬୧ ରନ ସଂଗ୍ରହ କରିଥିଲେ। ଜବାବରେ ଅରିସାଲ ଦଳ ପ୍ରବୀଣ ପରିଡା ଙ୍କ ୬୯ ରନ ସହାୟତା ରେ ୧୪ ଓଭର ରେ ୬ ୱିକେଟ ହରାଇ ୧୬୭ କରି ବିଜେତା ହୋଇଥିଲା ।ଶ୍ରେଷ୍ଠ ଖେଳାଳି ଭାବେ ପ୍ରବୀନ ପରିଡା ପୁରସ୍କୃତ ହୋଇଥିଲେ । ଦ୍ୱିତୀୟ ମ୍ୟାଚ ରେ ଶୁଅଙ୍ଗ ଦଳ ଭାଲିଆବାଡି ଦଳ କୁ ୩୫ ରନ ରେ ପରାଜିତ କରିଥିଲେ ।ପ୍ରଥମେ ବ୍ୟାଟିଂ କରି ଶୁଅଙ୍ଗ ଦଳ ନିର୍ଦ୍ଧାରିତ ୧୫ ଓଭର ରୁ ୯ ୱିକେଟ ହରାଇ ୧୪୩ ରନ ସଂଗ୍ରହ କରିଥିଲେ। ଜବାବରେ ଭାଲିଆବାଡ଼ି ଦଳ ୧୫ ଓଭର ରେ ୮ ଟି ୱିକେଟ ହରାଇ ୧୦୮ ରନ ରେ ସୀମିତ ରହିଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ଶୁଆଙ୍ଗ ଦଳର ବିଶ୍ୱଜିତ ମହାନ୍ତି ଙ୍କୁ ଅମରେନ୍ଦ୍ର ବରାଳ ଓ ନରେନ୍ଦ୍ର ବରାଳ ପୁରସ୍କୃତ କରିଥିଲ। ଖେଳଟିକୁ ପରିଚାଳନା କରୁଥିଲେ ସାନୁଜ ବିଶ୍ୱାଳ, ବି ବି ରାଉତରାୟ, ଶୋଭାକାର ପାତ୍ର ଓ ସୂର୍ଯ୍ୟ ପ୍ରତାପ ଗଜେନ୍ଦ୍ର ସ୍କୋରର ଦାୟିତ୍ୱରେ ପ୍ରକାଶ ସାହୁ,ଓ ଅମ୍ଳାନ ରାଉତରାୟ ରହିଥିଲେ ଭାଷ୍ୟକାର ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା,ପ୍ରଶାନ୍ତ ନାଟୁଆର ଓ ଅମୀୟ ପ୍ରଧାନ କାର୍ଯ୍ୟ କରିଥିଲେ କାଜଲ ବଳିୟାର ସିଂ ମ୍ୟାଚ ରେଫରୀ ଦାୟିତ୍ୱ ତୁଲାଇଥିଲେ। ବୁଧବାର ପ୍ରଥମ ମ୍ୟାଚ ପଲାଶପୁର ବନାମ ମେଣ୍ଢାଶାଳ ଏବଂ ଦ୍ୱିତୀୟ ମ୍ୟାଚ ଯଦୁପୁର ବନାମ ତମାଣ୍ଡୋ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଦୁର୍ଯ୍ୟୋଧନ ପରିଡା ଜଣାଇଛନ୍ତି।

ଗତକାଲି ଆଇ ଆର ବି ଦଳ ପାଇକତିଗିରିଆ। କୁ ୬୬ ରନ ରେ ପରାସ୍ତ କରିଛି । ଆଇ ଆର ବି ଦଳ ପ୍ରଥମେ ବ୍ୟାଟିଂ କରି ସୁଶୀଳ ପ୍ରଧାନ ଙ୍କ ୧୨୧ ରନ ସହାୟତାରେ ୧୫ ଓଭରରେ ୪ ୱିକେଟ ହରାଇ ୧୯୯ ରନ କରିଥିଲେ। ପ୍ରତ୍ୟୁତ୍ତରରେ ପାଇକତିଗିରିଆ। ଦଳ ସୋମନାଥ ପଲେଇ ଙ୍କ ୩୨ ରନ ସହାୟତାରେ ୧୫ ଓଭର ରୁ ୮ ୱିକେଟ ହରାଇ ୧୩୩ ରନ ରେ ସୀମିତ ରହିଥିଲେ। ଆଇ ଆର ବି ଦଳର ଧର୍ମେନ୍ଦ୍ର ପ୍ରଧାନ ୩ ଟି ୱିକେଟ ହାସଲ କରିଥିଲେଶ୍ରେଷ୍ଠ ଖେଳାଳି ଭାବେ ସୁଶୀଳ ପ୍ରଧାନ ଅତିଥି ଅବନୀକାନ୍ତ ସାମନ୍ତରାୟ ଙ୍କ ଠାରୁ ପୁରସ୍କୃତ ହୋଇଥିଲେ। ଦ୍ୱିତୀୟ ମ୍ୟାଚ ରେ କାଇପଦର ଦଳ ବୈଦେଶ୍ୱର ଦଳ କୁ ୮୨ ରନ ରେ ପରାଜିତ କରିଥିଲେ। ପ୍ରଥମେ ବ୍ୟାଟିଂ କରି କାଇପଦର ଦଳ ନିର୍ଦ୍ଧାରିତ ୧୫ ଓଭର ରୁ ୭ ୱିକେଟ ହରାଇ ୧୪୫ ରନ ସଂଗ୍ରହ କରିଥିଲେ। ଜବାବରେ ବୈଦେଶ୍ୱର ଦଳ ୧୦ ଓଭର ରେ ସମସ୍ତ ୱିକେଟ ହରାଇ ୬୩ ରନରେ ସୀମିତ ରହିଥିଲେ। ଶ୍ରେଷ୍ଠ ଖେଳାଳି ଭାବେ କାଇପଦର ଦଳର କୁଲଦୀପ ପାଇକରାୟ ଙ୍କୁ ଅତିଥି ଦିବ୍ୟସିଂହ ପାତ୍ର, ଭ୍ରମରବର ସାମନ୍ତରାୟ, ପ୍ରତାପ ମହାପାତ୍ର ପୁରସ୍କୃତ କରିଥିଲେ। ଏହି ଟୁର୍ନାମେଣ୍ଟ କୁ ଜିଲ୍ଲା ପରିଷଦ ଅଧକ୍ଷା ରୂପଶ୍ରୀ ରାଣୀ ଗୁମାନ ସିଂ,ଟାଙ୍ଗୀଆପଡା ସରପଞ୍ଚ ସ୍ୱର୍ଣ୍ଣପ୍ରଭା ସେଠୀ ଉପସ୍ଥିତ ରହି ଉଦଘାଟନ କରିଥିଲେ।

## ରଙ୍ଗାମାଟିଆରେ ଆଞ୍ଚଳିକ ଗ୍ରାମାଞ୍ଚଳ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ହୃଦୁରାମପୁର ଚମ୍ପିୟାନ

ଚମ୍ପୁଆ : କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ରଙ୍ଗାମାଟିଆ ପଞ୍ଚାୟତ ଅନ୍ତର୍ଗତ ରଙ୍ଗାମାଟିଆ ଗ୍ରାମ ମା ତାରିଣୀ କ୍ଲବ ଆନୁକୂଲ୍ୟରେ ଦ୍ୱିତୀୟ ବାର୍ଷିକ ଆଞ୍ଚଳିକ ଗ୍ରାମାଞ୍ଚଳ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗ୍ରାମ ତଥା ଆଞ୍ଚଳରୁ ୧୬ ଟି ଦଳ ଅଂଶ ଗ୍ରହଣ କରିଥିଲେ। ଶୁକ୍ରବାର ଦିନ ଉଦଯାପନୀ ଫାଇନାଲ ଖେଳରେ ହାସଦା ଏଫ. ସି ମ୍ୟାକ୍ଷକମିଳନପୁର ଓ ହୃଦରାମପୁର ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦୀତା ସଂଘର୍ଷ ମୂଳକ ଖେଳ ହୋଇଥିଲା। ହୃଦରାମପୁର ୦୨-୦୧ ଗୋଲ ବ୍ୟବଧାନରେ ହାସଦା ଏଫ. ସି ମ୍ୟାକ୍ଷକମିଳନପୁର କୁ ହରାଇ ଚମ୍ପିୟାନ ହୋଇଛି । ଖେଳ କୁ ରେଫରୀ ଯତୀନ ମହାନ୍ତ, ଶଙ୍କର୍ଷଣ ନାୟକ, ନୀତିଶ କୁମାର ମହାନ୍ତ ପରିଚାଳନା କରିଥିବାବେଳେ ଯୁବ ଭାଷ୍ୟକାର ଲୋହିତ ରଞ୍ଜନ ନାୟକ, ସୂର୍ଯ୍ୟା ମୁଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ । ଉଦଯାପନୀ ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ନିର୍ବାଚନ ମଣ୍ଡଳୀର ଲୋକପ୍ରିୟ ବିଜେପି ଜନନେତା,ବିଜେପି କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଂଯୋଜକ ତଥା କେନ୍ଦୁଝର ଜିଲ୍ଲା ପୂର୍ବତନ କାର୍ଯ୍ୟକାରିଣୀ ସଦସ୍ୟ ବରିଷ୍ଠ ସମାଜ ସେବୀ କୁମାର ତ୍ରିପାଠୀଙ୍କ ସହିତ ସମ୍ମାନିତ ଅତିଥି ଭାବେ ୧୫ନଂ ଯତନ ଜିଲ୍ଲାପରିଷଦ ସଦସ୍ୟା ଶ୍ରୀମତି ରାମଣୀ ନାୟକ, ଶିକ୍ଷାବିତ ନୀଳମଣି ନାୟକ, ଯୁବ ସଂଗଠକ ଦିବାକର ମହାନ୍ତ,ସରୋଜ ପ୍ରଧାନ, କାଙ୍ଗାଳି ମହାରଣା , ବଳରାମ ନାଏକ, ରଶ୍ମିତା ମହାନ୍ତ, ଯଦୁମଣି ନାୟକ, ଜର୍ମାନୀ ମହାନ୍ତ, ଦାଶରଥି ମହାକୁଡ଼ ପିତାମ୍ବର ନାୟକ, ଅଜିତ କୁମାର ନାୟକ ପ୍ରମୁଖ ଯୋଗଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ। ସର୍ବ ପ୍ରଥମେ ମୁଖ୍ୟ ଅତିଥି ଶ୍ରୀ ତ୍ରିପାଠୀଙ୍କ ସମେତ ସମସ୍ତ ଅତିଥିମାନଙ୍କୁ ଗ୍ରାମବାସୀ ମହିଳାମାନେ ପୁଷ୍ପ ଗୁଚ୍ଛ ଓ ଉତ୍ତୋରୀୟ ଦେଇ ବଡ଼ ଆଡମ୍ବର ସହିତ ନୃତ୍ୟ ବାଦ୍ୟ, ନାଚ଼ଗୀତ, ବାଣ ଫୁଟୁକା, ଶଙ୍ଖ ହୁଳହୁଳି ବନ୍ଦାପନା କରି ଗାଁ ଛକରୁ ପାଛୋଟି ମଞ୍ଚ ନିକଟକୁ ଆଣିଥିଲେ। ମୁଖ୍ୟଅତିଥି ଶ୍ରୀ ତ୍ରିପାଠୀ ତାଙ୍କ ଅଭିଭାଷଣରେ ଗ୍ରାମାଞ୍ଚଳ ଖେଳାଳୀ ମାନଙ୍କ କ୍ରୀଡା ପ୍ରତିଭାର ବିକାଶ ରେ ଭିତ୍ତିଭୂମିର ସୁଦୃଢ଼ୀକରଣ ଓ ପ୍ରୋତ୍ସାହନ ଉପରେ ଆଲୋକପାତ କରି ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ରାଜ୍ୟ ସରକାର କ୍ରୀଡାକୁ ଗୁରୁତ୍ୱ ଦେବା ସହିତ ବିଜେପି ସରକାର ଖେଳ ପଡିଆର ଉର୍ନତିକରଣ ଉପରେ ଧ୍ୟାନ ଦେଇ କ୍ରୀଡା ପ୍ରତିଭାକୁ ଉପଯୁକ୍ତ ଯଥା ସମ୍ମାନ ଦେଉଥିବା ଉଲେଖ କରିଥିଲେ ଏବଂ ଆଗାମୀ ଦିନରେ ଉକ୍ତ ଖେଳ ପଡିଆଟି ର କିପରି ଉନ୍ନତି କରଣ କରାଯାଇ ପାରିବ ସେ ବିଷୟରେ ଆଲୋକପାତ କରିଥିଲେ ।

# ରଣଜୀ : ସ୍ୱସ୍ତିକ ଓ ଶୁଭ୍ରାଂଶୁଙ୍କ ଶତକ





ଭୁବନେଶ୍ୱର, ୧୮।୧୧ : କିଟ୍ କ୍ରିକେଟ୍ ଷ୍ଟାଡିୟମ୍‌ରେ ଚାଲିଥିବା ଓଡ଼ିଶା-ନାଗାଲାଣ୍ଡ୍ ରଣଜୀ ଟ୍ରଫି ମ୍ୟାଚ୍‌ର ତୃତୀୟ ଦିନରେ ଭଲ ସ୍ଥିତିରେ ରହିଛି। ଦ୍ୱିତୀୟ ଦିନ ମୋଟ ୧୫ ୱିକେଟ୍‌ର ପତନ କାରଣରୁ ରୋମାଞ୍ଚ ବଢ଼ିଯାଇଥିଲା। ହେଲେ ତୃତୀୟ ଦିବସରେ ଓଡ଼ିଆ ତାରକା ସ୍ୱସ୍ତିକ ସାମଲ ଓ ଶୁଭ୍ରାଂଶୁ ସେନାପତିଙ୍କ ଶତକ କାରଣରୁ ଓଡ଼ିଶା ଭଲ ସ୍ଥିତିରେ ରହିଛି। ଓଡ଼ିଶା ୩୫୦ ରନ୍‌ରେ ୫ ୱିକେଟ ହରାଇ ପାଳି ଘୋଷଣା କରିଛି। ଫଳରେ ଭ୍ରମଣକାରୀ ନାଗାଲାଣ୍ଡକୁ ବିଶାଳ ୪୬୫ ରନ୍ ଟାର୍ଗେଟ ମିଳିଛି। ଜବାବରେ ଷ୍ଟମ୍ପ ଅପସାରଣ ବେଳକୁ ନାଗାଲାଣ୍ଡ ୧ ୱିକେଟ ହରାଇ ୪୧ ରନ୍ କରିଛି।

ପ୍ରଥମ ପାଳି ଭଳି ଓଡ଼ିଶା ଦ୍ୱିତୀୟ ପାଳି ମଧ୍ୟ ଭଲରେ ଆରମ୍ଭ ହୋଇନଥିଲା। ରାଜ୍ୟ ବାହାର ଖେଳାଳି ଗେରବ ଚେଧୁରୀ (୭)ଙ୍କୁ ମଧ୍ୟମଗତି ବୋଲର ବିନୋ ଝିମୋମି ବୋଲ୍ଡ କରି ଦେଇଥିଲେ ନାଇଟ୍ ୱାଚ୍‌ମ୍ୟାନ୍ ତଥା ପଦାର୍ପଣକାରୀ ୱିକେଟ୍‌ରକ୍ଷକ ସାନ ପହରିୟା (୦)ଙ୍କୁ ବାମହାତୀ ସ୍ପିନର୍ ଇମଲିତି ଲେମଟୁର ଏଲ୍‌ବିଡବ୍ଲ୍ୟୁ କରିଦେବା ସହ ଦ୍ୱିତୀୟ ଦିନର ଷ୍ଟମ୍ପ ହୋଇଥିଲା। ଯୁବ ଓପନର୍ ସ୍ୱସ୍ତିକ ସାମଲ (୯ଅପରାଜିତ, ୧୪ ବଲ୍) ବ୍ୟାଟିଂ କରିଥିଲେ। ଆଜି ସ୍ୱସ୍ତିକ ଓ ଶୁଭ୍ରାଂଶୁ ୩ୟ ୱିକେଟ ପାଇଁ ୨୬୧ ରନ୍ ଯୋଗ କରିଥିଲେ। ସ୍ୱସ୍ତିକ ୧୬୯ ରନ୍ ଓ ଶୁଭ୍ରାଂଶୁ ସେନାପତି ୧୩୭ ରନ୍ କରିଥିଲେ। ଚଳିତ ଋତୁରେ ଓଡ଼ିଶା ବ୍ୟାଟର୍ ଏକ ଶତକ ପାଇବା ଏବଂ ପ୍ରଥମ ପାଳିରେ ଅଗ୍ରଣୀ ନେବା ଭଳି ଦୁଇଟି ପ୍ରଥମ ଅର୍ଜନ କରିଛନ୍ତି। ଦ୍ୱିତୀୟ ଥର ପାଇଁ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଅଲ୍‌ଆଉଟ୍ ବି କରିଛନ୍ତି ଓଡ଼ିଶା ବୋଲର୍ ସୋମବାର ଦ୍ୱିତୀୟ ଦିବସରେ ଓଡ଼ିଶା ପ୍ରଥମ ପାଳି ୨୭୫ ରନ୍‌ରେ ଶେଷ ହୋଇଯାଇଥିଲା । ଯୁବ ବ୍ୟାଟର୍ ଅନିଲ ପରିଡ଼ା ନିଜ ଖେଳ ଜୀବନର ତୃତୀୟ ପାଳିରେ ଶତକ (୧୧୮ଅପରାଜିତ) ଅର୍ଜନ କରି ଚମତ୍କୃତ କରି ଦେଇଛନ୍ତି ।ଏହା ପରେ ଓଡ଼ିଶା ବୋଲର୍‌ମାନେ ମିଳିତ ଭାବେ ନାଗାଲାଣ୍ଡ୍ ପ୍ରଥମ ପାଳିକୁ ୧୬୧ ରନ୍‌ରେ ଶେଷ କରି ଦେଇଥିଲେ ମଧ୍ୟ ଦ୍ୱିତୀୟ ଦିନ ଷ୍ଟମ୍ପ ବେଳକୁ ନିଜ ଦ୍ୱିତୀୟ ପାଳିରେ ଘରୋଇ ଦଳ ୧୬ ରନ୍‌ରେ ୨ ୱିକେଟ୍ ହରାଇ ପୁଣି ପ୍ରାରମ୍ଭିକ ସଙ୍କଟରେ ପଡ଼ିଥିଲା। ରବିବାର ଓଡ଼ିଶାର ୩୪/୪ ସ୍ଥିତିରୁ ଦଳକୁ ବାହାର କରିଥିବା ଅନିଲ ପରିଡ଼ା (୧୧୮ ଅପରାଜିତ, ୨୯୭ ବଲ୍, ୯ ଚେକା, ୧ ଛକା) ତାଙ୍କ ଖେଳ ଜୀବନର ପ୍ରଥମ ଶତକ ଅର୍ଜନ କରିଥିଲେ। ଏଥି ସହିତ ପ୍ରଥମ ତିନି ପାଳିରୁ ୨୨୫ ହାରାହାରିରେ ପହଞ୍ଚି ବିଳମ୍ବିତ ସୁଯୋଗ ପାଇଁ ଦଳୀୟ ପରିଚାଳକଙ୍କୁ ଶକ୍ତ ଚାପୁଡ଼ା ସଦୃଶ ହୋଇଛି ।ବିପ୍ଳବ ସାମନ୍ତରାୟ (୯୨)ଙ୍କ ସହ ମିଶି ସେ ପଞ୍ଚମ ୱିକେଟ୍‌ରେ ଯୋଡ଼ିଥିବା ୧୭୯ ରନ୍ ଭାଗୀଦାର ଏବେ ନିର୍ଣ୍ଣାୟକ ହେବାକୁ ଯାଉଛି। ସୋମବାର ସକାଳେ ଓଡ଼ିଶା ୨୪୩/୭ରୁ ଖେଳିବା ପରେ ୯୮ଅପରାଜିତ ରନ୍‌ରେ ଥିବା ଅନିଲ ସିଙ୍ଗଲ୍ ରନ୍ ଉପରେ ଅଧିକ ନିର୍ଭର କରିଥିଲେ। ଏପରିକି ଅନ୍ୟ ପଟେ ୱିକେଟ୍ ପତନ ସତ୍ତ୍ୱେ ସେ ନିଜ ଶତକ ପୂର୍ଣ୍ଣ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଓଡ଼ିଶା ସୋମବାର ମାତ୍ର ୩୨ ରନ୍ ଯୋଡ଼ି ଶେଷ ୩ ୱିକେଟ୍ ହରାଇଥିଲା। ଏହା ମଧ୍ୟରୁ ୨୦ ରନ୍ ଥିଲା ଅନିଲଙ୍କ ବ୍ୟାଟ୍‌ରୁ ନାଗାଲାଣ୍ଡ ପ୍ରଥମ ପାଳି ଭଲରେ ଆରମ୍ଭ କରିଥିଲା ନାଗାଲାଣ୍ଡ୍‌ର ପେସାଦାର ଖେଳାଳି କର୍ଣ୍ଣାଟକର ନିଶ୍ଚଳ ଡିଗା (୧୨୨ ବଲ୍‌ରୁ ୭୨ ରନ୍) ୪୪ତମ ଓଭର ପର୍ଯ୍ୟନ୍ତ ବ୍ୟାଟିଂ କରିଥିଲେ। ତେବେ ପ୍ରଥମ ୱିକେଟ୍ ପାଇଁ ୫୨ ରନ୍ କରିଥିବା ନାଗାଲାଣ୍ଡକୁ ସମ୍ବିତ ବରାଳ ପ୍ରଥମ ଝଟ୍‌କା ଦେବା ପରେ ଭ୍ରମଣକାରୀ ଦଳ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇଥିଲା। ଗୋବିନ୍ଦ ପୋଦ୍ଦାର ଲଗାତାର ୨ ୱିକେଟ୍ ଅକ୍ତିଆର କରିବା ପରେ ରାଜେଶ ମହାନ୍ତି ଗୋଟିଏ ଓଭରରେ ୩ ୱିକେଟ୍ ନେଇ ନାଗାଲାଣ୍ଡ୍‌ର ଫଣା କାଟି ଦେଇଥିଲେ। ୪୪ତମ ଓଭରର ପ୍ରଥମ ବଲ୍‌ରେ ନିଶ୍ଚଳ, ତୃତୀୟ ବଲ୍‌ରେ ଚେତନ ବିଷ୍ଟ ଓ ଚତୁର୍ଥ ବଲ୍‌ରେ ତୋହୁକା ଝିମୋଙ୍କୁ ବୋଲ୍ଡ କରିଦେବା ସବୁଠାରୁ ରୋମାଞ୍ଚକ ମୁହୂର୍ତ୍ତ ଆଣି ଦେଇଥିଲା।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ